NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
25 APRIL 2025
ଶୁକ୍ରବାର
୨୫ ଏପ୍ରିଲ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 335 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ • ସଂଖ୍ୟା ୩୩୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

# ଫୋକସ୍‌ରେ ଗାଁ ବିକାଶ, ଖସଡ଼ା ପ୍ରସ୍ତୁତ

**ଭୁବନେଶ୍ୱର,ପୁରୀ,୨୪।୪/ଏନ୍ଏନ୍ଏସ୍:**



- ୬ ଲକ୍ଷ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ
- ୨ ଲକ୍ଷରୁ ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ରାଶି
- ୩୧୪ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର
- ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଦକ୍ଷେପ ନେଉଛୁ: ମୁଖ୍ୟମନ୍ତ୍ରୀ

ଦେଶର ସମୁଦାୟ ଜନସଂଖ୍ୟାର ପ୍ରାୟ ୬୯% ଗ୍ରାମାଞ୍ଚଳରେ ବସବାସ କରୁଥିବାବେଳେ ଓଡ଼ିଶାରେ ୮୩% ଲୋକ ଗାଁରେ ବସବାସ କରନ୍ତି । ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ନାହିଁ, ସେତେଦିନ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ବିକାଶ ଅସମ୍ଭବ । ତେଣୁ ଆମ ସରକାର ଗାଁ ବିକାଶ ଉପରେ ଫୋକସ୍ ଦେଇଛନ୍ତି । ସେଥିପାଇଁ ପ୍ରସ୍ତୁତ ହେଉଛି ଖସଡ଼ା ।

ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଏହା ମତବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା । ୧୯୯୩ ଏପ୍ରିଲ ୨୪ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଥିଲା । ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଆମେ ଏହି ଦିବସଟିକୁ ପାଳନ କରୁଛୁ । ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାରେ ଜନ ସହଭାଗିତା ବୃଦ୍ଧି ନିମନ୍ତେ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଭାରତ ସରକାର ଅଗ୍ରାଧିକାର ଦେଉଛନ୍ତି । ଆମ ରାଜ୍ୟରେ ଲୋକମାନଙ୍କ ମୌଳିକ ସମସ୍ୟା ଦୂରକରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥା ଦୃଢ଼ତାର ସହ କାମ କରୁଛି । ଗତ ୩ ବର୍ଷ ଧରି ଆମ ରାଜ୍ୟର ଅନେକ ଗ୍ରାମପଞ୍ଚାୟତ ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ଆଜି ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ଓଡ଼ିଶା ମାଟି ନାରୀମାନଙ୍କ ସାମଗ୍ରିକ ବିକାଶର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପ୍ରୟୋଗଶାଳା ହୋଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମହିଳା ପଞ୍ଚାୟତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପାଇଁ ତତ୍ପର ହୋଇ କାମ କରୁଛନ୍ତି । ଗତ ପ୍ରାୟ ୩ ଦଶନ୍ଧି ଧରି ପଞ୍ଚାୟତିରାଜ ବ୍ୟବସ୍ଥା ଅନେକ ଜାତୀୟସ୍ତରୀୟ ଓ ରାଜ୍ୟସ୍ତରୀୟ ନେତୃତ୍ୱକୁ ଜନ୍ମଦେଇଛି । ଉଦାହରଣ ସ୍ୱରୂପ ସେ ନିଜେ ମଧ୍ୟ ୧୯୯୭ ପଞ୍ଚାୟତ ପ୍ରତିନିଧି ଭାବେ ଜନସେବାରେ ଯୋଗଦେଇଛନ୍ତି । ପଞ୍ଚାୟତସ୍ତରରୁ ପ୍ରତିନିଧି ଭାବେ ଆସିଥିବା ଜନ ପ୍ରତିନିଧିମାନେ ତୃଣମୂଳ ସ୍ତରର ସମସ୍ୟାକୁ ହୃଦୟଙ୍ଗମ କରିଥାନ୍ତି । ପଞ୍ଚାୟତ ସ୍ତରରେ ଅନେକ ବିକାଶମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେଉଛି । ବିଗତ ଅଢ଼େଇ ଦଶନ୍ଧିରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଗ୍ରାମସଭା ଓ ପଲ୍ଲିସଭାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରି ଦିଆଯାଇଥିଲା । ଆମ ସରକାର ବ୍ୟବସ୍ଥା କରିଛନ୍ତି ଗ୍ରାମସଭା ଓ ପଲ୍ଲୀସଭାରେ ଗ୍ରାମବାସୀ ହିଁ ନିଷ୍ପତ୍ତି ନେବେ ଗାଁର ଉନ୍ନତି ପାଇଁ । ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସବୁପ୍ରକାର ପଦକ୍ଷେପ ନେଉଛନ୍ତି । ବିଜୁଳି, ସଡ଼କ, ପାଣି ପରି ଭିତ୍ତିଭୂମି ହେଉଛି ▶▶ ୫

### ଲିଫ୍ଟରେ ଚାପିହୋଇ ରୋଗୀ ମୃତ

## ସୁସ୍ଥ ହେବାକୁ ଆସିଥିଲେ, ଶବ ହୋଇ ଫେରିଲେ

**ଭଦ୍ରକ,୨୪।୪/ଏନ୍ଏନ୍ଏସ୍:**

ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିବା ଜଣେ ମହିଳା ରୋଗୀ ଲିଫ୍ଟରେ ଚାପିହୋଇ ମୃତ୍ୟୁବରଣ କରିଛନ୍ତି । ମୃତ ମହିଳା ରାନ୍ଦୀଆ ପଞ୍ଚାୟତ ନରସିଂହପୁର ଗ୍ରାମର ମିନତୀ ପରିଡ଼ା (୫୫ବର୍ଷ) । ସେ ଶ୍ୱାସ ଓ ଗଳଗଣ୍ଡ ରୋଗରେ ପୀଡ଼ିତ ହୋଇ ୧୦୮ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଡାକ୍ତରଖାନାକୁ ଆସିଥିଲେ । ତାଙ୍କୁ ମହିଳା ମେଡିସିନ୍ ୱାର୍ଡକୁ ନେବାବେଳେ ସେ ଲିଫ୍ଟରେ ଚାପିହୋଇ ଯାଇଥିଲେ । ଏହି ଘଟଣାକୁ ନେଇ ଡାକ୍ତରଖାନାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି ଓ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଡାକ୍ତରଖାନାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଲିଫ୍ଟରେ ଅଟକି ରହିଥିବା ମହିଳାଙ୍କ ମୃତଦେହ ଉଦ୍ଧାର କରିବାକୁ ଦମକଳ ବାହିନୀ ଆସି ସେଠାରେ ପହଞ୍ଚିଥିଲେ । ଖବର ପାଇ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ସିଡିଏମ୍ଓ ସୁଧାଂଶୁ ବଳ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପ୍ରମୁଖ ମେଡିକାଲରେ ପହଞ୍ଚି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ଆଶ୍ୱାସନା ଦେଇଥିଲେ । ଅନ୍ୟପକ୍ଷରେ ଏନେଇ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବଳ କହିଛନ୍ତି, ଲିଫ୍ଟ ସେନ୍ସର୍‌ରେ ତ୍ରୁଟି ଯୋଗୁ ଏଭଳି ଘଟଣା ଘଟିଛି । ତେଣେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବିରେ ମୃତ ମହିଳାଙ୍କ ପରିବାରବର୍ଗ ମୃତଦେହ ରଖି ଲିଫ୍ଟ ଆଗରେ ଧାରଣାରେ ବସିଛନ୍ତି । ତେବେ ପୀଡ଼ିତ ପରିବାରଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଜିଲ୍ଲପାଳ ପ୍ରତିଶ୍ରୁତି ଦେଇଛନ୍ତି ।

### ୪୫ ବର୍ଷ ପରେ...

## ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା




**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:**

**ଦେଶର ୧୦୭ତମ ସହ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନ**

୪୫ ବର୍ଷ ପରେ ଶିମିଳିପାଳକୁ ମିଳିଲା ଜାତୀୟ ଉଦ୍ୟାନ ମାନ୍ୟତା । ୧୯୮୦ ମସିହାରେ ଶିମିଳିପାଳକୁ ଏହି ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ମଞ୍ଜୁରୀରେ ବିଳମ୍ବ ହୋଇଆସୁଥିଲା । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କାର୍ଯ୍ୟଭାର ଗ୍ରହଣ କରିବା ପରେ ଏହାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ । ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ଘୋଷଣା ସହିତ ▶▶ ୫

## ଦ୍ୱିଗୁଣିତ ହେଲା ପୁଲିସ କର୍ମଚାରୀଙ୍କ ପୋଷାକ ଭତ୍ତା

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:**

**କନଷ୍ଟେବଲ, ହାବିଲଦାର ଓ ସିପାହୀଙ୍କ 'ଏକ୍ସ୍ଟ୍ରା ଡ୍ୟୁଟି ପ୍ରୋତ୍ସାହନ ରାଶି'ରେ ବି ବୃଦ୍ଧି**

ଇନ୍ସପେକ୍ଟରଙ୍କ ପୋଷାକ ଭତ୍ତା ବାର୍ଷିକ ୪୩୦୦ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର୍ ଓ ଏଏସ୍ଆଇଙ୍କ ପୋଷାକ ଭତ୍ତା ବାର୍ଷିକ ୪୨୦୦ରୁ ୮୪୦୦ଟଙ୍କା, ହାବିଲଦାର, କନଷ୍ଟେବଲ ଓ ସିପାହୀଙ୍କ ପାଇଁ ୫୦୦୦ରୁ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସର ଏକ୍ସ ଆର୍ମି କର୍ମଚାରୀଙ୍କ ପାଇଁ ପୋଷାକ ଭତ୍ତାର ପରିମାଣ ବାର୍ଷିକ ୫୯୦୦ରୁ ୧୧,୮୦୦ଟଙ୍କାକୁ ବୃଦ୍ଧି ପାଇଛି । ଏହି ପଦବୀର ସମାନ ର୍‍ୟାଙ୍କର କର୍ମଚାରୀ ଓ ଅଧିକାରୀଙ୍କୁ ମଧ୍ୟ ଏହି ପରିମାଣରେ ଭତ୍ତା ମିଳିବ । ସେହିପରି ▶▶ ୫

## ପ୍ରଶାନ୍ତଙ୍କ ଶେଷ ଯାତ୍ରାରେ ମୁଖ୍ୟମନ୍ତ୍ରୀ ସାମିଲ

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:**



**ପରିବାରକୁ ୨୦ ଲକ୍ଷ ଟଙ୍କା ସହାୟତା, ପତ୍ନୀଙ୍କୁ ନିଯୁକ୍ତି**

**ପୁଅର ପାଠପଢ଼ା ଖର୍ଚ୍ଚ ବହନ କରିବେ ସରକାର**

କାଶ୍ମୀରର ପେହଲଗାମଠାରେ ଆତଙ୍କବାଦୀଙ୍କ ଗୁଳିର ଶିକାର ହୋଇ ମୃତ୍ୟୁବରଣ କରିଥିବା ଓଡ଼ିଆ ପର୍ଯ୍ୟଟକ ପ୍ରଶାନ୍ତ ଶତପଥିଙ୍କ ଶେଷ ଯାତ୍ରାରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ଏହି ଅବସରରେ ପ୍ରଶାନ୍ତଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଦେବା ସହ ପତ୍ନୀଙ୍କୁ ନିଯୁକ୍ତି ଓ ପୁଅର ପାଠପଢ଼ା ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଛନ୍ତି ।

ଗୁରୁବାର ସକାଳେ ବାଲେଶ୍ୱର ଜିଲ୍ଲାର ଇସାଣି ଗାଁରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତ ପ୍ରଶାନ୍ତ ଶତପଥିଙ୍କ ପାର୍ଥିବ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଶେଷ ସମ୍ମାନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଶାନ୍ତଙ୍କ ଶବାଧାର ସହ ଶ୍ମଶାନକୁ ଯାଇ ଶେଷଦର୍ଶନ କରିଥିଲେ ।

ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ପରିବାରର ଦୁଃଖ ଦେଖି 'ମୁଁ ଗଭୀର ମର୍ମାହତ' । ସେହିପରି ଆତଙ୍କବାଦୀ ଘଟଣାର ତୀବ୍ର ନିନ୍ଦାକରି ମୁଖ୍ୟମନ୍ତ୍ରୀ କହିଥିଲେ, ଉଗ୍ରପନ୍ଥୀଙ୍କ କାର୍ଯ୍ୟ ଅତ୍ୟନ୍ତ ଅମାନବୀୟ ଓ କାପୁରୁଷୋଚିତ । ମୋଦୀଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

### ଗାଧୋଇବା ବେଳେ ଅଘଟଣ

## ମହାନଦୀରେ ବୁଡ଼ି ୨ ମୃତ

**କଟକ,୨୪।୪/ଏନ୍ଏନ୍ଏସ୍ :**

ମହାନଦୀର ଯୋବ୍ରା ଆନିକଟ ନିକଟରେ ଗୁରୁବାର ଅପରାହ୍ଣ ଦୁଇଟା ସମୟରେ ଗାଧୋଉଥିଲା ବେଳେ ୨ଜଣଙ୍କର ମୃତ୍ୟୁ ହୋଇଛି । ତେବେ ବୁଡ଼ି ଯାଉଥିବା ଅନ୍ୟଜଣଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ମୃତକ ଦ୍ୱୟ ହେଲେ ଯୋବ୍ରା ନଦୀକୂଳ ସାହିର ନାବାଳକ ସାଇ ବେହେରା(୧୪) ଓ ପିଙ୍କୁନ୍ ଜେନା(୨୨) ଏବଂ ସୁରକ୍ଷିତ ଉଦ୍ଧାର ନାବାଳକ ଜଣକ ହେଲେ ନଦୀକୂଳ ସାହିର ବିଶ୍ୱଜିତ ଦାସ (୧୩) । ତେବେ ଅଗ୍ନିଶମ ବାହିନୀ ଦୀର୍ଘ ଏକ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ଦୁଇଜଣଙ୍କ ମୃତଦେହକୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପୁଲିସ କଟକ ବଡ଼ ଡାକ୍ତରଖାନା ପଠାଇଛି । ବିଶ୍ୱଜିତଙ୍କୁ ଚିକିତ୍ସା



ପାଇଁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ ଯେ ମହାନଦୀର ଯୋବ୍ରା ଆନିକଟ ନିକଟକୁ ନଦୀକୂଳ ସାହିର ସାଇ, ପିଙ୍କୁନ୍ ଓ ବିଶ୍ୱଜିତ୍‌ଙ୍କ ସମେତ ୬ଜଣ ଗାଧୋଇବାକୁ ଯାଇଥିଲେ । ସେମାନେ ନଦୀରେ ପହଁରୁଥିବା ବେଳେ ▶▶ ୫

## ୨ଦିନ ପ୍ରବଳ ତାତି, ରବିବାରଠୁ ବର୍ଷା

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:**

ରାଜ୍ୟରେ ତାତି ଅସହ୍ୟ ହୋଇପଡ଼ିଥିବା ବେଳେ ଆସନ୍ତା ୨ ଦିନ ଯାଏ ତାତି କଲବଲ କରିବ । ଫଳରେ ଅସମ୍ଭାଳ ତାତିକୁ ନେଇ ଜନଜୀବନ ପୁଣି ହେବ ଅସ୍ତବ୍ୟସ୍ତ । ବାୟୁମଣ୍ଡଳରେ ଥିବା ପ୍ରଚୁର ଜଳୀୟବାଷ୍ପ ପ୍ରଭାବରେ ଉପକୂଳରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ତେବେ ମିଳିଥିବା ସୂଚନା ଅନୁସାରେ, ଦୁଇଦିନ ପରେ ପାଗରେ ବଡ଼ ପରିବର୍ତ୍ତନ ହେବ । ରବିବାରଠାରୁ ବର୍ଷା ସମ୍ଭାବନା ରହିଥିବାରୁ ୧ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ରହିପାରେ କାଳବୈଶାଖୀ ବର୍ଷାର ପ୍ରଭାବ । କେବଳ ବର୍ଷା ନୁହେଁ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ଓ ଝଡ଼ପବନ ହେବାର ମଧ୍ୟ ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ପାଇଁ ପ୍ରବଳ ତାତିକୁ ନେଇ ନେଇ ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର, ସୋନପୁର ଓ ସୁନ୍ଦରଗଡ଼ ଏହି ▶▶ ୫

### ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ

## କେନ୍ଦ୍ରକୁ ବିରୋଧୀଙ୍କ ପୂର୍ଣ୍ଣ ସମର୍ଥନ



**ଆମେ ସମସ୍ତେ ଏକାଠି ଅଛୁ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କର: ଖର୍ଗେ**

**ଆମେ ଆତଙ୍କବାଦ ବିରୋଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରୁ: ରାହୁଲ**

**ଭାରତ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍: ଓୱୈସୀ**

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ଉପରେ ବ୍ୟାପକ ବିଚାରବିମର୍ଶ ପାଇଁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାମିଲ୍ ହୋଇଥିବା ସମସ୍ତ ବିରୋଧୀ ଦଳଗୁଡ଼ିକ ଦଳଗତ ବିବାଦ ତଥା ମତଭେଦରୁ ଊର୍ଦ୍ଧ୍ୱକୁ ଉଠି କେନ୍ଦ୍ର ସରକାରଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଆତଙ୍କବାଦୀଙ୍କ ବିରୋଧରେ କେନ୍ଦ୍ର ସରକାର ଯାହା କିଛି ବି ନିଷ୍ପତ୍ତି ନେବେ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସେଥିରେ ସମସ୍ତ ରାଜନୈତିକ ଦଳ ସମର୍ଥନ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି । ସାମ୍ପ୍ରତିକ ସ୍ଥିତିରେ ଭାରତକୁ ଆତଙ୍କବାଦ ବିରୋଧରେ ଏକଜୁଟ୍ ହୋଇ ଲଢ଼େଇ ଲଢ଼ିବାକୁ ହେବ ବୋଲି ବିରୋଧୀଦଳଗୁଡ଼ିକ ମତବ୍ୟକ୍ତ କରିଛନ୍ତି । ତେବେ ଆଜିର ଏହି ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ବିରୋଧୀ ଦଳର କିଛି ନେତା ପ୍ରଶ୍ନ ଉଠାଇଥିଲେ, କିନ୍ତୁ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଯୋଗୁ ମୋଦୀ ବୈଠକରେ ଯୋଗ ଦେଇପାରୁନଥିବା ବିଜେପିର ବରିଷ୍ଠ ନେତାମାନେ ସ୍ପଷ୍ଟ କରିଥିଲେ ।

ଅନ୍ୟପକ୍ଷେ ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ସୂଚନା ଦେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ କହିଛନ୍ତି ଯେ ବୈଠକରେ କେନ୍ଦ୍ର ସରକାର ସୁରକ୍ଷା ଏବଂ ଗୁପ୍ତଚର କ୍ଷେତ୍ରରେ ହୋଇଥିବା ତ୍ରୁଟିକୁ ସ୍ୱୀକାର କରିଛନ୍ତି । କଂଗ୍ରେସ ସମେତ ବୈଠକରେ ଉପସ୍ଥିତ ସମସ୍ତ ବିରୋଧୀ ଦଳ ଆତଙ୍କବାଦ ବିରୋଧରେ ଭାରତର ଏହି ଲଢ଼େଇରେ ଏକତା ପ୍ରଦର୍ଶନ କରିଛନ୍ତି ଏବଂ ସରକାରଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଛିଡ଼ା ହେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କେବଳ ଖର୍ଗେ ନୁହଁନ୍ତି କଂଗ୍ରେସ ସାଂସଦ ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏଆଇଏମ୍ଆଇଏମ୍ ସାଂସଦ ଅସାଉଦ୍ଦିନ୍ ଓୱୈସୀ, ଆପ୍ ସାଂସଦ ସଞ୍ଜୟ ସିଂହ, ଟିଏମ୍‌ସି ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ ପ୍ରମୁଖ ମଧ୍ୟ ସମାନ କଥା ଦୋହରାଇଛନ୍ତି । ବିଭିନ୍ନ ଦଳର ନେତାମାନେ ଏକ ସାଧାରଣ ଭାବନା ପ୍ରକାଶ କରିବା ପୂର୍ବକ 'ଆମେ ସମସ୍ତେ ଏକାଠି ଅଛୁ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କର' ବୋଲି ସରକାରଙ୍କୁ ▶▶ ୫

## ୧୧୯୧ କୋଟିର ଅକ୍ଷୟଶକ୍ତି ପ୍ରକଳ୍ପକୁ ଅନୁମୋଦନ



**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:**

ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି -୨୦୨୨ ଆଧାରରେ ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୧୧୯୧.୪୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରାପ୍ତ ହୋଇଛି । ଏହା ସବୁଜଶକ୍ତି ପ୍ରକଳ୍ପ ସ୍ଥାପନ ଉଦେଶ୍ୟରେ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ୯୫.୭ ମେଗାୱାଟ୍ କ୍ଷମତାର ୨ଟି ପବନ ଶକ୍ତି ପ୍ରକଳ୍ପ, ୫୩.୯୭ ମେଗାୱାଟ୍ କ୍ଷମତାର ୪ଟି ଭୂମି ଆଧାରିତ ସୌର ଶକ୍ତି ପ୍ରକଳ୍ପ ଓ ୦.୬ ମେଗାୱାଟ୍ କ୍ଷମତାର ପ୍ରଥମ ବ୍ୟାଟେରୀ ଷ୍ଟୋରେଜ୍ ପ୍ରକଳ୍ପ ।

ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଓଡ଼ିଶାରେ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଥିବା ପ୍ରାକୃତିକ ସମ୍ଭାବନାଗୁଡ଼ିକର ସଦ୍‌ବ୍ୟବହାର ହୋଇପାରିବ ଏବଂ ରାଜ୍ୟ ଅକ୍ଷୟ ଶକ୍ତି ନୀତି-୨୦୨୨ ଅନ୍ତର୍ଗତ ଲକ୍ଷ୍ୟଗୁଡ଼ିକ ପୂରଣ ପାଇଁ ମଧ୍ୟ ସହାୟକ ହେବ । ଏହି ଅବସରରେ ବିଶାଲ କୁମାର ଦେବ, ସ୍ଥାୟୀ ଅର୍ଥନୈତିକ ପ୍ରଗତି ନିମନ୍ତେ ଅକ୍ଷୟ ଶକ୍ତିର ମହତ୍ତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ପୁଞ୍ଜି ନିବେଶକୁ ସୁଗମ କରିବା ଏବଂ ଅନୁମୋଦିତ ପ୍ରକଳ୍ପଗୁଡ଼ିକର ଠିକ ସମୟରେ ▶▶ ୫



# ରାଷ୍ଟ୍ରପତିଙ୍କୁ ଭେଟିଲେ ଶାହ-ଜୟଶଙ୍କର

## ଭାରତ ନେବ କି ପହଲଗାମ୍ ପ୍ରତିଶୋଧ ?



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଘନୀଭୂତ ହେଉଥିବା ବେଳେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏବଂ କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର। ରାଷ୍ଟ୍ରପତି ଭବନରେ ଶ୍ରୀମତୀ ମୁର୍ମୁଙ୍କୁ ଭେଟି ୨ କେନ୍ଦ୍ରମନ୍ତ୍ରୀ ପହଲଗାମ୍ ଆକ୍ରମଣ ସମ୍ପର୍କରେ ଅବଗତ କରାଇଛନ୍ତି। ତେବେ ଗୋଟିଏ ପଟେ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହାପୂର୍ବରୁ ଦୁଇ ମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ହଠାତ୍ ଭେଟିବାକୁ ନେଇ ଅନେକ କଳ୍ପନାଜଳ୍ପନା କରାଯାଉଛି। ଆଗକୁ ପାକିସ୍ତାନ ବିରୋଧରେ ଏବଂ ଆତଙ୍କବାଦ ବିରୋଧରେ ଭାରତ ଏକ ବଡ ଆକ୍ସନ ନେବ ବୋଲି ଅନୁମାନ କରାଯାଉଛି। ଭାରତର ରାଷ୍ଟ୍ରପତି ୩ ସେନାବାହିନୀଙ୍କ ମୁଖ୍ୟ ଥିବାବେଳେ ପହେଲଗାମ୍ ପ୍ରତିଶୋଧ ପାଇଁ କିଛି ଅନୁମତି ନେବାକୁ ରାଷ୍ଟ୍ରପତିଙ୍କୁ ଶାହ ଓ ଜୟଶଙ୍କର ଭେଟିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ବିଏସ୍ଏଫ୍ ଯବାନଙ୍କୁ ଅଟକ ରଖିଲେ ପାକିସ୍ତାନୀ ରେଞ୍ଜର୍ସ

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଛି। ଏଭଳି ସମୟରେ ଫିରୋଜପୁରର ଭାରତ-ପାକିସ୍ତାନ ସୀମାରେ ମୁତୟନ ଜଣେ ବିଏସଏଫ୍ ଯବାନ ଭୁଲବଶତଃ ସୀମା ଅତିକ୍ରମ କରି ପାକିସ୍ତାନରେ ପହଞ୍ଚିଯାଇଥିଲେ। ଏହି ଘଟଣା ପରେ ପାକିସ୍ତାନୀ ରେଞ୍ଜର୍ସମାନେ ତାଙ୍କୁ ଉଠାଇ ନେଇଥିବା ସୂଚନା ମିଳିଛି। ବିଏସ୍ଏଫ୍ ଯବାନଜଣକ ଫସଲ ଅମଳ କରୁଥିବା ଚାଷୀମାନଙ୍କ ଉପରେ ନଜର ରଖିବା ପାଇଁ ଯାଇଥିବା ବେଳେ ଭୁଲବଶତଃ ପାକ ସୀମା ଅତିକ୍ରମ କରିଯାଇଥିଲେ। ତେବେ ବିଏସଏଫ ଅଧିକାରୀମାନେ ସୀମାରେ ପହଞ୍ଚି ଯବାନ୍‌ଙ୍କୁ ମୁକ୍ତ କରିବା ପାଇଁ ସୀମାରେ ପାକ୍ ରେଞ୍ଜର୍ସଙ୍କ ସହ ଆଲୋଚନା କରିଛନ୍ତି। ପ୍ରକାଶ, ଜିରୋ ଲାଇନ ପୂର୍ବରୁ ଏହି ଅଞ୍ଚଳରେ ଚାଷୀମାନଙ୍କୁ ଚାଷ କରିବାର ଅନୁମତି ଦିଆଯାଇଛି। ଏହା ସତ୍ତ୍ୱେ ବିଏସଏଫ୍ ଯବାନମାନେ ଫସଲ ବୁଣା ଏବଂ ଅମଳ ସମୟରେ ସୁରକ୍ଷା ଦୃଷ୍ଟିରୁ ଚାଷୀଙ୍କ ସହିତ ରହିଥାଆନ୍ତି। ବିଏସଏଫ୍ ଯବାନଙ୍କୁ ଚାଷୀଙ୍କ ରକ୍ଷକ ମଧ୍ୟ କୁହାଯାଏ।

## ଭାରତର କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ବିଚଳିତ

# ବନ୍ଦ କଲା ଆକାଶପଥ, ରଦ୍ଦ କଲା ୧୯୭୨ ଶିମ୍ଲା ଚୁକ୍ତି



ଭାରତର ସିନ୍ଧୁ ଜଳ ଚୁକ୍ତିନାମା ରଦ୍ଦ କରିବା ନିଷ୍ପତ୍ତି ବିରୋଧରେ ଦେଲା ଚେତାବନୀ

**ଇସଲାମାବାଦ୍, ୨୪।୪/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ପକ୍ଷରୁ ଦିନକ ପୂର୍ବେ କୂଟନୈତିକ ସ୍ତରରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନ ବିଚଳିତ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ଭାରତ ବିରୋଧରେ ପାକିସ୍ତାନ ଏବେ କେତେକ କାଉଣ୍ଟର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସମ୍ପର୍କରେ ସୂଚନା ମିଳିଛି। ଗୁରୁବାର ପାକିସ୍ତାନ ସରକାର ଏବଂ ସେନା ମିଳିତ ଭାବେ ଏକ ବୈଠକ କରିଛନ୍ତି ଏବଂ ଏଥିରେ ଭାରତ ବିରୋଧରେ କେତେକ ନିଷ୍ପତ୍ତି ମଧ୍ୟ ଗହଣ କରିଛନ୍ତି। ରିପୋର୍ଟ ଅନୁସାରେ ପାକିସ୍ତାନ ପ୍ରଥମତଃ ଭାରତ ପାଇଁ ନିଜ ଆକାଶପଥକୁ ବନ୍ଦ କରିଦେଇଛି। ପାକିସ୍ତାନ ଏବେ ଭାରତ ପଟୁ ଆକ୍ରମଣ ଆଶଙ୍କା କରୁଥିବା ବେଳେ ନିଜ ଆକାଶମାର୍ଗକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ସେହିପରି ଦ୍ୱିତୀୟରେ ପାକିସ୍ତାନ ୧୯୭୨ ମସିହାରେ ଭାରତ ସହ ହୋଇଥିବା ଶିମ୍ଲା ଚୁକ୍ତିକୁ ମଧ୍ୟ ରଦ୍ଦ କରିଛି। ତୃତୀୟ କାର୍ଯ୍ୟାନୁଷ୍ଠାନ ଭାବେ ପାକିସ୍ତାନ ମଧ୍ୟ ଭାରତୀୟଙ୍କ ପାଇଁ ଉଦ୍ଦିଷ୍ଟ ଭିସାବ୍ୟବସ୍ଥାକୁ ରଦ୍ଦ କରିଛି ଏବଂ ଭାରତୀୟଙ୍କୁ ପାକିସ୍ତାନ ଛାଡିବାକୁ ମହଲତ ଦେଇଛି। ଭାରତ ଯେଉଁ ସିନ୍ଧୁ ଜଳ ଚୁକ୍ତିନାମାକୁ ରଦ୍ଦ କରିବା ନେଇ ଘୋଷଣା କରିଛି ପାକିସ୍ତାନ ଏହାକୁ ଆକ୍ଟ ଅଫ୍ ୱାର' ଭାବେ ଅଭିହିତ କରିଛି। ଏସବୁ ସହ ପାକିସ୍ତାନ ଭାରତ ସହ ସବୁପ୍ରକାର ବାଣିଜ୍ୟିକ କାରବାରକୁ ମଧ୍ୟ ବାତିଲ କରିଛି।

ପାକିସ୍ତାନ ପକ୍ଷରୁ ଏନେଇ ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ, ବୈଠକରେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍, ବିଲାୱାଲ୍ ଭୁଟ୍ଟୋଙ୍କ ସହ ଦେଶର ସେନା ମୁଖ୍ୟ ଜେନେରାଲ ମୁନିର ଏବଂ ଅନ୍ୟ ସାମରିକ ମୁଖ୍ୟ ତଥା ଅନ୍ୟ ନେତା ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ 'ପାକିସ୍ତାନର ସାର୍ବଭୌମତ୍ୱ ଏବଂ ଏହାର ଲୋକଙ୍କ ସୁରକ୍ଷା ପ୍ରତି ଯେକୌଣସି ବିପଦର ମୁକାବିଲା ସମସ୍ତ କ୍ଷେତ୍ରରେ ଦୃଢ଼ ପାରସ୍ପରିକ ପଦକ୍ଷେପ ସହିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଭାରତ ପରି, ପାକିସ୍ତାନ ମଧ୍ୟ ଭାରତ ଏବଂ ପାକିସ୍ତାନ ଶାସିତ କାଶ୍ମୀର ଉଭୟ ଅଂଶକୁ ନିଜର ବୋଲି ଦାବି କରେ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ପାକିସ୍ତାନ ମଧ୍ୟ ନିନ୍ଦା କରୁଛି। କିନ୍ତୁ ଏହାକୁ ଆଳକରି ଭାରତ ଯଦି ଆକ୍ରମଣ କରେ କିମ୍ବା ଅନ୍ୟ କୌଣସି କାଯ୍ୟାନୁଷ୍ଠାନ ପାଇଁ ସାମାନ୍ୟତମ ସ୍ତରରେ ମଧ୍ୟ ଅଗ୍ରସର ହୁଏ ତେବେ ପାକିସ୍ତାନ ମଧ୍ୟ ଚୁପ୍ ରହିବ ନାହିଁ। ପାକିସ୍ତାନକୁ ସିନ୍ଧୁ ନଦୀ ଜଳବନ୍ଦ କରିବା କିମ୍ବା ଏହାର ଦିଗକୁ ଅନ୍ୟତ୍ର ପରିବର୍ତ୍ତନ କରିବା ପାଇଁ ଯେକୌଣସି ପ୍ରୟାସକୁ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରାଯିବ।

ପ୍ରକାଶ, ଦିନକ ପୂର୍ବେ ଭାରତ ସରକାର ପାକିସ୍ତାନ ବିରୋଧରେ ୫ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଘୋଷଣା କରିଥିଲେ। ଏହି ୫ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟରେ ଭାରତ ସରକାର ପାକିସ୍ତାନ ସହ ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରିଛନ୍ତି। ସେହିପରି ଭାରତ ସରକାର ସାର୍କ ଭିସା ରଦ୍ଦ କରିବା ସହ ଭାରତ ଛାଡିବାକୁ ପାକ୍ ନାଗରିକଙ୍କୁ ୪୮ ଘଣ୍ଟାର ମହଲତ ଦେଇଛନ୍ତି। ଏତଦ୍‌ବ୍ୟତୀତ ଅଟ୍ଟାରୀ-ୱାଘା ଚେକ୍‌ପୋଷ୍ଟ ବନ୍ଦ କରିବା, ପାକ୍ ଦୂତାବାସ ବନ୍ଦ କରିବା ସହ ୭ଦିନରେ ଦୂତାବାସ ଖାଲି କରିବାକୁ ମଧ୍ୟ ନିର୍ଦ୍ଦେଶ ଜାରି କରିଛନ୍ତି। ଇସଲାମାବାଦ୍ ସ୍ଥିତ ଭାରତୀୟ ଦୂତାବାସ ଅଧିକାରୀଙ୍କୁ ସ୍ୱଦେଶ ଫେରିବାକୁ ମଧ୍ୟ ଭାରତ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ସମ୍ବନ୍ଧୀତ କେନ୍ଦ୍ର କ୍ୟାବିନେଟ୍ ଏନେଇ ନିଷ୍ପତ୍ତି ନେଇଥିଲେ।

### ଶିମ୍ଲା ଚୁକ୍ତି କ'ଣ ?

ଭାରତ ଉପରେ ଏହାର କି ପ୍ରଭାବ ପଡ଼ିବ ?

୧୯୭୧ ମସିହାରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ ପରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଚୁକ୍ତି ଥିଲା। ୨ ଜୁଲାଇ ୧୯୭୨ରେ ସ୍ୱାକ୍ଷରିତ ଏହି ଚୁକ୍ତିନାମାକୁ ଶିମ୍ଲା ଶାନ୍ତି ଚୁକ୍ତିନାମା ଭାବେ ମଧ୍ୟ ବିବେଚନା କରାଯାଏ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶାନ୍ତି ପୁନଃସ୍ଥାପନ ଏବଂ ସମ୍ପର୍କ ସ୍ୱାଭାବିକ କରିବା ପାଇଁ ଏହା ଚୁକ୍ତିନାମା ଉଦ୍ଦିଷ୍ଟ ଥିଲା। ୧୯୭୧ ଯୁଦ୍ଧ ପୂର୍ବ ପାକିସ୍ତାନକୁ ବିଭାଜିତ କରିଥିଲା ଏବଂ ଭାରତୀୟ ହସ୍ତକ୍ଷେପ ପରେ ସ୍ୱାଧୀନ ବାଂଲାଦେଶର ସୃଷ୍ଟି ହୋଇଥିଲା। ହିମାଚଳ ପ୍ରଦେଶର ସିମଳାରେ ସ୍ୱାକ୍ଷରିତ ଏହି ଚୁକ୍ତିନାମା ତତ୍କାଳୀନ ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ପାକିସ୍ତାନୀ ରାଷ୍ଟ୍ରପତି ଜୁଲଫିକର ଅଲି ଭୁଟ୍ଟୋଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା।

# ବଢୁଛି ଦ୍ୱିପାକ୍ଷିକ ଉତ୍ତେଜନା





## ଆଇଏନ୍ଏସ୍ ସୁରତ୍'ର ସଫଳ ପରୀକ୍ଷଣ କଲା ଭାରତ

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣକୁ କେନ୍ଦ୍ର କରି ଭାରତ-ପାକିସ୍ତାନ ମଧ୍ୟରେ ଏବେ ଦ୍ୱିପାକ୍ଷିକ ଉତ୍ତେଜନା ତୀବ୍ରତର ହୋଇଛି। ଏପରି ଏକ ସମୟରେ ଭାରତ ନୌସେନାର କ୍ଷେପଣାସ୍ତ୍ର ବିଧ୍ୱଂସକ 'ଆଇଏନ୍ଏସ୍ ସୁରତ'ର ସଫଳ ପରୀକ୍ଷଣ କରିଛି। ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ପ୍ରାୟ ୭୦ କିଲୋମିଟର ରହିଥିବା ବେଳେ ଜଳମାର୍ଗରେ ଏହା ଶତ୍ରୁପକ୍ଷରୁ ଜାହାଜଗୁଡ଼ିକୁ ନିମିଷକ ମଧ୍ୟରେ ଧ୍ୱଂସ କରିଦେବାର ସାମର୍ଥ୍ୟ ରଖୁଛି। ଭାରତୀୟ ନୌସେନା ପକ୍ଷରୁ ଏସମ୍ପର୍କରେ ଦିଆଯାଇଥିବା ସୂଚନାନୁସାରେ ସର୍ବଶେଷ ସ୍ୱଦେଶୀ କ୍ଷେପଣାସ୍ତ୍ର ବିଧ୍ୱଂସକ ଜାହାଜ 'ଆଇଏନ୍ଏସ୍ ସୁରତ' ସମୁଦ୍ରରେ ଅବସ୍ଥିତ ଏକ ଲକ୍ଷ୍ୟସ୍ଥଳ ଉପରେ ସଠିକ୍ ଆକ୍ରମଣ କରିଛି। ଏହା ନୌସେନାର ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ସଫଳତା ସ୍ୱଦେଶୀ ଯୁଦ୍ଧଜାହାଜ ଡିଜାଇନ, ବିକାଶ ଏବଂ କାର୍ଯ୍ୟରେ ଭାରତର ବର୍ଦ୍ଧିତ ଶକ୍ତିକୁ ପ୍ରଦର୍ଶନ କରେ ଏବଂ ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭରଶୀଳତା ପ୍ରତି ଦେଶର ପ୍ରତିବଦ୍ଧତାକୁ ରେଖାଙ୍କିତ କରେ। ନୌସେନା କହିଛି, ଏହି 'ମାଇଲଖୁଣ୍ଟ' ଦେଶର ସାମୁଦ୍ରିକ ସ୍ୱାର୍ଥର ସୁରକ୍ଷା ପାଇଁ ସୁରକ୍ଷାବାହିନୀର 'ଅଟଳ ପ୍ରତିବଦ୍ଧତା'ର ଏକ ପ୍ରମାଣ। ତେବେ କେବଳ ଆଇଏନ୍ଏସ୍ ସୁରତ୍ ନୁହେଁ ବରଂ ଏକାଧିକ ସାମରିକ ପରୀକ୍ଷଣ ଦିଗରେ ମଧ୍ୟ ଭାରତ ଯୋଜନା କରୁଛି। ଟେକ୍ନୋଲୋଜି ସମ୍ପନ୍ନ ସାମରିକ ଉପକରଣସବୁର ପରୀକ୍ଷଣ ଏପରି ଏକ ସମୟରେ ହେଉଛି ଯେତେବେଳେ କି ଶତ୍ରୁପକ୍ଷ ବିରୋଧରେ ଦେଶ ଏକ ପ୍ରତିଶୋଧମୂଳକ ମନୋଭାବନାକୁ ପୋଷଣ କରିବା ଆରମ୍ଭ କରିଛି।

### ଆରବସାଗରରେ ପାକିସ୍ତାନର ଫାୟାରିଂ ଡ୍ରିଲ୍

## ଜବାବରେ ଆଇଏନ୍ଏସ୍ ବିକ୍ରାନ୍ତ ସାମ୍ନାକୁ ଆଣିଲା ଭାରତ

**ଇସଲାମାବାଦ,୨୪।୪/ଏଜେନ୍ସି:** ପାକିସ୍ତାନ ମଧ୍ୟ ଆରବସାଗରରେ ଆରମ୍ଭ କଲା ଫାୟାରିଂ ଡ୍ରିଲ ଆରମ୍ଭ କରିଛି। ପହଲଗାମ ହତ୍ୟାକାଣ୍ଡ ପରେ ଭାରତର କାର୍ଯ୍ୟାନୁଷ୍ଠାନରେ ଭୟଭୀତ ପାକିସ୍ତାନ ଗୱାଦର ବନ୍ଦର ନିକଟରେ କ୍ଷେପଣାସ୍ତ୍ର ମାଡ଼ ଅଭ୍ୟାସ ଆରମ୍ଭ କରିଛି। ତେବେ ପାକିସ୍ତାନର ଏହି କାର୍ଯ୍ୟାନୁଷ୍ଠାନର ଜବାବରେ, ଭାରତୀୟ ନୌସେନା ଯୁଦ୍ଧଜାହାଜ ଆଇଏନ୍ଏସ୍ ବିକ୍ରାନ୍ତ'କୁ ସାମ୍ନାକୁ ଆଣିଛି। ଆଇଏନ୍ଏସ୍ ବିକ୍ରାନ୍ତ' ନିଜ ଭିତରେ ଏକ ବଡ଼ ଆର୍ମି ଭାବେ ବିବେଚନା କରାଯାଏ। ଏଥିରେ ଏମ୍ଆଇଜି-୨୯ ଭଳି ଲଢୁଆ ବା ଯୁଦ୍ଧ ବିମାନ ସହ ଲଢୁଆ ହେଲିକପ୍ଟରଗୁଡ଼ିକୁ ନିୟୋଜିତ କରାଯାଇଛି। କେବଳ ସେତିକି ନୁହେଁ ଆଇଏନ୍ଏସ୍ ବିକ୍ରାନ୍ତରେ ନିୟୋଜିତ ହେବାକୁ ଥିବା ୨୬ଟି ରାଫାଲ ଯୁଦ୍ଧବିମାନର ସାମୁଦ୍ରିକ ସଂସ୍କରଣ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି। ନୌସେନାର କରୱାର ନୌସେନା ଘାଟିରୁ ଆଇଏନ୍ଏସ୍ ବିକ୍ରାନ୍ତ ଏବେ ଆରବସାଗର ଅଭିମୁଖେ ଯାତ୍ରା ଆରମ୍ଭ କରିଛି, ଯାହାର ସାଟେଲାଇଟ ଚିତ୍ର ସାମ୍ନାକୁ ଆସିଛି। ଏହି ବିମାନ ବାହକ ତଥା ଲଢୁଆ ଜାହାଜର ଷ୍ଟ୍ରାଇକ ଫୋର୍ସ ରେଞ୍ଜ ୧୫୦୦ କିଲୋମିଟର। ଏହା ୬୪ଟି ବାରାକ କ୍ଷେପଣାସ୍ତ୍ର ସହିତ ସଜ୍ଜିତ, ଯାହା ଜାହାଜରୁ ଆକାଶ ମାର୍ଗରେ ମଧ୍ୟ ଆକ୍ରମଣ କରିବାକୁ ସକ୍ଷମ। ଆଇଏନ୍ଏଓ୍ ବିକ୍ରାନ୍ତ ଏହାର ଶକ୍ତି ଏବଂ କ୍ଷମତା ଯୋଗୁଁ ବିଶ୍ୱର ଶ୍ରେଷ୍ଠ ୧୦ ବିମାନ ବାହକ ଯୁଦ୍ଧଜାହାଜରେ ସାମିଲ ହୋଇଛି।

### ମଧୁବନ୍‌ରୁ ମୋଦୀଙ୍କ ହୁଂକାର

# ମାଟିରେ ମିଶାଇଦେବୁ

**ନୂଆଦିଲ୍ଲୀ, ୨୪।୪/ଏଜେନ୍ସି:** କାଶ୍ମୀର ଉପତ୍ୟକା ପହଲଗାମ୍‌ରେ ୨୮ ପର୍ଯ୍ୟଟକଙ୍କ ମୃତ୍ୟୁକୁ ନେଇ ଭାରତ ଏବେ ପ୍ରତିକ୍ରିୟାଶୀଳ ହୋଇପଡିଛି। ଦେଶର କୋଣଅନୁକୋଣରୁ ପ୍ରତିଶୋଧ'ର ସ୍ୱର ଆସିବାରେ ଲାଗିଛି। ଏସବୁ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଥମ ପ୍ରତିକ୍ରିୟା ଉପରେ ସମସ୍ତଙ୍କ ନଜର ରହିଥିବା ବେଳେ ଆଜି (ଗୁରୁବାର) ବିହାର ମାଟିରୁ ମୋଦୀ ଯୁଦ୍ଧ ହୁଂକାର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଠାରେ ପହଞ୍ଚିବା ପରେ ପ୍ରଥମେ ପହଲଗାମରେ ମୃତକଙ୍କୁ ହାତଯୋଡି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ତା'ପରେ ତାଙ୍କ ଭାଷଣ ଆରମ୍ଭ କରିଥିଲେ।

ବିହାରର ମଧୁବନ୍‌ରେ ଆୟୋଜିତ ଏକ ରାଲିରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏକ ବଳକା ଭୂମିକୁ ମଧ୍ୟ ଧୂଳିସାତ୍ କରିଦିଆଯିବ। ଆତଙ୍କବାଦୀଙ୍କ ଏପ୍ରକାର କାପୁରୁଷ କାର୍ଯ୍ୟରେ ଭାରତ କେବେ ବି ମୁଣ୍ଡ ନୁଆଁଇବ ନାହିଁ। ବରଂ ସେମାନଙ୍କ ମେରୁଦଣ୍ଡକୁ ଭାଙ୍ଗିଦେବା ଦିଗରେ ଭାରତ ଏବେ କାମ କରିବ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆତଙ୍କବାଦୀମାନେ ଏପ୍ରିଲ ୨୨ରେ ନିର୍ଦ୍ଦୋଷ ଏବଂ ନିରସ୍ତ୍ର ଲୋକଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ଏଥିପାଇଁ ଦେଶ ଦୁଃଖିତ। ସମଗ୍ର ଦେଶ ମୃତକଙ୍କ ପରିବାର ସହିତ ଛିଡ଼ା ହୋଇଛି। ଏହି ଆକ୍ରମଣ ପର୍ଯ୍ୟଟକଙ୍କ ଉପରେ ନୁହେଁ, ଏହା ଭାରତର ଆତ୍ମା ଉପରେ। ଯିଏ ବି ଏହି ଆକ୍ରମଣ କରିଛି, ସେହି ଆତଙ୍କବାଦୀମାନେ କଳ୍ପନାଠାରୁ ମଧ୍ୟ ବଡ଼ ଦଣ୍ଡ ପାଇବେ। ୧୪୦ କୋଟି ଭାରତୀୟଙ୍କ ଇଚ୍ଛାଶକ୍ତି ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗି ଦେବ।



ଉଗ୍ର ଛବି ସମସ୍ତଙ୍କ ସାମ୍ନାକୁ ଆସିଛି। ଏହିଠାରୁ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେବାକୁ ଯାଇ ମୋଦୀ କହିଛନ୍ତି, 'ପହଲଗାମ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀ ଏବଂ ସେମାନଙ୍କ ପଛରେ ଥିବା ଲୋକଙ୍କୁ ଏପରି ଦଣ୍ଡ ମିଳିବ ଯାହା ସେମାନେ କଳ୍ପନା ମଧ୍ୟ କରିନଥିବେ। ଯେଉଁମାନେ ଭାରତର ଆତ୍ମା ଉପରେ ଆକ୍ରମଣ କରିଛନ୍ତି, ସେମାନଙ୍କୁ କୌଣସି ପରିସ୍ଥିତିରେ ମଧ୍ୟ ଛଡ଼ାଯିବ ନାହିଁ। ସେମାନଙ୍କୁ ମାଟିରେ ମିଶାଇଦିଆଯିବ। ସମୟ ଆସିଯାଇଛି ଏବେ ସେମାନଙ୍କ ସେମାନଙ୍କୁ ମାଟିରେ ମିଶାଇ ଦିଆଯିବ। ସାରା ଦେଶ ଏହି ସଂକଳ୍ପ ଉପରେ ଦୃଢ଼। ଭାରତ ପ୍ରତ୍ୟେକ ଆତଙ୍କବାଦୀ ଏବଂ ତାଙ୍କ ସମର୍ଥକଙ୍କୁ ଚିହ୍ନଟ କରିବ, ଠାବ କରିବ ଏବଂ ଦଣ୍ଡ ଦେବ। ଆତଙ୍କବାଦୀମାନଙ୍କୁ ଛଡ଼ାଯିବ ନାହିଁ। ମାନବତାରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଆମ ସହିତ ଅଛନ୍ତି। ଏହି କଷ୍ଟକର ସମୟରେ ଆମ ସହିତ ଠିଆ ହୋଇଥିବା ବିଭିନ୍ନ ଦେଶର ଲୋକଙ୍କୁ ଏବଂ ସେମାନଙ୍କର ନେତାମାନଙ୍କୁ ମୋଦୀ ଧନ୍ୟବାଦ ଜଣାଇଛନ୍ତି।

# ଭାରତୀୟ ବାୟୁସେନାର ଯୁଦ୍ଧାଭ୍ୟାସ ଆରମ୍ଭ

## ଏଲ୍ଓସିରେ ସୁରକ୍ଷା ବଢ଼ାଇଲା ପାକିସ୍ତାନ




**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପହଲଗାମ୍ ତିକ୍ତତା ମଧ୍ୟରେ ଭାରତୀୟ ବାୟୁସେନା ଏବେ ଯୁଦ୍ଧାଭ୍ୟାସ ଆରମ୍ଭ କରିଛି। ଏହି ଯୁଦ୍ଧାଭ୍ୟାସର ନାମ 'ଆକ୍ରମଣ' ରଖାଯାଇଛି। ବାୟୁସେନା ଏହି ଯୁଦ୍ଧାଭ୍ୟାସରେ ରାଫେଲ ଯୁଦ୍ଧ ବିମାନକୁ ସାମିଲ କରିଛି। ଭାରତୀୟ ବାୟୁସେନା ପଶ୍ଚିମବଙ୍ଗର ଅମ୍ବାଲା ଏବଂ ହାସିମାରାରେ ଦୁଇଟି ସ୍କ୍ୱାର୍ଡନ୍ ରାଫେଲ୍ ବିମାନ ପରିଚାଳନା କରୁଥିବା ବେଳେ ଏବେ କେନ୍ଦ୍ରୀୟ କ୍ଷେତ୍ରରେ ଏକ ବଡ଼ ଧରଣର ଆକ୍ରମଣ ଅଭ୍ୟାସ କରିବା ନେଇ ସୂଚନା ମିଳିଛି। ରିପୋର୍ଟ ଅନୁସାରେ 'ଏହି ଅତ୍ୟାଧୁନିକ ଲଢୁଆ ବିମାନଗୁଡ଼ିକ ଭୂମି ଆକ୍ରମଣ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧ ଅଭ୍ୟାସ ସହିତ ଜଟିଳ ମିଶନ୍ ପରିଚାଳନା କରୁଛନ୍ତି। ଏତଦ୍‌ବ୍ୟତୀତ ଭାରତୀୟ ବାୟୁସେନା ଦକ୍ଷିଣ ଏସୀୟ କ୍ଷେତ୍ରରେ ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଟାର୍ଗେଟ୍ କରିବା ପୂର୍ବକ ଏହି ଯୁଦ୍ଧାଭ୍ୟାସରେ ମିଟିଓର ଏୟାର ମିସାଇଲ ଏବଂ ରାମ୍ପେଜ୍ ଏବଂ ରକ୍ସ ପରି ଦୀର୍ଘ ଦୂରଗାମୀ ହାଇ ସ୍ପିଡ୍ କମ୍ ଡ୍ରାଗ୍ ମିସାଇଲକୁ ମଧ୍ୟ ସାମିଲ କରିଛି। ଏହି ଅଭ୍ୟାସକୁ ବାୟୁସେନା ମୁଖ୍ୟାଳୟ ଦ୍ୱାରା କଡ଼ା ନଜର ରଖାଯାଇଛି। ଭାରତୀୟ ବାୟୁସେନାର ଶ୍ରେଷ୍ଠ ପାଇଲଟମାନେ ଉଚ୍ଚ ଯୋଗ୍ୟତାପ୍ରାପ୍ତ ପ୍ରଶିକ୍ଷକଙ୍କ କଡ଼ା ତଦାରଖରେ ଏହି ଅଭ୍ୟାସରେ ଅଂଶଗ୍ରହଣ କରୁଛନ୍ତି।

ପ୍ରକାଶ, ଗତ ଫେବୃଆରୀ ୨୦୧୯ରେ ପୁଲୱାମା ଆକ୍ରମଣ ପରେ ପାକିସ୍ତାନ ଭିତରେ ଆକ୍ରମଣ କରିବା ପାଇଁ ଭାରତୀୟ ବାୟୁସେନାକୁ ବହୁଳ ଭାବରେ ବ୍ୟବହାର କରାଯାଇଥିଲା। ଭାରତୀୟ ବାୟୁସେନା ସେବେ ଠାରୁ ରାଫେଲ ଯୁଦ୍ଧ ବିମାନ ହାସଲ କରିଛି ଏବଂ ଏହି ଅଞ୍ଚଳରେ ନିଜର ନେତୃତ୍ୱ ଫେରିପାଇଛି। ଭାରତୀୟ ବାୟୁସେନା ୨୦୧୯ରେ ମିରେଜ୍ ୨୦୦୦ ଲଢୁଆ ବିମାନ ବ୍ୟବହାର କରିଥିଲା। କିନ୍ତୁ ଏବେ ରାଫେଲ ଭଳି ଲଢୁଆ ବିମାନ ସହ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭଳି ଅନେକ ଫୋର୍ସ ମଲ୍ଟିପ୍ଲାୟର୍ ମଧ୍ୟ ବ୍ୟବହାର କରୁଛି। ଯାହା ଶତ୍ରୁ ପକ୍ଷର ବାୟୁବାହୀ ପ୍ରାରମ୍ଭିକ ଚେତାବନୀ ଏବଂ ନିୟନ୍ତ୍ରଣ ବିମାନ ବିରୁଦ୍ଧରେ ବହୁତ ପ୍ରଭାବଶାଳୀ ହୋଇପାରେ। ଅନ୍ୟ ଏକ ରିପୋର୍ଟ ଅନୁସାରେ ପାକିସ୍ତାନ ସେନା ମଧ୍ୟ ଏବେ ଏଲଓସି ପ୍ରାନ୍ତରେ ନିଜ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିଛି। ନିଜ ସେନାବଳରେ ପାକିସ୍ତାନ ମଧ୍ୟ ଅନେକ ଲଢୁଆ ବିମାନକୁ ସାମିଲ କରିବା ସହ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କରିଦେଇଛି। ସୀମାରେ ବଙ୍କରରେ ରହି ଭାରତୀୟ ସେନାର ଗତିବିଧି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଜାରି କରିଛି।

# ୟୁକ୍ରେନ୍ ଉପରେ ରୁଷ୍‌ର ରାତିଅଧିଆ ଆକ୍ରମଣ

## ୯ ମୃତ, ୮୦ରୁ ଅଧିକ ଆହତ



୭୦ରୁ ଅଧିକ କ୍ଷେପଣାସ୍ତ୍ର ୧୫୦ ଡ୍ରୋନ୍ ଆକ୍ରମଣରେ ଥରିଲା କିଭ୍

**ମସ୍କୋ,କିଭ୍, ୨୪।୪/ଏଜେନ୍ସି:** ରୁଷ୍ ପକ୍ଷରୁ ପୁଣିଥରେ ୟୁକ୍ରେନ୍ ଉପରେ ଏକ ଭୟାବହ ଆକ୍ରମଣ ହୋଇଛି। ରିପୋର୍ଟ ଅନୁସାରେ ରୁଷ୍ ସେନା ରାତିଅଧିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଛନ୍ତି। ୟୁକ୍ରେନ ଉପରେ ୭୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିବା ସହ ୧୫୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଛି। ତେବେ ଏହି ଆକ୍ରମଣରେ ପ୍ରାୟ ୯ଜଣଙ୍କ ପ୍ରାଣହାନୀ ହୋଇଥିବା ବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି ବୋଲି ୟୁକ୍ରେନ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, 'ଆକ୍ରମଣର ଉଦ୍ଦେଶ୍ୟ ହାସଲ କରାଯାଇଛି'।

ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ଅନୁଯାୟୀ, "ରୁଷ୍ ଗତ ୪୪ ଦିନ ଧରି ଶାନ୍ତି ଆଲୋଚନା ଉଲ୍ଲଂଘନ କରୁଛି ଏବଂ ନିରନ୍ତର ଲୋକଙ୍କୁ ହତ୍ୟା କରୁଛି। 'ୟୁକ୍ରେନ ସମ୍ପୂର୍ଣ୍ଣ ଯୁଦ୍ଧବିରତି ଏବଂ ଆକ୍ରମଣ ବନ୍ଦ କରିବାକୁ ରାଜି ହେବାର ୪୪ ଦିନ ବିତିଯିବା ସତ୍ତ୍ୱେ ରୁଷ୍ ଏହି ସଂହାର ପ୍ରକ୍ରିୟା ଜାରି ରଖିଛି। ତେବେ ଯୁଦ୍ଧବିରତି ଆମେରିକାର ପ୍ରସ୍ତାବ ଥିଲା। ୟୁକ୍ରେନ୍ ଏଥିରେ ସମ୍ମତି ଜଣାଇବା ପରେ ମଧ୍ୟ ରୁଷ୍ ନିଜ ଉତ୍ତରଦାୟିତ୍ୱକୁ ଏଡାଇବାକୁ ଯାଇ ଏସବୁ କରୁଛି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ବିଶ୍ୱର ସମସ୍ତେ ପ୍ରକୃତରେ କ'ଣ ଘଟୁଛି ତାହା ଦେଖୁଛନ୍ତି ଏବଂ ବୁଝିପାରୁଛନ୍ତି। ରୁଷ୍ ରାତି ସମୟରେ ୟୁକ୍ରେନର ପ୍ରତିରକ୍ଷା ଶିଳ୍ପକୁ ଟାର୍ଗେଟ କରି ଏକ ବଡ଼ ଆକ୍ରମଣ କରିଛି। ଏହି ଆକ୍ରମଣରେ ରାଜଧାନୀ କିଭ୍‌ରେ ଥିବା 'ରକେଟ୍ ଇନ୍ଧନ ଏବଂ ବାରୁଦ' ଉତ୍ପାଦନ କରୁଥିବା କାରଖାନାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି।" ସେହିପରି ୟୁକ୍ରେନର ବିମାନ ଚଳାଚଳ, ମହାକାଶ, ମେସିନ୍-ନିର୍ମାଣ ଏବଂ ସଶସ୍ତ୍ର ଯାନ ଶିଳ୍ପ ଉପରେ ଦୂରଗାମୀ ବାୟୁ, ସ୍ଥଳ ଏବଂ ସମୁଦ୍ରଭିତ୍ତିକ ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ ସହିତ ଏକ ବଡ଼ ଆକ୍ରମଣ କରିଥିଲେ ବୋଲି ମଧ୍ୟ ଜେଲେନ୍‌ସ୍କି ସ୍ପଷ୍ଟ କରିଛନ୍ତି।

ଜେଲେନ୍‌ସ୍କି କହିଛନ୍ତି ଯେ ସେ ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ରପତି ରାମାଫୋସା (ଯିଏ ବର୍ତ୍ତମାନ ଜି-୨୦ର ଅଧ୍ୟକ୍ଷ)ଙ୍କୁ ସାମ୍ପ୍ରତିକ ପରିସ୍ଥିତି ଏବଂ ବିଶ୍ୱ କୂଟନୈତିକ ପ୍ରୟାସକୁ ତୀବ୍ର କରିବାର ଆବଶ୍ୟକତା ବିଷୟରେ ଅବଗତ କରାଇବେ। ଆକ୍ରମଣଗୁଡ଼ିକୁ ତୁରନ୍ତ ଏବଂ ନିଃସର୍ତ୍ତ ଭାବରେ ବନ୍ଦ କରାଯିବା ଉଚିତ୍। ଆମେ ମାନବିକତା ମାମଲାରେ ମଧ୍ୟ ସମର୍ଥନ ଆଶା କରୁଛୁ। ରୁଷ ଦ୍ୱାରା ଅପହୃତ ୟୁକ୍ରେନୀୟ କଏଦୀ ଏବଂ ୟୁକ୍ରେନୀୟ ପିଲାମାନଙ୍କୁ ଫେରାଇ ଆଣିବା ଦିଗରେ ଆମେ ନିରନ୍ତର ସମର୍ଥନ ହାସଲ ଦିଗରେ ଚେଷ୍ଟା ଜାରି ରଖିବୁ। ପ୍ରକାଶ, ଜେଲେନ୍‌ସ୍କି ଏବେ ରାଷ୍ଟ୍ରପତି ରାମାଫୋସାଙ୍କୁ ସାକ୍ଷାତ କରିବା ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତରେ ଅଛନ୍ତି।




ପୁରୀ ଜିଲ୍ଲା ତାଳବଣିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ନେତୃବୃନ୍ଦ



ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରୁଛନ୍ତି ଦେବପ୍ରସାଦ ଦାଶ



ପହଲଗାମ ଆତଙ୍କୀ ଆକ୍ରମଣରେ ମୃତ ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ଶେଷଯାତ୍ରାରେ ମୁଖ୍ୟମନ୍ତ୍ରୀ

## 'ପଞ୍ଚାୟତିରାଜ ବ୍ୟବସ୍ଥାକୁ ବାବୁରାଜଙ୍କ କବଳରୁ ରକ୍ଷା ଜରୁରୀ'

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ପଞ୍ଚାୟତିରାଜ ବ୍ୟବସ୍ଥା ଏବେ ବାବୁରାଜଙ୍କ କବଳରେ ରହିଛି। ଯାହାକୁ ସେମାନଙ୍କ କବଳରୁ ନିହାତି ରକ୍ଷା କରିବା ଜରୁରୀ। ଗୁରୁବାର ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ପକ୍ଷରୁ ଭୁବନେଶ୍ୱରସ୍ଥ ବୁଦ୍ଧ ମନ୍ଦିରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନେ ଏହା କହିଛନ୍ତି। ଏହି ସମାରୋହକୁ ଓଡ଼ିଶାର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ ଉଦଘାଟନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟ ମହାସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

ଏହି ଅବସରରେ 'ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ଓ ପଞ୍ଚାୟତିରାଜ' ବିଷୟ ବସ୍ତୁ ଉପରେ ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇ ବିଶିଷ୍ଟ ଲେଖକ ଦାଶ ବେନହୁର କହିଥିଲେ ଯେ, ପଞ୍ଚାୟତ ବ୍ୟବସ୍ଥା ଭାରତୀୟ ସାମାଜିକ ଓ ରାଜନୈତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହି ଆସିଛି। ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ତାକୁ ଏକ ଦିଶା ଦେଖାଇଥିବା ବେଳେ ରାଜୀବ ଗାନ୍ଧୀ ତାକୁ ଅଧିକ ବ୍ୟବସ୍ଥିତ କରିଥିଲେ। ସମ୍ବିଧାନର ୭୩ ତମ ସଂଶୋଧନ ଆଇନ ଥିଲା ଦେଶରେ କ୍ଷମତା ବିକେନ୍ଦ୍ରୀକରଣ ର ଏକ ବୈପ୍ଳବିକ ପଦକ୍ଷେପ। ମାତ୍ର ତାହା ଆଜି ଅମଲାତନ୍ତ୍ରର କବଳରେ କବଳିତ। ସେଥିରୁ ପଞ୍ଚାୟତ ବ୍ୟବସ୍ଥାକୁ ମୁକ୍ତ ନକଲେ ଗାଁର ବିକାଶ ସମ୍ଭବ ନୁହେଁ। ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ଓଡ଼ିଶାର ପୂର୍ବତନ ନିର୍ବାଚନ କମିଶନର ସଞ୍ଜୀବ ହୋତା କହିଲେ ଯେ ଗ୍ରାମ ସଭା ଓ ପଲ୍ଲୀ ସଭାକୁ ସମ୍ବିଧାନ ଯେଉଁ ଅଧିକର ଦେଇଛି ତାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାପକ ଜନ ଅନଦୋଳନ ର ଆବଶ୍ୟକତା ରହିଛି। ବିଶିଷ୍ଟ ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ସର୍ବ ଭାରତୀୟ ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ବିଶିଷ୍ଟ ନାରୀନେତ୍ରୀ ସସ୍ମିତା ବେହେରା ପ୍ରମୁଖ ଏହି ଅଧିବେଶନରେ ବକ୍ତବ୍ୟ ରଖିଥିଲେ। ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନ ର ରାଜ୍ୟ ଅଧକ୍ଷ ସୁଦର୍ଶନ ଦାସ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ।

ସେହିପରି 'ପଞ୍ଚାୟତିରାଜ ବନାମ ବାବୁରାଜ' ଶୀର୍ଷକ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନାରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଆଲୋଚକ ଭାବରେ ରମାଦେବୀ ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ ମାନସ ବେହେରା ଯୋଗ ଦେଇ ରଜ୍ୟଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର ସ୍ୱାୟତ୍ତ ଶାସନ ବ୍ୟବସ୍ଥା କିପରି ଅମଲାତନ୍ତ୍ରର କବଳିତ ହୋଇଛି ତାର ଅବତାରଣା କରିଥିଲେ ଏବଂ ଏଥିରୁ ମୁକ୍ତ ନହେଲେ ବାସ୍ତବ ବିକାଶ ସମ୍ଭବ ହେବ ନାହିଁ ବୋଲି ସତର୍କ କରାଇଥିଲେ।

ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଧାର ପାଇଁ ଏକ ବ୍ୟାପକ ପ୍ରୟାସ ଆବଶ୍ୟକ ବୋଲି

**ପଞ୍ଚାୟତିରାଜ ବ୍ୟବସ୍ଥାର ସୁଧାର ପାଇଁ ବ୍ୟାପକ ପ୍ରୟାସ ଆବଶ୍ୟକ**

କହିବା ସହିତ ରାଜ୍ୟର ସମସ୍ତ ପଞ୍ଚାୟତ ପ୍ରତିନିଧି ମାନଙ୍କର ଏକ ମହାସମାବେଶ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅଧିବେଶନରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡ. ବିନାୟକ ରଥ ଅତିଥି ଭାବରେ ଯୋଗ ଦେଇଥିଲେ।

ସର୍ବସମ୍ମତି କ୍ରମେ ରାଜ୍ୟର ପଞ୍ଚାୟତ ବ୍ୟବସ୍ଥାର ସୁଧାର ଆଣିବା, ଅମଲାତନ୍ତ୍ର କବଳରୁ ପଞ୍ଚାୟତ ବ୍ୟବସ୍ଥାକୁ ମୁକ୍ତ କରିବା ଓ ପଞ୍ଚାୟତ ପ୍ରତିନିଧିଙ୍କ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ମେ ୧୧ରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜନ କରିବା ସହିତ ଆସନ୍ତା ଜୁନ ମାସରେ ଏକ ପଞ୍ଚାୟତ ପ୍ରତିନିଧି ସମାବେଶ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଅଧିବେଶନ ଶେଷରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ଥାନୀୟ ଜନପ୍ରତିନିଧି ଯଥା ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧକ୍ଷ, କାଉନସିଲରମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲାଏହି କାର୍ଯ୍ୟକ୍ରମକୁ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ରୂପକ ତିରୁକ୍, ନିରଞ୍ଜନ ଲେଙ୍କା, ପ୍ରତାପ ପ୍ରଧାନ, ମନୋଜ ସାହୁ, ଡ ମନୀଷା ଦାସ ପଟ୍ଟନାୟକ, ନିରୁପମା ପାତ୍ର, ସରୋଜ ବଳ, ପ୍ରଦ୍ୟୁମ୍ନ ଦାସ, ସୁବାସ ପ୍ରଧାନ, ଅକ୍ଷୟ ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ଜାତୀୟ ପଞ୍ଚାୟତ ପୁରସ୍କାରରେ ଓଡ଼ିଶାର ସଫଳତା

# ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପୁରସ୍କୃତ

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** କ୍ରମାଗତ ତୃତୀୟ ବର୍ଷ ଲାଗି ମର୍ଯ୍ୟାଦାଜନକ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୩-୨୪ ଲାଗି ନିଜ ନାମକୁ ସ୍ଥାନିତ କରି ପୁଣି ଥରେ ଓଡ଼ିଶା ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଅଛି, ଯାହା ତୃଣମୂଳ ଗଣତନ୍ତ୍ର ଓ ସମାବେଶୀ ବିକାଶକୁ ମଜବୁତ କରିବା ପାଇଁ ଏହାର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଗୁରୁବାର ବିହାରର ମଧୁବନୀରେ ଅନୁଷ୍ଠିତ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୫ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୟୀ ଗ୍ରାମପଞ୍ଚାୟତ ଓ ଅନୁଷ୍ଠାନମାନଙ୍କୁ ପୁରସ୍କୃତ କରିଛନ୍ତି।



ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ସର୍ବୋଚ୍ଚ ପ୍ରଶିକ୍ଷଣ ପ୍ରଦାନକାରୀ ପ୍ରତିଷ୍ଠାନ ରୂପେ ଅଭିନବ ଦକ୍ଷତା ବିକାଶ ପ୍ରଶିକ୍ଷଣ, ପଞ୍ଚାୟତିରାଜ ଅନୁଷ୍ଠାନକୁ ନିରନ୍ତର ମାର୍ଗଦର୍ଶନ ଓ ଯଥୋଚିତ ସହାୟତା ପ୍ରଦାନ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ 'ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥା' ବର୍ଗରେ ଦ୍ୱିତୀୟ ପୁରସ୍କାର ମିଳିଛି। ଅନ୍ୟପଟେ ମୟୂରଭଞ୍ଜ ଜିଲ୍ଲାର କୁସୁମୀ ବ୍ଲକର ହାଟଭଦ୍ରା ଗ୍ରାମପଞ୍ଚାୟତ ନିଜସ୍ୱ ଆୟ ସଂଗ୍ରହରେ ଉଲ୍ଲେଖନୀୟ ଅଭିବୃଦ୍ଧି କରିବାରେ ସଫଳ ହୋଇଛି। ଫଳସ୍ୱରୂପ 'ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ' ବର୍ଗରେ ଦେଶର ୨ ଲକ୍ଷ ୫୦ ହଜାର ପଞ୍ଚାୟତକୁ ପଛରେ ପକାଇ ଦ୍ୱିତୀୟ ଶ୍ରେଷ୍ଠ ସ୍ଥାନ ହାସଲ କରିବାରେ ଅନନ୍ୟ କୃତିତ୍ୱ ହାସଲ କରିପାରିଛି ହାଟଭଦ୍ରା ଗ୍ରାମପଞ୍ଚାୟତ। ଏହି ସମ୍ମାନ ପଛରେ ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍‌ର ନିରନ୍ତର ପରାମର୍ଶ, ବୈଷୟିକ ସୁବିଧା ପ୍ରଦାନ ସହ ସାରାରାଜ୍ୟରେ ସୁଦୃଢ଼ ଓ ସହଭାଗୀ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି କରିବା ସହାୟକ ହୋଇଛି। ଏହାର ନିତ୍ୟନୂତନ ପ୍ରଶିକ୍ଷଣ ମଡ୍ୟୁଲ, ନିୟମିତ ଦକ୍ଷତା ବିକାଶ କର୍ମଶାଳା ଓ ନିରନ୍ତର ତଦାରଖ ଦ୍ୱାରା ପଞ୍ଚାୟତିରାଜ ଜନପ୍ରତିନିଧି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରତିଯୋଗୀତାମୂଳକ ମନୋଭାବ ସୃଷ୍ଟି ସହ ଜ୍ଞାନର ପରିସୀମାକୁ ମଧ୍ୟ ପରିବ୍ୟାପ୍ତ କରିଅଛି।

**'ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥା' ବର୍ଗରେ ଦ୍ୱିତୀୟ**

**'ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ' ବର୍ଗରେ ହାଟଭଦ୍ରା ପଞ୍ଚାୟତ ବି ଦ୍ୱିତୀୟ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସକ୍ରିୟ ମାର୍ଗଦର୍ଶନ ଓ ବିଭାଗୀୟ ସଚିବଙ୍କ ଉତ୍ସର୍ଗୀକୃତ ସମର୍ଥନ ବଳରେ ଏହି ସଫଳତା ହାସଲ କରିବା ସମ୍ଭବପର ହୋଇପାରିଛି। କ୍ରମାଗତ ତୃତୀୟ ଥର ଲାଗି ଏହି ଜାତୀୟ ସ୍ୱୀକୃତି ଓଡ଼ିଶା ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଓ ଏହା ଏକ ସଶକ୍ତ ଓ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ ଗଠନ ପାଇଁ ଆମର ସାମୁହିକ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଅଛି ବୋଲି କହିବା ସହ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି ମପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ।

ଏସ୍‌ଆଇଆର୍‌ଡି ଆଣ୍ଡ ପିଆର୍‌ର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନା ଖୁସି ପ୍ରକାଶ କରି କହିଛନ୍ତି କି ଏହି ପୁରସ୍କାର ଓଡ଼ିଶାର ତୃଣମୂଳ ଶାସନ ବ୍ୟବସ୍ଥାର ଏକ ନିଛକ ନିଦର୍ଶନ। ଦକ୍ଷତା ବିକାଶ, ପ୍ରଶିକ୍ଷଣରେ ଅଭିନବତା, ଡିଜିଟାଲ ଅନ୍ତର୍ଭୁକ୍ତିକରଣ ଓ ଗାଇଡେଡ ଇଣ୍ଟରସିପ ମାଧ୍ୟମରେ ଗ୍ରାମପଞ୍ଚାୟତଗୁଡ଼ିକୁ ସଶକ୍ତ କରିବା ପାଇଁ ଆମର ଦୃଢ଼ପ୍ରତିବଦ୍ଧତାର ଏହା ହେଉଛି ନିଷ୍କର୍ଷ। ଆମେ ଏହି ସଫଳତାକୁ ପ୍ରତ୍ୟେକ ପଞ୍ଚାୟତ ନିର୍ବାଚିତ ଜନପ୍ରତିନିଧି, ଅଧିକାରୀ ଓ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ସର୍ଗ କରୁଅଛୁ, ଯେଉଁମାନେ ଏହାକୁ ସମ୍ଭପର କରି ଆଜି ବାସ୍ତବତାରେ ସଜାଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୨-୨୩ ମସିହା ପାଇଁ ଓଡ଼ିଶା ୭ଟି ବର୍ଗରେ ଜାତୀୟ ପଞ୍ଚାୟତ ପୁରସ୍କାର ସ୍ୱରୂପ ୮ କୋଟି ୫୦ ଲକ୍ଷ ଟଙ୍କା ଓ ୨୦୨୧-୨୨ରେ ୮ଟି ପୁରସ୍କାର ସହ ୧୦ କୋଟି ୫୦ ଲକ୍ଷ ଟଙ୍କା ପ୍ରାପ୍ତକରି ଏକ ଜୀବନ୍ତ, ସ୍ୱଚ୍ଛ, ଉତ୍ତରଦାୟୀ, ପାରଦର୍ଶୀ ଓ ଆତ୍ମନିର୍ଭରଶୀଳ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଗଠନର ସ୍ୱପ୍ନ ଓ ସମ୍ଭାବନାକୁ ସାକାର କରିବା ଦିଗରେ ନିରନ୍ତର ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା ଜାରି ରଖିଛି।

## 'ବ୍ୟବସ୍ଥା ସଶକ୍ତ ହେଲେ ଗ୍ରାମାଞ୍ଚଳର ବିକାଶ ହେବ'

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ଗୁରୁବାର ସାରା ରାଜ୍ୟରେ ପାଳନ ହୋଇଛି ପଞ୍ଚାୟତିରାଜ ଦିବସ । ପୂର୍ବରୁ ମାର୍ଚ୍ଚ ୫ରେ ପାଳନ କରାଯାଉଥିଲା । ଏଥର କିନ୍ତୁ ଏପ୍ରିଲ୍ ୨୪ରେ ପାଳନ ହୋଇଛି ପଞ୍ଚାୟତିରାଜ ଦିବସ। ତେବେ ଏହାକୁ ନେଇ ଆରମ୍ଭ ହୋଇଛି ରାଜନୀତି।



ଏହାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ କେବଳ ପାଳନର କଥା ନୁହେଁ। ପାଳନ ସହିତ ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ଼, ସଶକ୍ତ ସହ କ୍ରିୟାଶୀଳ କରିବା ପାଇଁ ଯେଉଁ ବ୍ୟବସ୍ଥା ତାକୁ ଆମେ ସାଙ୍ଗରେ ନେଇ ଚାଲିଛୁ। ସାଧାରଣ ଲୋକର ଆବଶ୍ୟକତା ଭଳି ରାସନ୍ କାର୍ଡ ଆଜି ଠାରୁ ଆମେ ଦେଲୁ। ଗଲା ସରକାର ଗତ ଛଅବର୍ଷ ଧରି ରାସନ୍ କାର୍ଡ ଦେବା ପ୍ରକ୍ରିୟା କରିନଥିଲେ। ଗଲା ଦିନ ଗୁଡ଼ିକରେ ନିର୍ବାଚନ କେନ୍ଦ୍ରିକ ସରକାର ଥିଲା। ଆଜିକା ଦିନରେ ବିକାଶ କେନ୍ଦ୍ରିକ ସରକାର ଅଛି। ଏହା ହିଁ ପାର୍ଥକ୍ୟ। ପଞ୍ଚାୟତରାଜ ବ୍ୟବସ୍ଥା ସଶକ୍ତ ହେଲେ ଗ୍ରାମାଞ୍ଚଳର ବିକାଶ ହେବ ବୋଲି ସେ କହିଛନ୍ତି ।

### ଟାଇମ୍‌ସ ହାଇଅର ଏଜୁକେସନ୍ ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗ

# ଏସିଆର ଶ୍ରେଷ୍ଠ ୧୮୪ତମ ସ୍ଥାନରେ କିଟ୍

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ଭଳି ଚଳିତବର୍ଷ 'ଦି ଟାଇମ୍‌ସ ହାଇଅର ଏଜୁକେସନ୍' ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗ ପ୍ରକାଶ ପାଇଛି। ବୁଧବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭର୍ସିଟି ରାଙ୍କିଙ୍ଗରେ ପୂର୍ବବର୍ଷଗୁଡ଼ିକ ଭଳି ଏବର୍ଷ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ଅତି ଉନ୍ନତ ପ୍ରଦର୍ଶନ କରିଛି । ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୮୪ ତମ ସ୍ଥାନରେ ରହିଛି। ଏହା ସହ କିଟ୍ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୮ମ ସ୍ଥାନରେ ରହିଥିବା ବେଳେ ସମଗ୍ର ଉତ୍ତର ଓ ପୂର୍ବ ଭାରତରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଗତବର୍ଷ ଏହି ରାଙ୍କିଙ୍ଗରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୯୬ତମ ସ୍ଥାନରେ ରହିଥିଲା । ଏହା ସହିତ ଟାଇମ୍‌ସ ହାଇଅର ଏଜୁକେସନ୍ ଦ୍ୱାରା କରାଯାଇଥିବା ସ୍ପୋର୍ଟସ ସାଇନ୍‌ସ ବର୍ଗରେ କିଟ୍



**ଭାରତର ଶ୍ରେଷ୍ଠ ୮ମ ସ୍ଥାନରେ**

ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି ।ଚଳିତବର୍ଷ କିଟ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ବିଭିନ୍ନ ଆଇଆଇଟି, ଏନଆଇଟି ଓ ଆଇଆଇଆଇଟି ଭଳି ଦେଶର ଲବ୍ଧ ପ୍ରତିଷ୍ଠିତ ଉଚ୍ଚତର ଶିକ୍ଷାନୁଷ୍ଠାନକୁ ପଛରେ ପକାଇ କରି ଉନ୍ନତ ପ୍ରଦର୍ଶନ କରିପାରିଛି । ଚଳିତବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ରାଙ୍କିଙ୍ଗ କରାଯାଇଥିଲା ।

ଗତ ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍‌ସ ହାଇଅର ଏଜୁକେସନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି । କିଟ୍ ମାତ୍ର ୨୭ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୧ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ସମଗ୍ର ଦେଶରେ ୮ମ ଓ ଏସିଆରେ ୧୮୪ତମ ସ୍ଥାନରେ ରହି ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିପାରିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ପଞ୍ଚାୟତିରାଜ ଦିବସ ପାଳନ ତାରିଖ ପରିବର୍ତ୍ତନ ପ୍ରସଙ୍ଗ

# ସରକାରଙ୍କ ନିଷ୍ପତ୍ତି କେବଳ ଇତିହାସକୁ ବିକୃତ କରିବା ସଦୃଶ

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ମାର୍ଚ୍ଚ ୫ ପରିବର୍ତ୍ତେ ଏପ୍ରିଲ ୨୪ରେ ରାଜ୍ୟରେ ପ୍ରଥମଥର ପାଇଁ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିବାବେଳେ ବିଜୁ ଜନତା ଦଳ ଏହାକୁ ବିଜୁ ପଟ୍ଟନାୟକଙ୍କ ପ୍ରତି ଅସମ୍ମାନ ଓ ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ବୋଲି ଅଭିହିତ କରିଛି। ସାରା ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ବିଜୁ ପଟ୍ଟନାୟକଙ୍କ ଭୂମିକାକୁ ସ୍ମରଣୀୟ କରିବା ପାଇଁ ଗତ ୩ ଦଶନ୍ଧି ଧରି ମାର୍ଚ୍ଚ ୫ରେ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଆସୁଥିଲା। ମାତ୍ର ବର୍ତ୍ତମାନ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି କେବଳ ଇତିହାସକୁ ବିକୃତ କରିବା ସଦହୋଇଛି ବୋଲି ବିଜୁ ଜନତା ଦଳ କହିଛି। ଗୁରୁବାର ବିଜେଡିର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ ପଞ୍ଚାୟତିରାଜ ବ୍ୟବସ୍ଥାର ଆମୂଳଚୁଳ ପୁନର୍ବିନ୍ୟାସ ଲକ୍ଷ୍ୟରେ ତତ୍କାଳୀନ ବିଜୁ ପଟ୍ଟନାୟକଙ୍କ



ସରକାର ମାର୍ଚ୍ଚ ୧୯୯୧ରେ ତିନୋଟି ବିଲ୍ ପାରିତ କରାଇଥିଲେ। ଏହି ତିନୋଟି ବିଲ୍ ହେଲା, ଓଡ଼ିଶା ଜିଲ୍ଲାପରିଷଦ ବିଲ୍ ୧୯୯୧, ଓଡ଼ିଶା ପଞ୍ଚାୟତ (ସଂଶୋଧନ) ବିଲ୍ ୧୯୯୧, ଓଡ଼ିଶା ଗ୍ରାମପଞ୍ଚାୟତ ବିଲ୍ ୧୯୯୧। ତିନୋଟି ଯାକ ବିଲରେ ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ଅଧିକ କ୍ଷମତା ପ୍ରଦାନ ସହିତ ସମୁଦାୟ ଆସନର ୩୩% ମହିଳା ମାନଙ୍କ ପାଇଁ ସଂରକ୍ଷିତ କରାଯାଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରି କ୍ଷମତାର ବିକେନ୍ଦ୍ରୀକରଣ ଦିଗରେ ସାରା ଦେଶରେ ଏହା

**ବିଜୁ ବାବୁଙ୍କ ପ୍ରତି ଅସମ୍ମାନ, ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ**

ଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ ନେବାରେ ଓଡ଼ିଶା ଥିଲା ଦେଶର ପ୍ରଥମ ରାଜ୍ୟ ଏବଂ ଏହା ସମ୍ଭବ ହୋଇପାରିଥିଲା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦୃଢ଼ ନିଷ୍ପତ୍ତି ଯୋଗୁଁ। ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣୀୟ କରିବା ଲକ୍ଷ୍ୟରେ ତତ୍କାଳୀନ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ, ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସକୁ ଅର୍ଥାତ ମାର୍ଚ୍ଚ ୫କୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ପାଳିତ ହୋଇଆସୁଥିଲା। ରାଜ୍ୟ ସରକାର ଏହାକୁ ପରିବର୍ତ୍ତନ କରି ଏପ୍ରିଲ ୨୪ରେ କରିବା ନିଷ୍ପତ୍ତି, ରାଜ୍ୟର ଗୌରବମୟ ଇତିହାସକୁ ବିକୃତ କରିବା ସହିତ ଓଡ଼ିଆ ଅସ୍ମିତାକୁ କୁଠାରଘାତ ସଦୃଶ ହୋଇଛି ବୋଲି ଡ଼ ମହାନ୍ତି କହିଛନ୍ତି। ଓଡ଼ିଶାର କୀର୍ତ୍ତିକୁ ଗୌଣ କରି, ଓଡ଼ିଶା ସରକାରଙ୍କ ଠାରୁ ଅନୁପ୍ରାଣିତ ହୋଇ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ଚେଷ୍ଟା କରିଛନ୍ତି ଯାହା ଆଦୌ ଗ୍ରହଣୀୟ ନୁହେଁ। ଏହା ରାଜ୍ୟ ସରକାରଙ୍କ ଓଡ଼ିଶାର ବରପୁତ୍ର ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ଅସୂୟା ଭାବକୁ ପଦାରେ ପକାଉଛି ବୋଲି ଡ଼ ମହାନ୍ତି କହିଛନ୍ତି।

## 'ଶୃଙ୍ଖଳା ନରହିଲେ ଦଳ ଭାଙ୍ଗିବ'

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ଗତ କିଛି ଦିନ ହେଲା ବିଜେଡିରେ କନ୍ଦଳ ତୀବ୍ର ଧରିଥିବାବେଳେ ଶୃଙ୍ଖଳା ନରହିଲେ ଦଳ ଭାଙ୍ଗିଯିବ ବୋଲି ବିଜେଡି ବିଧାୟକ ଅଶ୍ୱିନ ପାତ୍ର କହିଛନ୍ତି। ୱାକଫ ବିଲ୍‌କୁ ନେଇ ବିଜେଡି କନ୍ଦଳ ଥମୁନଥିବାବେଳେ ଶ୍ରୀ ପାତ୍ର କହିଛନ୍ତି ଏ ସମ୍ପର୍କରେ ବାଦନୁବାଦ ଚାଲିଛି। ବିଜେଡି ସୁପ୍ରିମୋ ସ୍ପଷ୍ଟତା କହିସାରିଛନ୍ତି। ତାପରେ ଆଉ ଯିଏ କହୁଛନ୍ତି ବିବେକାନୁ ବେକ ଭୋଟ ଦେଇଛୁ ସେକଥା ସେ ବିଚାର କରିବେ। ଏହି ବାଦାନୁବାଦ ଦଳର ଚିନ୍ତାଧାରା କ'ଣ ହେବ ନ ହେବ ସୁପ୍ରିମୋ ବିଚାର କରିବେ। ସାଂସଦ ମୁନା ଖାଁ କ'ଣ କହିଲେ ତାଙ୍କ ବ୍ୟକ୍ତିଗତ କଥା। ସେ ଆହୁରି କହିଛନ୍ତି ବିଜେପିକୁ ବିଜେଡିରୁ କିଏ ଯିବ ନଯିବ ଆଜିକା ଦିନରେ କିଛି କହିହେବ ନାହିଁ। ଦଳ ଏକ ଓ ଅଭିନ୍ନ ଭାବରେ ଅଛି। ଯାହା ବାଦନୁବାଦ ଘଟୁଛୁ ସବୁ ସୁପ୍ରିମୋ ପାଖକୁ ଯାଉଛି। ଦଳରେ ଏକ ଦମ୍ ଶୃଙ୍ଖଳା ରହିବା ଦରକାର। ବିଶୃଙ୍ଖଳିତ ଆଚରଣ କଲେ ଦଳର କ୍ଷତି ଘଟିବ, ବିଳୟ ଘଟିବ। ଶୃଙ୍ଖଳା ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ପାତ୍ର କହିଛନ୍ତି।



ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୱାକଫ ବିଲ୍ ଭୋଟିଂକୁ ନେଇ ବିଜୁ ଜନତା ଦଳରେ ଆରମ୍ଭ ହୋଇଥିବା ଝଡ଼ ଏଯାଏଁ ଥମି ନାହିଁ। ଭୋଟିଂକୁ ନେଇ କିଛି ବରିଷ୍ଠ ନେତା ଏକପ୍ରକାର ଏକପାଖିଆ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଏପରିକି ଭୋଟିଂକୁ ନେଇ ବିଗତ କିଛି ଦିନ ପୂର୍ବେ ବିଜେଡିରେ ସୃଷ୍ଟ କନ୍ଦଳ ଓଡ଼ିଶା ରାଜନୀତିରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା।

### ୫୦ ବର୍ଷ ପରେ ବି ସରକାରଙ୍କ ଦୃଷ୍ଟି ପଡୁନି

# ଅବହେଳିତ ଅବସ୍ଥାରେ ଅଷ୍ଟମ ଶତାବ୍ଦୀର ବୌଦ୍ଧ ପୀଠ

**କୋଣାର୍କ,୨୪।୪/ଏନ୍‌ଏନ୍‌ଏସ୍:** ଅନ୍ତର୍ଜାତୀୟ ପର୍ଯ୍ୟଟନ ମ୍ୟାପ୍‌ରେ ସ୍ଥାନିତ କୋଣାର୍କଠାରୁ ମାତ୍ର ୬କିଲୋମିଟର ଦୂରରେ ପୁରୀ ଜିଲ୍ଲା କୁରୁଜଙ୍ଗ ପଞ୍ଚାୟତ କୁରୁମ ଗ୍ରାମରେ ୨୯ ଡିସିମିଲି ପରିମିତ ଅଞ୍ଚଳରେ ଅବସ୍ଥିତ ଐତିହାସିକ ବୌଦ୍ଧପୀଠ କୁରୁମ ଏବେ ସରକାରଙ୍କ ଅବହେଳାର ଶିକାର ହୋଇ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଅଷ୍ଟମ ଶତାବ୍ଦୀର ଏହି ଐତିହ୍ୟ ବୌଦ୍ଧପୀଠକୁ ରାଜ୍ୟ ଲୋକଲୋଚନ ର ଆଢୁଆଳ ରେ ରହି ଧ୍ୱଂସାଭିମୁଖୀ ହୋଇପଡ଼ିଛି। ପର୍ଯ୍ୟଟନ ବିଭାଗ କେବଳ ଏକ ଫଳକ ମାରିଦେଇ ତା'ର କାର୍ଯ୍ୟ ସାରିଦେଇଛି। ପୀଠ ସ୍ଥାନର ମାଲିକାନା ଜୈନିକ ଏକ ବ୍ୟକ୍ତିଙ୍କ ନାମରେ ରହିଥିବାରୁ ଏହି ପୀଠର ବିକାଶ, ପ୍ରଚାର, ପ୍ରସାର ହୋଇପାରୁ ନଥିବା କହିଛନ୍ତି ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର। ବୌଦ୍ଧ ପୀଠ ନିକଟରେ ରହିଛି ୨ଏକର ପରିଧି ବିଶିଷ୍ଟ ଧରମୁ



## ଅସନ୍ତୋଷ ପ୍ରକାଶକଲେ ବିଦେଶୀ ପର୍ଯ୍ୟଟକ

ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ୧୯୭୧-୧୯୭୫ମସିହାରେ ଖନନ କରାଯାଇ ଉଦ୍ଧାର କରାଯାଇଥିଲା। ମାତ୍ର ଦୀର୍ଘ ୫୦ବର୍ଷ ବିତିଯାଇଥିଲେ ମଧ୍ୟ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହାକୁ ଗୁରୁତ୍ୱ ନଦେଇ ଉପେକ୍ଷା କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏ ନେଇ ହାତଗଣତି କେତେକ ବିଦେଶୀ ପର୍ଯ୍ୟଟକ ଏଠାକୁ ପରିଭ୍ରମଣରେ ଆସି ବୌଦ୍ଧ ପୀଠର ଏପରି ଦୟନୀୟ ସ୍ଥିତି ଦେଖି ଘୋର ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅବହେଳା ଯୋଗୁଁ ଏହି ପୀଠରେ ପର୍ଯ୍ୟଟକଙ୍କ ପାଦ ପଡୁନଥିବା ବେଳେ ଏହି ପୀଠ ଟି ପୋଖରୀ। ସ୍ଥାନୀୟ ଶ୍ରଦ୍ଧାଳୁ ମାନେ ବୈଶାଖ ପୂର୍ଣ୍ଣିମା ଦିନ ଏହି ପୋଖରୀରେ କାହିଁ କେଉଁ କାଳରୁ ବୁଡ଼ ପକାଇ ବୁଦ୍ଧଦେବଙ୍କୁ ଦର୍ଶନ କରିଆସୁଛନ୍ତି। ୧୯୮୪ ମସିହାରେ କୋଣାର୍କ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ବାମଦେବ ମହାପାତ୍ର ଏହି ପୀଠକୁ ପ୍ରଥମେ ଲୋକଲୋଚନକୁ ଆଣିଥିଲେ। ପ୍ରତ୍ନତାତ୍ତ୍ୱିକ ଖନନ ପରେ ଧରମୁ ପୋଖରୀରୁ ପ୍ରାୟ ୬ଫୁଟ ଉଚ୍ଚତାର ଏକ ବିଶାଳ ବୌଦ୍ଧ ମୂର୍ତ୍ତି ସହିତ ଚତୁର୍ଭୁଜ ବୌଦ୍ଧ ମୂର୍ତ୍ତି ଓ ଏକ ନାରୀ ମୂର୍ତ୍ତି ଉଦ୍ଧାର ହୋଇଥିଲା। ଏଥି ସହିତ ପୋଖରୀ ସମ୍ମୁଖରୁ ପ୍ରାୟ ୪୦ଫୁଟ ଓସାର, ୬୦ଫୁଟ ଲମ୍ବର ଏକ ବିରାଟକାୟ



ବୌଦ୍ଧବିହାର ଆବିଷ୍କାର କରାଯାଇଥିଲା। ଏହାପରେ ସରକାର ଏହି ସ୍ଥାନକୁ ରାଜ୍ୟ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିଥିଲେ। ପୋଖରୀରୁ ଉଦ୍ଧାର ବିରଳ ମୂର୍ତ୍ତି ସବୁକୁ ଏକ ଗୃହ ନିର୍ମାଣକରି ତା' ଭିତରେ ରଖିଥିଲେ। କିନ୍ତୁ ବୌଦ୍ଧବିହାର ବାହାରିଥିବା ସ୍ଥାନଟି ଜନୈକ ବ୍ୟକ୍ତିଙ୍କର ନିଜସ୍ୱ ଜମି ହୋଇଥିବାରୁ ସେଠାରେ ସରକାର କୌଣସି ଉନ୍ନତିମୂଳକ କାର୍ଯ୍ୟ କରିପାରୁ ନାହାନ୍ତି। ପ୍ରଥମେ ଉପଯୁକ୍ତ କ୍ଷତିପୂରଣ ଦେଇ ଉକ୍ତ ବ୍ୟକ୍ତିଙ୍କଠାରୁ ଉକ୍ତ ସ୍ଥାନକୁ ସରକାର ଅଧିଗ୍ରହଣ କରିବା ଉଚିତ। ତା'ପରେ ପୀଠର ଉନ୍ନତି କରିବା ଉପରେ ଦୃଷ୍ଟିଦେବା ଦରକାର। ନା ସରକାର ବୌଦ୍ଧବିହାର ସ୍ଥାନକୁ ଅଧିଗ୍ରହଣ କରୁଛନ୍ତି ନା ଉକ୍ତ ପୀଠର ଉନ୍ନତି ହୋଇପାରୁଛି। ସାରା ରାଜ୍ୟରେ ଥିବା ବିଭିନ୍ନ ବୌଦ୍ଧପୀଠ, ବିହାରର ଉନ୍ନତି ହେଉଥିବାବେଳେ ବୌଦ୍ଧପୀଠ କୁରୁମ କେବଳ କାଗଜ କଲମରେ ଏକ ପର୍ଯ୍ୟଟନସ୍ଥଳୀ ହୋଇ ରହିଯାଇଛି। ସ୍ଥାନୀୟ ଗ୍ରାମବାସୀମାନେ ଜାଳେଣି ପାଇଁ ଏହି ଐତିହାସିକ ବୌଦ୍ଧ ପୀଠ ଉପରେ ଗୋବରଘଷି ପାରି ଶୁଖାଇବା ସହିତ ଧାନ, ନଡ଼ା, କୁଟା ଆଦି ଶୁଖାଉଥିବା ଓ ଅନାବନା ଗଛ ଉଠି ଜଙ୍ଗଲ ସଦୃଶ୍ୟ ହେବା ସହ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇରହିଛି। ଅଷ୍ଟମ ଶତାବ୍ଦୀର ଏହି ଐତିହ୍ୟ ଆଜି ସରକାର ଙ୍କ ଉଦାସୀନତା କାରଣରୁ ଧ୍ୱଂସାଭିମୁଖୀ ହୋଇପଡ଼ିଛି ବୋଲି କୁହନ୍ତି ଅଞ୍ଚଳବାସୀ। ସରକାରଙ୍କ ଏପରି ଉଦାସୀନତାକୁ ନେଇ ବାଧ ହୋଇ ଚାରି ଗାଁ ବାସୀ କୁରୁମ ବୌଦ୍ଧ ପୀଠ ବିକାଶ ପରିଷଦ ନାମରେ ଏକ ଅନୁଷ୍ଠାନ ଗଢ଼ି ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଛନ୍ତି। ତୁରନ୍ତ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟିଦେଇ ଏହି ଅଷ୍ଟମ ଶତାବ୍ଦୀର ବୌଦ୍ଧ ପୀଠର ପାରିପାର୍ଶ୍ୱିକ ବିକାଶ ସହିତ ପୀଠର ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଏହାକୁ ଏକ ଅନ୍ତର୍ଜାତୀୟ ମାନର ଗଢ଼ିତୋଳି ପାରିଲେ ଏହି ଐତିହ୍ୟର ପ୍ରଚାର ପ୍ରସାର ହୋଇପାରିବ ବୋଲି ବରିଷ୍ଠ ସଂସ୍କୃତି ଗବେଷକ ସଞ୍ଜୟ କୁମାର ବରାଳ ଦାବି କରିଛନ୍ତି।

## ଶିଳ୍ପ, ଇସ୍ପାତ ଓ ବୈଷୟିକ ଶିକ୍ଷା ମନ୍ତ୍ରୀଙ୍କ ନୀଳମାଧବ ଦର୍ଶନ



**କଣ୍ଟିଲୋ,୨୪।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ଶିଳ୍ପ, ଇସ୍ପାତ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଆଜି ଗୁରୁବାର ସନ୍ଧ୍ୟାରେ କଣ୍ଟିଲୋ ଆସି ନୀଳମାଧବ ମନ୍ଦିରକୁ ଯାଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସମୟରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ଦର୍ଶନ ପରେ କଂସା ବାସନ ଶିଳ୍ପ ଉପରେ ପ୍ରସିଦ୍ଧି ଲାଭ କରିଥିବା କଂସା ନିର୍ମିତ ଏକ ବାସନ ସେଟ ନିଖିଳ ଉତ୍କଳ କଂସାରୀ ସମାଜ କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ମନ୍ତ୍ରୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିବା ସଙ୍ଗେ ସଙ୍ଗେ କଣ୍ଟିଲୋ କାରିଗର ମାନଙ୍କ ଦୟନୀୟ ପରିସ୍ଥିତି ବିଷୟରେ ସମ୍ୟକ ସୂଚନା ଦେଇଥିଲେ।

## ଆତଙ୍କବାଦୀ ଆକ୍ରମଣକୁ ସାମ୍ବାଦିକ ସଂଘର ଦୃଢ଼ ନିନ୍ଦା



**ଚାରିଛକ,୨୪।୪/ଏନ୍‌ଏନ୍‌ଏସ୍:** ଜମ୍ମୁକାଶ୍ମୀର ପହଲଗ୍ରାମକୁ ବୁଲିବାକୁ ଯାଇଥିବା କିଛି ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀଙ୍କ ଆକ୍ରମଣକୁ ଚାରିଛକ ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ସୂଚନା ମୁତାବକ ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପହଲଗ୍ରାମରେ ମଙ୍ଗଳବାର ଦିନ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀଙ୍କ ବର୍ବର ଆକ୍ରମଣ ହୋଇଛି । ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କୁ ଧର୍ମ ପଚାରୀ ପରିଚୟପତ୍ର ଯାଂଚକରି ଗୁଳିକରି ମାରିଥିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଆତଙ୍କବାଦୀଙ୍କ ଗୁଳିରେ କିଛି ଓଡିଆଙ୍କ ସମେତ ୨୬ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଜମ୍ମୁକାଶ୍ମୀର ଆତଙ୍କବାଦୀଙ୍କ ଆକ୍ରମଣର ଦୃଢ ନିନ୍ଦା କରିବା ସହ କେନ୍ଦ୍ର ସରକାର ତାହାର ଉଚିତ ଜବାବ ଦେବାକୁ ଚାରିଛକ ସାମ୍ବାଦିକ ସଂଘର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡଃ ସନ୍ତୋଷ ମିତ୍ର, କାହ୍ନୁ ଚରଣ ବେହେରା, ପ୍ରାକ୍ତନ ପ୍ରାଧାପକ ପଞ୍ଚାନନ ସାହୁ, ବନବିହାରୀ ଦାଶ, କୃଷ୍ଣଚନ୍ଦ୍ର ରାଉତ, ଅଧୀନ ପାତ୍ର, ସଭାପତି ପ୍ରଫୁଲ୍ଲ କର, ସଂପାଦକ ବସନ୍ତ ଦାସ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସନ୍ତୋଷ ଦାଶ, ପ୍ରଫୁଲ୍ଲ ସାହୁ, ବିଜୟ ବେହେରା, ପ୍ରଶାନ୍ତ ସାହୁ, ପ୍ରଫୁଲ୍ଲ ସାହୁ ଦାବି କରିଛନ୍ତି।

## ଅଙ୍ଗନବାଡ଼ିରେ ପୋଷଣ ପକ୍ଷ




**ମୁଣ୍ଡମୁହାଣ,୨୪।୪/ଏନ୍‌ଏନ୍‌ଏସ୍:** ବୁଧବାର ଜଟଣୀ ବ୍ଲକ ମଦନପୁର ପଞ୍ଚାୟତ ବଡରଘୁନାଥପୁର ଅଙ୍ଗନବାଡି କେନ୍ଦ୍ରରେ ପୋଷଣ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମା'ମାନଙ୍କ ଗର୍ଭାବସ୍ଥାରୁ ଶିଶୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁ କିପରି ସୁସ୍ଥ ରହିବେ ସେ ଉପରେ ଆଲୋଚନା କରାଯାଇଥିଲା। ଅଙ୍ଗନବାଡି କର୍ମିଙ୍କ ଏହି ପୋଷଣ କାର୍ଯ୍ୟକ୍ରମ ସାହାଯ୍ୟରେ ମା' ଓ ଶିଶୁ ମାନଙ୍କ ଓଜନ, ଉଚ୍ଚତା, ରକ୍ତହୀନତା, ମେଦବହୁଳତା ଓ ପୃଷ୍ଟିହୀନତାରୁ କିପରି ମୁକ୍ତ ରହିବେ ସେନେଇ ବୁଝାଇଥିଲେ। ଏହି ଉତ୍ସବରେ କିଶୋରୀ, ଗର୍ଭବତୀ, ପ୍ରସୁତି ମାନଙ୍କୁ ସୁପରଭାଇଜର ସୁଭାସିନୀ ଦାସ୍ ଏ ନେଇ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଗର୍ଭବତୀମାନଙ୍କୁ ବନ୍ଦାପନା କରାଯାଇ ଅଙ୍ଗନବାଡି କର୍ମୀମାନେ ନେଇଥିବା ବିଭିନ୍ନ ପ୍ରକାରର ପିଠା, ଫଳମୂଳ ସ୍ୱାଦଖିଆ କରାଯାଇଥିଲା। ୭ମାସ ଶିଶୁ ମାନଙ୍କୁ ଖୀରି ଚଟା ଓ ଅନ୍ନପ୍ରାଶନ ଛୁଆଁ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମଦନପୁର ଓ ଯାଁଳା ଅଙ୍ଗନବାଡି କେନ୍ଦ୍ରର କର୍ମୀମାନେ ପରିଚାଳନା କରିଥିଲେ।

## ଅଜଣା ମହିଳାଙ୍କ ଗଳିତ ଶବ ଉଦ୍ଧାର

**ଜଟଣୀ,୨୪।୪/ଏନ୍‌ଏନ୍‌ଏସ୍:** ଜଟଣୀ ଥାନା ଅନ୍ତର୍ଗତ କନ୍ତିଆ ଗ୍ରାମ ସନ୍ନିକଟସ୍ଥ ବୁଦୁବୁଦିଆ ଜଙ୍ଗଲ ମଧ୍ୟରୁ ଗୁରୁବାର ପୁଲିସ ଜଣେ ଅଜଣା ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ସେହି ଗ୍ରାମର କିଛି ଲୋକ ଆମ୍ବ ତୋଳିବା ପାଇଁ ସେହି ଅଞ୍ଚଳକୁ ଯାଇଥିବା ସମୟରେ ଦୁର୍ଗନ୍ଧ ହେବାରୁ ନିକଟକୁ ଯାଇ ଏକ ମୃତଦେହ ଦେଖିବାକୁ ପାଇବା ପରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନୁସଙ୍ଗିକ ତଦନ୍ତ କରିବା ସମୟରେ ଶବ ନିକଟରେ ଆଶାବାଡ଼ି, ବାଲ୍‌ଟି ଓ କିଛି ଲୁଗା ଦେଖିବାକୁ ପାଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଶବଟି ଜଣେ ଦିବ୍ୟାଙ୍ଗ ମହିଳାଙ୍କର ଏବଂ ସେହି ସ୍ଥାନରେ ତିନି ଚାରିଦିନ ହେବ ପଡ଼ିରହିଥାଇପାରେ ବୋଲି ପୁଲିସ ପକ୍ଷରୁ ଅନୁମାନ କରାଯାଇଛି। ତେବେ ଉକ୍ତ ଶବଟି କାହାର ଏବଂ କୋଉ ପରିସ୍ଥିତିରେ ଏଠାକୁ ଆସିଲା, ଯଦି ଏହି ଅଞ୍ଚଳର ହୋଇଥାନ୍ତା ତେବେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥାନ୍ତେ। ଏହିଭଳି ବିଭିନ୍ନ କଥା ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଜଣାପଡ଼ିଛି।

## ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ଦିବସ

**ଚିଲିକା,୨୪।୪/ଏନ୍‌ଏନ୍‌ଏସ୍:** ପରମଯୋଗୀ ଶ୍ରୀ ଅରବିନ୍ଦଙ୍କ ୧୦୨ତମ ସିଦ୍ଧି ଦିବସ ଚିଲିକା ଅଞ୍ଚଳର ବିଭିନ୍ନ ରିଲିକ୍ସ ସେଣ୍ଟର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ପାଠଚକ୍ର ମାନଙ୍କରେ ପାଳିତ ହୋଇଯାଇଛି। ପ୍ରାତଃ ସମୟରେ ବଡ଼ପଦରସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଥିବା ଶ୍ରୀଅରବିନ୍ଦଙ୍କ ରିଲିକ୍ସ ସେଣ୍ଟର୍ ଠାରେ




ମାତୃପ୍ରେମୀମାନେ ଏକତ୍ରିତ ହୋଇ ସମାଧିରେ ଧୂପପୁଷ୍ପ ଅର୍ପଣ କରିବା ସହ ସମୂହ ଧ୍ୟାନ ଓ ପ୍ରାର୍ଥନା କରିଥିଲେ।ଏହାପରେ ଦୁର୍ଗା ସ୍ତୋତ୍ର ପଠନ କରା ଯିବା ସହ ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କୁ ବ୍ଲେସିଙ୍ଗ କାର୍ଡ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ସୁନାଖଳା ଓ ପାଇକ କୋଷଡ଼ି ରିଲିକ୍ସ ସେଣ୍ଟର୍ ଠାରେ ସମୁହ ଧ୍ୟାନ ପ୍ରାର୍ଥନା ହୋଇଥିବା ବେଳେ କାଲୁପଡ଼ା, ବଉଳାବନ୍ଧ, ଗମ୍ଭାରୀମୁଣ୍ଡା, ବାଲୁଗାଁ ଓ ବାଣପୁରଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ସିଦ୍ଧିଦିବସ ପାଳିତ ହୋଇଯାଇଛି।

### ୪ବର୍ଷ ପରେ ବି ମିଳୁନି ବକେୟା ବିଲ୍

## ଆଦର୍ଶ ଗୁହାଳ ନିର୍ମାଣକରି ୨ ହିତାଧିକାରୀ ହନ୍ତସନ୍ତ

**ଖଣ୍ଡପଡ଼ା,୨୪।୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଗ୍ରାମର ପ୍ରତାପ କୁମାର ପଣ୍ଡା ଓ ରାକେଶ କୁମାର ସେଠୀ ପ୍ରମୁଖ ୨ଜଣ ହିତାଧିକାରୀ ଆଦର୍ଶ ଗୁହାଳ ନିର୍ମାଣ କରିବାର ୪ ବର୍ଷ ପରେ ବି ଗୁହାଳ ନିର୍ମାଣ ବାବଦ ବକେୟା ବିଲ ପାଉନଥିବା ଜଣାପଡିଛି। ଗୁହାଳ ନିର୍ମାଣ ବାବଦ ବିଲ ପାଇବାରୁ ବଞ୍ଚିତ ୨ ହିତାଧିକାରୀ କୁମ୍ଭାରପଡା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଖଣ୍ଡପଡ଼ା ବ୍ଲକ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିବା ଜଣାପଡିଛି। ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ୨ ହିତାଧିକାରୀଙ୍କୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜରିଆରେ ଆଦର୍ଶ ଗୁହାଳ ନିର୍ମାଣ ବାବଦରେ କେନ୍ଦ୍ରୀୟ ଅନୁଦାନ ଅର୍ଥ ୧.୧୩ ଲକ୍ଷ ଟଙ୍କା



ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ବେଳେ ଉଭୟେ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ମାତ୍ର ୧୬ ହଜାର ଟଙ୍କା ଲେଖାଁଏ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ ଆଦର୍ଶ ଗୁହାଳ ନିର୍ମାଣ ବାବଦ ବକେୟା ବିଲ ଏବେବି ବ୍ଲକ ପ୍ରଶାସନ ନିକଟରେ ପଡ଼ିରହିଛି। ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ଆଦର୍ଶ ଗୁହାଳ ନିର୍ମାଣ ବାବଦ ବିଲ ମିଳୁନଥିବାରୁ ଉକ୍ତ ୨ ହିତାଧିକାରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାର୍ ଉଧାର କରି ଆଦର୍ଶ ଗୁହାଳ ନିର୍ମାଣ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ବିଲ ପ୍ରଦାନ ନିମନ୍ତେ ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଓ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟିଦେବାକୁ କୁମ୍ଭାରପଡ଼ା ଗ୍ରାମବାସୀ ଦାବି କରିଛନ୍ତି।

## ଆନ୍ତର୍ଜାତିକ ସମବାୟ ବର୍ଷରେ ରକ୍ତଦାନ ଶିବିର

**ଖୋର୍ଦ୍ଧା,୨୪।୪/ଏନ୍‌ଏନ୍‌ଏସ୍:** ଆନ୍ତର୍ଜାତିକ ସମବାୟ ବର୍ଷ -୨୦୨୫ ଉପଲକ୍ଷେ ଉପନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ବିଭାଜନ ଖୋର୍ଦ୍ଧା ଙ୍କ ଅନୁକୁଲ୍ୟରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିସରରେରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଓ ରକ୍ତଦାନ ଏକ ମହତ କାର୍ଯ୍ୟ ହୋଇଥିବାରୁ ଆନ୍ତର୍ଜାତିକ ସମବାୟ ବର୍ଷ ରେ ପ୍ରତି ଜିଲ୍ଲାରେ ଏକ ରକ୍ତଦାନ ଶିବିର କରି ରକ୍ତର ଅଭାବକୁ କିଞ୍ଚିତ ଭାବରେ ଲାଘବ କରିବାକୁ ଓଡିଶା ସରକାରଙ୍କ ସମବାୟ ବିଭାଗ ତରଫରୁ ପ୍ରତି ଜିଲ୍ଲାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଓ ଉକ୍ତ ରକ୍ତଦାନ ଶିବିରକୁ ଖୋର୍ଦ୍ଧା ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ଏହି ଶିବିରକୁ ଉଦ୍ଘାଟନ କରିଥିଲେ। ଶିବିରର ଆୟୋଜକ ଅଳକାନନ୍ଦ ଜେନା, ଉପନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ବିଭାଜନ, ବରିଷ୍ଠ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଖୋର୍ଦ୍ଧା ଉର୍ମିଳା ଦାସ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହ ସାମନ୍ତ, ସମ୍ପାଦକ ସାରଥୀ ଶତପଥୀ, ସହପ୍ରବନ୍ଧକ ସନ୍ଦୀପ ପଟ୍ଟନାୟକ, ତପନ ଦାସ, ବିଷ୍ଣୁ ପ୍ରସାଦ ମିଶ୍ର ଏହି ଶିବିରରେ ଉପସ୍ଥିତ ଥିଲେ ଓ ଏହି ଶିବିରକୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ଡାକ୍ତର ସୌରଭ ରାୟ, ଅର୍ଜୁନ ସାହୁ, ଝୁନିଲତା ସାହୁ, ବିଚିତ୍ରିତା ପୁହାଣ, ଜଶଜୀତ ଚମ୍ପତି,



ଝର୍ଣ୍ଣାରାଣୀ ପାତ୍ର, ଲକ୍ଷ୍ମୀପ୍ରିୟା ପ୍ରଧାନ ରକ୍ତଦାନ ଶିବିର ପରିଚାଳନା କରିଥିଲେ। ବ୍ୟାଙ୍କ କର୍ମଚାରୀ ଭବାନୀ ମୋହନ ସିହ୍ନା, ତପନ କୁମାର ଚୌଧୁରୀ ଜଗନ୍ନାଥ ପାଲ, ସୁଶାନ୍ତ ପ୍ରଧାନ, ରାକେଶ କୁମାର ପାଇକରାୟ, ଜ୍ୟୋତିରଞ୍ଜନ ରାଉତରାୟ, ପ୍ରଭୁ ପ୍ରସାଦ ପଟ୍ଟନାୟକ ଓ ସମିତିର ବରିଷ୍ଠ ସମ୍ପାଦକ ଝଜ ସାମନ୍ତରାୟ ଓ ବିଶ୍ୱନାଥ ମହାରଣା, ଖୋର୍ଦ୍ଧାର ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୧୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ଓ ବ୍ୟାଙ୍କର ସମ୍ପାଦକଙ୍କ ଧର୍ମପତ୍ନୀ ବେବିଲତା ଶତପଥୀ ରକ୍ତଦାନ କରିବା ସହିତ ଉତ୍ସାହିତ କରିଥିଲେ।

## ଗ୍ରାମବାସୀଙ୍କ ପକ୍ଷରୁ ମହମବତୀ ଶୋଭାଯାତ୍ରା

**ସାଲେପୁର,୨୪।୪/ଏନ୍‌ଏନ୍‌ଏସ୍:** ଗତ ମଙ୍ଗଳବାର ଦିନ ଜାମ୍ମୁ କାଶ୍ମୀର ଅନନ୍ତ ନାଗ ଜିଲ୍ଲାର ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ପହଲଗାମ୍ ବୈସରନ ଘାଟିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏହି ଆକ୍ରମଣରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ନିରୀହ ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ସରକାରି ଅଧିକାରୀ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ହାତରେ ମହମବତୀ ଧରି ଗ୍ରାମ ପରିକ୍ରମା କରିବା ସହିତ ବିଭିନ୍ନ ପ୍ରକାର ନାରାବାଜି ଦେଇଥିଲେ। ଏହି ଶୋଭାଯାତ୍ରାରେ ପ୍ରଦୀପ୍ତ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର କର, ଗୋବିନ୍ଦ



ପର୍ଯ୍ୟଟକଙ୍କ ପ୍ରାଣହାନୀ ଘଟିଛି। ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତ କଣ୍ଟାସାହି ଗ୍ରାମବାସୀମାନଙ୍କ ପକ୍ଷରୁ ଏହି ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ମୃତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମହମବତୀ ଶୋଭାଯାତ୍ରା ଚନ୍ଦ୍ର କର, ସନ୍ତୋଷ କୁମାର ଆଚାର୍ଯ୍ୟ, ସସ୍ମିତ କୁମାର ଦାଶ, ସନ୍ତୋଷ କୁମାର ଦାଶ, ମାନସ କୁମାର ଦାଶ, ସନ୍ତୋଷ ଷଡ଼ଙ୍ଗୀ, ମାନସ ଦାଶ, ପ୍ରବୀର ଚନ୍ଦ୍ର ଦାସ, ସତ୍ୟରଞ୍ଜନ ଦାଶଙ୍କ ସହିତ ବହୁ ଗ୍ରାମବାସୀ ଶୋଭାଯାତ୍ରାରେ ଭାଗନେଇଥିଲେ।

## ଆର୍‌ଆଇ ଅଫିସ୍ ସ୍ଥାନାନ୍ତର ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଖୋର୍ଦ୍ଧା,୨୪।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ୍ କୁଦିଆରିଠାରେ ଆର୍‌ଆଇ ଅଫିସ ହେବାର ସରକାରଙ୍କ ତରଫରୁ ନିଷ୍ପତ୍ତି ହୋଇଥିବା ବେଳେ ତାହା କିଛି ମୁଷ୍ଟିମେୟ ବ୍ୟକ୍ତି ଏବଂ ରାଜନେତାଙ୍କ ଚାପରେ ଏବେ ରଥିପୁରଠାରେ ଏହି କାର୍ଯ୍ୟାଳୟର କାମ ଆରମ୍ଭ ହୋଇଥିବାରୁ କୁଦିଆରି ଗ୍ରାମ ବାସିନ୍ଦା ପ୍ରତିବାଦ ସ୍ୱରୂପ ଏହାକୁ ବିରୋଧ କରି ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଥିବା ଜଣାପଡ଼ିଛି। ଜିଲ୍ଲାପାଳ ଚଞ୍ଚଳ ରାଣା କୁଦିଆରି ଗ୍ରାମବାସୀଙ୍କୁ ଜଣାଇଛନ୍ତି ଏହା ଆଲୋଚନା ମାଧ୍ୟମରେ ଯେଉଁଟା ଠିକ୍ ହେବ ସେହିଠାରେ କାର୍ଯ୍ୟାଳୟ ଅନୁଷ୍ଠିତ ହେବ। ଗ୍ରାମବାସୀ ଦାବିରେ ଉଲ୍ଲେଖ କରିଛନ୍ତି ପ୍ରଥମେ ରଥିପୁରରୁ କାର୍ଯ୍ୟାଳୟ କାମ ବନ୍ଦ କରାଯାଉ ଏହା ୧୦ ଦିନ ମଧ୍ୟରେ କାମ ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ରତର ହେବା ସହ ସମସ୍ତ ସରକାରୀ ଅଫିସ ଆଗରେ ଧାରଣା ଦିଆଯିବା ସହ ରାଜରାସ୍ତା ଅବରୋଧ କରିବାକୁ ବାଧ ହେବୁ ଏହା ନିଜ ବକ୍ତବ୍ୟରେ ଚେତାବନୀ ଦେଇଛନ୍ତି।

# ତ୍ରୟୋଦଶତମ ବିରୂପା ମହୋତ୍ସବ ଉଦ୍‌ଘାଟିତ

**ସାଲେପୁର,୨୪।୪/ଏନ୍‌ଏନ୍‌ଏସ୍:** ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଦ୍ୱାଦଶତମ ବିରୂପା ମହୋତ୍ସବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉଦଘାଟିତ ହୋଇଯାଇଛି। ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଏବଂ ବିଜୟାନନ୍ଦ ଯୁବ ପରିଷଦ ଦ୍ୱାରା ଆୟୋଜିତ ଗୋପୀନାଥପୁର ହରିଡା ପଡିଆ ଠାରେ ବିରୂପା ମହୋତ୍ସବ କମିଟିର ସଭାପତି ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାକୁ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଧି ଆୟୋଗ ର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ନ୍ୟୁଜ ସେଭେନର କାର୍ଯ୍ୟକାରୀ ସମ୍ପାଦକ ଦେବ ନାରାୟଣ ସେଠ,ବରେଣ୍ୟ ଅତିଥି ଭାବେ ଓଡ଼ିଆ ଅର୍ଥ ସେବା ଯୁଗ୍ମ ଶାସନ ସଚିବ ଡ଼ଃ ସଂଗ୍ରାମ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ବିତ୍ତ ତଥା ପ୍ରଶାସନିକ ଅଧିକାରୀ ଡ଼ଃ କ୍ଷେତ୍ରବାସୀ ମାନ ସେଠ ଯୋଗ ଦେଇ ଓଡ଼ିଶାର ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନେ ଡ଼ଃ ସସ୍ମିତା ପଟ୍ଟନାୟକଙ୍କୁ ବିରୂପା ସ୍ୱୟଂସିଦ୍ଧା ସମ୍ମାନରେ ସମ୍ମାନିତ କରିଥିଲେ। ସଙ୍ଗଠକ ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ସିଦ୍ଧାର୍ଥ ଟିଭିର ଧାରାବାହିକ ମାୟା ଓ ମମତାର ସମସ୍ତ କଳାକାର, ଗନ୍ଧର୍ବ କଳା ପରିଷଦ ଖୋର୍ଦ୍ଧା ଓ କଟକର ନଟରାଜ ଡ୍ୟାନ୍ସ ଏକାଡେମୀ, ତ୍ରିନେତ୍ର କଳାକୁଞ୍ଜର କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଯାହାକି ଅତି ମନମୁଗ୍ଧକର ହୋଇଥିଲା। ମହୋତ୍ସବକୁ ପ୍ରଶାନ୍ତ କୁମାର କର, ଦେବେନ୍ଦ୍ର ନାଥ ସ୍ୱାଇଁ, ବିଶ୍ୱରଞ୍ଜନ ସାହୁ, ପ୍ରଶାନ୍ତ କୁମାର ଭୂୟାଁ, ରମେଶ କୁମାର ଲେଙ୍କା, ବନମାଳୀ ପ୍ରଧାନ, ଜ୍ୟୋତିରଞ୍ଜନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ନିତିଦିନ NITIDIN



## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଉତ୍ସବ ସମାରୋହ

# 'ଗାଁର ବିକାଶ ହେଲେ ଓଡ଼ିଶାର ବିକାଶ ହେବ'



**ନୟାଗଡ଼,୨୪।୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ୍ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କର ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା । ଏହା ସହିତ ପଞ୍ଚାୟତ ସ୍ତରରେ ସରକାରଙ୍କର ବିଭିନ୍ନ ଯୋଜନା ଲକ୍ଷପତି ଦିଦି, ସ୍ୱଚ୍ଛ ପରିବେଶ ଇତ୍ୟାଦିରେ ଉଲ୍ଲେଖନୀୟ କାର୍ଯ୍ୟକରି ବିଭିନ୍ନ ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରାଯାଇଛି । କ୍ଷମତାକୁ ବିକେନ୍ଦ୍ରୀକରଣ, ଗ୍ରାମର ବିକାଶ ହେଲେ ଓଡ଼ିଶାର ବିକାଶ ସମ୍ଭବ, ଜୀବନଶୈଳୀରେ ଉନ୍ନତି ପାଇଁ ପଞ୍ଚାୟତକୁ ପ୍ରାଧାନ୍ୟ ଦେବା ଏବଂ ଭାରତର ଆତ୍ମା ଗାଁରେ ଅଛି ବୋଲି ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ। ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ଜିଲ୍ଲାରେ ୩୦ ପ୍ରତିଶତ ଧାନକିଣାରେ ବୃଦ୍ଧି ହୋଇଛି ଏବଂ ୫୨ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ଧାନ କିଣା ହୋଇଛି ବୋଲି କହିଥିଲେ। ନୂଆ ରାସନକାର୍ଡ ପାଇବା ପାଇଁ ୩୧୭ ପରିବାର ତାଲିକାଭୁକ୍ତ ହୋଇଛନ୍ତି ଏବଂ ୮୧୬୧ ନୂଆ ରାସନକାର୍ଡ କିଛି ଦିନ ମଧ୍ୟରେ ଦିଆଯିବ। ବିଭିନ୍ନ ବ୍ଲକରେ ୨୩୧ଟି ରାସନ୍ କାର୍ଡ ବଣ୍ଟନ କରାଯାଇଥିବା ଜଣାପଡିଛି।

- **ଟାଙ୍ଗୀ:** ଟାଙ୍ଗୀ ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ଟାଙ୍ଗୀ ଚୌଦ୍ୱାର ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୨୪ଟି ପଞ୍ଚାୟତ ର ରାସନ୍ କାର୍ଡ ପାଇନଥିବା ହିତାଧିକାରୀ ମାନଙ୍କୁ କାର୍ଡ ବଣ୍ଟନ କରାଯିବ ବୋଲି କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅଭିଭାଷଣ ରଖିବା ସହ ବିଭିନ୍ନ ପୋଟାଲ୍ ଉନ୍ମୋଚନ କରିଥିଲେ। ଗାଁ ର ବିକାଶହେଲେ ଦେଶର ବିକାଶ ହେବ ବୋଲି କହିବା ସହ ପ୍ରକୃତ ହିତାଧିକାରୀ ମାନଙ୍କୁ ଖାଉଟି କଲ୍ୟାଣ ଯୋଜନାରେ ସାମିଲ କରି ରାସନ୍ କାର୍ଡ ବଣ୍ଟନ କରିଥିଲେ। ହେଲେ ବ୍ଲକର କୌଣସି ହିତାଧିକାରୀଙ୍କୁ ରାସନ କାର୍ଡ ନ ମିଳିବା ଦ୍ୱାରା ହିତାଧିକାରୀମାନେ କାର୍ଡ ନ ପାଇଁ ନିରାଶ ହୋଇ ଫେରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଆଠଗଡ଼ ବିଧାୟକଙ୍କ ପ୍ରତିନିଧ ସେକ ସାହାଜାନ, କଟକ ସାଂସଦ ପ୍ରତିନିଧି ଚିତ୍ତରଞ୍ଜନ ମଲ୍ଲିକ ଉପସ୍ଥିତ ଥିବା ବେଳେ ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ରହିବା ସହ ବ୍ଲକର ବିଭିନ୍ନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

- **ବାଲିପାଟଣା:** ଆଜି ପୂର୍ବାହ୍ନରେ ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇ ଯାଇଛି। ଆଭାଷି ମାଧ୍ୟମରେ ପୁରୀଠାରେ ମୁଖ୍ୟ କାର୍ଯ୍ୟକ୍ରମର ପ୍ରସାରଣ ପରେ ବିଡ଼ିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଙ୍କ ସଭାପତିତ୍ୱରେ ଏକ ସଭାରେ ଅତିଥି ଭାବରେ ବ୍ଲକ ଚେୟାରମେନ ହରପ୍ରିୟା ଦାସ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ଜିଲ୍ଲାପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, ସାଂସଦ ଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ପଞ୍ଚାୟତରାଜ ଦିବସ ପାଳନ ମାଧ୍ୟମରେ ପଞ୍ଚାୟତ ସ୍ତରରୁ ଜନସାଧାରଣ ଙ୍କୁ ସେବା ଯୋଗାଇ ଦେଉଥିବା ଅଧିକାରୀମାନଙ୍କୁ, ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ଅଧିକ ଉତ୍ସାହିତ କରାଯାଇଥାଏ ବୋଲି କହିଥିଲେ। ଏହି ଅବସରରେ ପ୍ରତୀକାତ୍ମକ ଭାବରେ ୪ଜଣଙ୍କୁ ରାସନ୍ କାର୍ଡ ବଣ୍ଟନ ଓ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିବା ଲୋକପ୍ରତିନିଧି ଓ କର୍ମଚାରୀମାନଙ୍କୁ ପ୍ରମାଣପତ୍ର ଓ ଫଳକମାନ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ରହିଛନ୍ତି ଅଙ୍ଗନୱାଡ଼ି କର୍ମୀ ପୁଷ୍ପାଞ୍ଜଳି କୁଣ୍ଡ, ସହାୟିକା ବିଜୟଲକ୍ଷ୍ମୀ ବେହେରା, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଭ୍ରଜିତ୍ ଜେନା, ଲକ୍ଷପତି ଦିଦି ଲାବଣ୍ୟବତୀ ଓଝା, ଆଶାକର୍ମୀ ମାମିନା ମୁଦୁଲି,କାର୍ଯ୍ୟ ପରିଚାଳନାରେ ଜିପିଓ କଳ୍ପନା ସାସମଲ ଓ ସିପି ପ୍ରଭାତ ଜେନା। ଜିଲ୍ଲାସ୍ତରରେ ଏହି ବ୍ଲକର ପମ୍ପାଲୋ, ଗରେଡିପାଞ୍ଚଣ, ମକୁନ୍ଦାସପୁର ଓ ନରିଶୋ ପଞ୍ଚାୟତକୁ ସେମାନଙ୍କ ସଫଳତା ପାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦିବ୍ୟରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ।

- **ମାହାଙ୍ଗା:** ମାହାଙ୍ଗା ବ୍ଲକ ପରିସରରେ ମାହାଙ୍ଗା ପଂଚାୟତ ସମିତି ପକ୍ଷରୁ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ଏପିଓ ରାମାନୁଜ ମହାରଣାଙ୍କ ସଂଯୋଜନା ଓ ବିଡିଓ ସନ୍ତୋଷ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ସାଧାରଣ



ଲୋକମାନେ କିପରି ସରକାରଙ୍କ ସମସ୍ତ ଯୋଜନା ପାଇପାରିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଶାସନରେ ସମସ୍ତ ଜନସାଧାରଣମାନେ ସମସ୍ତ ଯୋଜନାରେ ଉପକୃତ ହେବେ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ସାଂସଦଙ୍କ ପ୍ରତିନିଧି ଅଶୋକ ସ୍ୱାଇଁ, ଏବିଡିଓ ସୂର୍ଯ୍ୟକାନ୍ତ ରାଉତ, ଜିପିଓ ଜନ୍ମେଜୟ ରାଉତ ପ୍ରମୁଖ ଯୋଗଦେଇ ପଞ୍ଚାୟତରାଜ ଦିବସ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମାହାଙ୍ଗା ବ୍ଲକର ବହୁ ହିତାଧିକାରୀମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ନିରୀକ୍ଷିକା ଇତିଶ୍ରୀ ଜେନା, ଆକାଉଣ୍ଟ ଅଫିସର କଳ୍ପତରୁ ମଙ୍ଗରାଜ, ଅଶୋକ କୁମାର ପତିହାରୀ, ଲଲାଟ କେଶରୀ ସେଠୀ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋରଂଜନ ନାୟକ, ଧୃବଚରଣ ସାମଲ, ଜିତେନ୍ଦ୍ର ଶତପଥି, ଅଜୟ ନାୟକ, ଭକ୍ତଚରଣ ସ୍ୱାଇଁ, ମନୋରଂଜନ ବିଶ୍ୱାଳ, ହରେକୃଷ୍ଣ ସାହୁଙ୍କ ସମେତ ବ୍ଲକର ବହୁ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ, ଏମ୍‌ବିକେ, ସିଆର୍‌ପି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ବହୁ ହିତାଧିକାରୀ ଉପସ୍ଥିତ ଥିଲେ। ସେହିପରି ମାହାଙ୍ଗା ପଞ୍ଚାୟତ ସମିତି ନୂତନ ଗୃହର ଶୁଭ ଶିଳାନ୍ୟାସ କରିଥିଲେ।

- **ଆଠଗଡ଼:** ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ ଆଠଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ପୂର୍ବାହ୍ନରେ ସମୟରେ ପାଳିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟ ବଳଭଦ୍ର ବାଘ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାପରିଷଦ ସଭ୍ୟା/ସଭ୍ୟ, ସମିତି ସଭ୍ୟ/ସଭ୍ୟ, ସରପଞ୍ଚ ଗୋଷ୍ଠୀ ଉନ୍ନୟନ ଅଧିକାରୀ,



ଆଠଗଡ, ମଣ୍ଡଳ ବିତ୍ତ ଅଧିକାରୀ, ଗ୍ରାମ୍ୟ ପଞ୍ଚାୟତ ଉନ୍ନୟନ ଅଧିକାରୀ, ଯୋଗାଣ ଅଧିକାରୀ, ହିତାକାରୀ ଏବଂ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପୁରୀରେ ପାଳନ କରାଯାଇଥିବା ପଞ୍ଚାୟତିରାଜ ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ର ଶୁଭାରମ୍ଭ, ଯୋଜନାର ଅନୁମୋଦନ ଏବଂ ନୂତନ ରାସନ କାର୍ଡ ବଣ୍ଟନ ଆଦି କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରାଯାଇଥିଲା। ପୁଷ୍ଟି ପଞ୍ଚାୟତ ପୁରସ୍କାର ଜିତିଥିବା ଖୁଣ୍ଟକଟା ଗ୍ରାମପଞ୍ଚାୟତକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ସାମିଲ ଥିଲେ।

- **ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ପରିସରରେ ଜାତୀୟ ପଂଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅଙ୍କୁର ଅଭିଳାଷ ପୌରହିତ୍ୟ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ୬ନଂ ଜିଲ୍ଲା ପରିଷଦ ସଭ୍ୟା ଉଜଳ ମହାରଣା, ସାଂସଦଙ୍କ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂହ, ଏବିଡିଓ ଝାଡେଶ୍ୱର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏ ଅବସରରେ ବିଭିନ୍ନ ପଞ୍ଚାୟତ ପକ୍ଷରୁ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ନୂତନ ରାସନ କାର୍ଡ ପାଇ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ କୃତଜ୍ଞତା ଜଣାଇଥିବା ବେଳେ ଦୀର୍ଘ ଦିନ ପରେ ସ୍ୱପ୍ନ ସାକାର ହୋଇଥିବା ପ୍ରତିକ୍ରିୟା ଦେଇଛନ୍ତି। ଜିପିଇଓ ଅନିତ କୁମାର ବଡସେଟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ୨୨ଗୋଟି ପଞ୍ଚାୟତରୁ ମିଶନଶକ୍ତି ମହିଳା, ଏସ୍‌ଏଚ୍‌ଜି ମହିଳା ଲୋକପ୍ରତିନିଧିମାନେ ଥିଲେ।



# ୬ ପଞ୍ଚାୟତକୁ ଶ୍ରେଷ୍ଠ ପୁରସ୍କାର



**ଓଡ଼ଗାଁ,୨୪।୪/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ୍ ରୋଡ ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପୁରୀଠାରେ ଆୟୋଜିତ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭର୍ଚୁଆଲ ମାଧ୍ୟମରେ ଗାଁର ବିକାଶ ହେଲେ ଦେଶର ବିକାଶ ଘଟିବବୋଲି ନିଜ ଅଭିଭାଷଣରେ କହିଥିଲେ। ବର୍ତ୍ତମାନ ଲୋକଙ୍କ ସରକାର ଆସିଛି।ଆବାସଘର ଓ ଖାଦ୍ୟସୁରକ୍ଷା ଯୋଜନାରେ ଲୋକଙ୍କୁ ଚିହ୍ନଟକରି ରାସନ୍ କାର୍ଡ ପ୍ରଦାନ କରାଯାଉଛି ଆହୁରି କହିଥିଲେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ରାସନ୍ କାର୍ଡ ରଦ୍ଦକରି ଦିଆଯାଇଛି। ରାଜ୍ୟ ସରକାରଙ୍କ ପଞ୍ଚମ ଅର୍ଥ କମିଶନ ଯୋଜନାରେ ଯେଉଁ ପଞ୍ଚାତୟ ସୁଚାରୁ ରୁପେ କାର୍ଯ୍ୟକରିଛି ସେହି ପଞ୍ଚାୟତକୁ ଗୁରୁତ୍ୱ ଦିଆଯାଇଛି ଓ ୩ଲକ୍ଷ ୮୬ ହଜାର ୪୭୩ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଆଜି ପ୍ରଥମେ ଉତ୍କଳ ସଙ୍ଗୀତଗାନ ପରେ କାଶ୍ମୀରରେ ଘଟିଥିବା ପାକିସ୍ତାନୀଙ୍କ ବର୍ବର କାଣ୍ଡରେ ସହିଦ ହୋଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ପୁରୀ ଲୋକସଭା ସାଂସଦ ଡ଼ ସମ୍ବିତ ପାତ୍ର, ବିଭିନ୍ନ ବିଭାଗର ମନ୍ତ୍ରୀ ଓ ସଚିବ ଉପସ୍ଥିତ ଥିଲେ। ଏ ଅବସରରେ ଓଡ଼ଗାଁ ବ୍ଲକ୍‌ର ୩୬ଗୋଟି ପଞ୍ଚାୟତ ମଧ୍ୟରୁ ୬ ଶ୍ରେଷ୍ଠ ପଞ୍ଚାୟତ ମଗରବନ୍ଧ, ଗୋଟିସାହି, ଶରଣକୁଳ, ରୋହିବାଙ୍କ, କୁରାଳ ଓ ସୁନାମୁହିଁ ପଞ୍ଚାୟତ ସରପଞ୍ଚଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା । ଏହାପରେ ଖାଦ୍ୟ ସୁରକ୍ଷା ଯୋଜନାରେ ଆଜି ପ୍ରଥମ ପର୍ଯ୍ୟାୟରେ ୩୭ ଜଣ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ,ବିଡିଓ ଜିତେନ୍ଦ୍ର କୁମାର ନାୟକ, ଗ୍ରାମ ପଞ୍ଚାୟତ ଅଧିକାରୀ ବିଶ୍ୱଜିତ୍ ଜେନା ଓ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଉପସ୍ଥିତ ଥିଲେ।

# ଶ୍ରେଷ୍ଠ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର

**ଅସ୍ତରଙ୍ଗ,୨୪।୪/ଏନ୍‌ଏନ୍‌ଏସ୍:** ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ପୁରୀ ଜିଲ୍ଲା କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତକୁ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅସ୍ତରଙ୍ଗ ପଂଚାୟତକୁ ମିଳିଥିବା ପୁରସ୍କାର ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଓ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦୁଭୂଷଣ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ରାଶି ୫, ୭୯, ୭୧୦ ଟଙ୍କା ସହ ଏକ ମାନପତ୍ର ମଞ୍ଚ ଉପରେ ପୁରସ୍କୃତ କରିଛନ୍ତି। ଅତିଥି ଭାବେ ମଞ୍ଚ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା, ପଞ୍ଚାୟତରାଜ ମନ୍ତ୍ରୀ ରବି ନାଏକ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର ମିଳିବା ପରେ ବିଭିନ୍ନ ମହଲରୁ ସରପଞ୍ଚଙ୍କୁ ଶୁଭେଚ୍ଛା ମିଳୁଛି।

# ବାଇପାସ୍ ରାସ୍ତା କାର୍ଯ୍ୟକୁ ନେଇ ଅସନ୍ତୋଷ

**ଖଣ୍ଡପଡ଼ା,୨୩।୪/ଏନ୍‌ଏନ୍‌ଏସ୍:** ଗତ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଖଣ୍ଡପଡ଼ା ସହରର ବାଇପାସ ରାସ୍ତା କାର୍ଯ୍ୟ ଠିକାଦାରଙ୍କ ଦ୍ୱାରା ଯଥାକଥା ରୀତିରେ ଚାଲିଛି। ଖଣ୍ଡପଡ଼ା ସହରର ବ୍ଲକ ଛକରୁ ଉକ୍ତ ବାଇପାସ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏବେବି ରାସ୍ତାରେ ଅବସ୍ଥିତ ଏକାଧିକ କଲଭର୍ଟ୍‌ଗୁଡିକର ଉଭୟପାର୍ଶ୍ୱ ରାସ୍ତା ପିଚୁ କରାଯାଇ ପାରିନାହିଁ। ଏବେ କିଛିଦିନ ହେଲା ବାଇପାସ ରାସ୍ତାର ଉଭୟ ପାର୍ଶ୍ୱରେ ଫେଭର ବ୍ଲକ ପକାଯିବା ଆରମ୍ଭ ହୋଇଛି। ଖଳିସାହି ପାର୍ଶ୍ୱରୁ ସଂଯୋଗ କରୁଥିବା ବାଇପାସ ରାସ୍ତାର ଉଭୟପାର୍ଶ୍ୱରେ ପକାଯାଇଥିବା ଫେଭର୍ ବ୍ଲକ୍‌ଗୁଡିକ ଅସରାଏ ବର୍ଷାରେ ଦବିଯାଇ ରାସ୍ତା ପାର୍ଶ୍ୱରେ ବିପଦସଂକୁଳ ହୋଇପଡ଼ିଛି। ପୁନଶ୍ଚ କେତେକ ସ୍ଥାନରେ ବର୍ଷା ଯୋଗୁଁ ଫେଭରବ୍ଲକ୍‌ଗୁଡିକ ରାସ୍ତା ତଳକୁ ଖସିପଡ଼ିଛି। ବାଇପାସ ରାସ୍ତା କାର୍ଯ୍ୟର ତଦାରଖ ଦାୟୀତ୍ୱ ପୂର୍ତବିଭାଗ ଉପରେ ନ୍ୟସ୍ତ କରାଯାଇଥିଲେ ହେଁ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ରାସ୍ତା କାର୍ଯ୍ୟରେ ନିୟୋଜିତ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଫଳରେ ନିର୍ମାଣଧିନ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଇପାସ୍ ରାସ୍ତା କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ ନିମନ୍ତେ ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଭିଜିଲାନ୍ସ ବିଭାଗ ଦୃଷ୍ଟିଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି। ତେବେ ଉକ୍ତ ବାଇପାସ ରାସ୍ତା କାର୍ଯ୍ୟପ୍ରତି ଦୃଷ୍ଟିଦେବେ ବୋଲି ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ କହିଛନ୍ତି।



# କଣ୍ଟାପଡ଼ା ବ୍ଲକ୍ ଅଫିସ୍‌ରେ ପଞ୍ଚାୟତିରାଜ ଦିବସ

**କଣ୍ଟାପଡ଼ା,୨୪।୪/ଏନ୍‌ଏନ୍‌ଏସ୍:** କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜିନା ଭୋଇ, ଉପାଧ୍ୟକ୍ଷ ଯତୀନ୍ଦ୍ରନାଥ ବରାଳ, ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତକୁମାର ପାତ୍ର, ବିଡ଼ିଓ ସ୍ୱପ୍ନିତା ନାୟକ, ଅତିରିକ୍ତ ବିଡ଼ିଓ ରୁବି ତପସ୍ୱିନୀ ଦାସ, ସହକାରୀ ଯନ୍ତ୍ରୀ ଇଂ. ଧନଞ୍ଜୟ ସାମଲ, ବ୍ଲକ ଯୋଗାଣ ନିରୀକ୍ଷକ ମୋଚିରାମ ଦାସ, କଣ୍ଟାପଡ଼ା ପଞ୍ଚାୟତ ସରପଞ୍ଚ ନିର୍ମଳକୁମାର ସାହୁ, ସମିତି ସଭ୍ୟ ପବିତ୍ରମୋହନ ସ୍ୱାଇଁ, ବ୍ରାହ୍ମଣବାଟୀ ପଞ୍ଚାୟତ ସରପଞ୍ଚ ସଂଜୟକୁମାର ରାଉତରାୟ, ନାହାଳପୁର ପଞ୍ଚାୟତ ସରପଞ୍ଚ ନିରୁପମା ଜେନା, ଝାରପଡ଼ା ପଞ୍ଚାୟତ ସମିତିସଭ୍ୟ ଜଗନ୍ନାଥ ବେହେରା ପ୍ରମୁଖ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ହୋଇ ପଞ୍ଚାୟତରାଜ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ୩୧ଜଣ ହିତାଧିକାରୀଙ୍କୁ ନୂତନ ରେସନକାର୍ଡ଼



ବିତରଣ କରାଗଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲାବେଳେ ବ୍ଲକ କାର୍ଯ୍ୟାଳୟର ସମସ୍ତ ବିଭାଗ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ରାଜ୍ୟସ୍ତରୀୟ ଟି-ଟ୍ୱେଣ୍ଟି କୋଣାର୍କ କପ୍ କ୍ରିକେଟ୍

# ଜୁଭେନାଇଲ୍‌କୁ ହରାଇ ସେମିଫାଇନାଲ୍‌ରେ ରାମେଶ୍ୱର ସ୍ପୋର୍ଟିଂ

**କୋଣାର୍କ,୨୪।୪/ଏନ୍‌ଏନ୍‌ଏସ୍:** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକ ଜୁଭେନାଇଲ ସ୍ପୋର୍ଟିଂକୁ ୨୮ରନରେ ହରାଇ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁବାଶିସ ମଲ୍ଲିକ ୩୬ବଲରେ ୫୪ ରନ, ସାଂଶ କୁମାର ୪୩ ରନ ସଂଗ୍ରହ କରିଥିଲେ। ଜୁଭେନାଇଲ ପକ୍ଷରୁ ପ୍ରୀୟାଂଶୁ ମହାନ୍ତି ସର୍ବାଧିକ ୪୨ରନ ଦେଇ ତିନି ୱିକେଟ ନେଇଥିଲେ। ଜବାବରେ ରାମେଶ୍ୱର ୧୮ ଓଭର ରେ ସମସ୍ତ ୱିକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଭାଗିରଥି ବେହେରା ସର୍ବାଧିକ ୨୯ ରନ , ପ୍ରୀୟାଂସୁ ମହାନ୍ତି ୨୮ରନ ସଂଗ୍ରହ କରିଥିଲେ। ରାମେଶ୍ୱର ପକ୍ଷରୁ ନିରଞ୍ଜନ ଗୌଡ ୩ ୱିକେଟ ଆକ୍ତିକାର କରିଥିଲେ। ମୁକ୍ତେଶ୍ୱର ସ୍ପୋର୍ଟିଂର ସୁବାସିଶ



ମଲ୍ଲିକ ମ୍ୟାନ ଅଫ୍ ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ବାଙ୍ଗାଲୋରରେ କାର୍ଯ୍ୟରତ ପ୍ରବାସୀ ଓଡ଼ିଆ ସମାଜସେବୀ ତଥା ଇଂ ରଣଜିତ୍ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ମନୋଜ ଦାସ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିଲେ। ଅମ୍ପାୟାର ଭାବେ ପ୍ରମୋଦ ସିହ୍ନା, ଦେବେନ୍ଦ୍ର ମିଶ୍ର କ୍ୱାର୍ଟର ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ରାଜେନ୍ଦ୍ର ଦଳାଇ, ପିନାକୀ ନାୟକ, ଜ୍ଞାନରଞ୍ଜନ ବିଶ୍ୱାଳ ସ୍କୋର ବୋର୍ଡ ପରିଚାଳନା କରିଥିଲା ବେଳେ ଉଦ୍‌ଘୋଷକ ଭାବେ ପ୍ରଶାନ୍ତ ପାତ୍ର, ଦେବାଶିଷ ତ୍ରିପାଠୀ ଦାୟିତ୍ୱ ସମ୍ପର୍ନ୍ନ କରିଥିଲେ। ୨୫ତାରିଖ ରେ କଟକ ରାଇଜିଂ ଷ୍ଟୁଡେଣ୍ଟ୍ ଓ ରାଉରକେଲା ଇଲେଭେନ୍ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।


**ନିତି ଭାରତୀ**

ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରନ୍ତି, ସେ ପ୍ରକୃତରେ ନିଜର ହିଁ ମଙ୍ଗଳ କରିଥାନ୍ତି।
- ରାମକୃଷ୍ଣ ପରମହଂସ

ନିତିଦିନ NITIDIN
ଶୁକ୍ରବାର, ୨୫ ଏପ୍ରିଲ୍, ୨୦୨୫

# ନଦୀ ମହିମା

ବସୁଧା ବର୍ଣ୍ଣନାର କ୍ଷେତ୍ର। ବସୁଧା କନ୍ୟା ନଦୀ ବି ବର୍ଣ୍ଣମୟ ବର୍ଣ୍ଣନାର ଯୋଗ୍ୟ। ସେଇଥିପାଇଁ ନଦୀକୁ ବର୍ଣ୍ଣନା ବିଚିତ୍ରାରେ ସଜାଇ ପାଠକମାନଙ୍କ ହାତରେ ଶ୍ରଦ୍ଧା ସହକାରେ ଅର୍ପଣ କରିବା ଉଚିତ ମନେକରେ। ଯୁଗେ ଯୁଗେ ନଦୀର ଅବଦାନ ଆମ ଚେତନାକୁ ସଂପ୍ରସାରିତ କରି ଆସିଛି, ମାନବ କଳ୍ପନାକୁ ଉଦ୍ଦୀପ୍ତ ଏବଂ ଅନୁଭୂତିକୁ ଶାଣିତ କରିଛି, ସୁନ୍ଦର କରିଛି ମଣିଷକୁ ଏବଂ ପ୍ରକୃତିକୁ କରିଛି ବାଙ୍ମୟ। ନଦୀ ସାଗର ପରି ନାମଧେୟ ନହେଲେ ବି ଅବିଚ୍ଛେଦ୍ୟ ଭାବରେ ଏକ ଜାତୀୟ ଚେତନା। ଚେତନା ହିଁ ସୃଜନଶୀଳତାର ପ୍ରାଣ ଓ ଆତ୍ମା। ପାଣି ଯେମିତି ଆସେ, ସେମିତି ଚାଲିଯାଏ। ମାଟି ପୁଣି ନୂତନ କରି ଜାଗି ଉଠେ। ନଦୀମାନେ ପାଣି ଆଉ ମାଟି। ତା'ର ସ୍ରୋତ ଅଟେ ସେ ଶକ୍ତି; ତା' ସାଇତା ପଙ୍କ ପଟୁ ଗଢ଼ାହୁଏ ବିଲ ମାଟି, ଶସ୍ୟବତୀ,



ଅଜୟ କୁମାର ପାତ୍ର

ହୈମବତୀ। ନଦୀ ସ୍ରଷ୍ଟାଙ୍କ ସୃଷ୍ଟିର ପ୍ରଥମ ଅବଦାନ; ତା'ର ନାମ ଉଚ୍ଚାରଣ ମାତ୍ରେ ମଥା ଆପେ ଆପେ ଯାଏ ନଇଁ। ଆମ ପରିବେଶ ତା' ହାତଗଢ଼ା; ପୃଥିବୀ କଠିନ ତା' ତ୍ୟାଗର ସାଧନା। ନଦୀର ଉର୍ବରତା ପୋଛିଦିଏ ଚାଷୀଙ୍କର ବ୍ୟର୍ଥତାର କୋହ। ସଜାଇ ନିଜକୁ ରସମୟୀ ସୁବର୍ଣ୍ଣ ଖଡ଼ିକା; ଉଚ୍ଚାରଣ ମାତ୍ରେ କପାଳରେ ଖେଳିଯାଏ ଆନନ୍ଦର ରେଖା। କୋଟି କୋଟି ଜଳଜ ଉଦ୍ଭିଦ, ପ୍ରାଣୀ ଓ କୃଷକଙ୍କ ପାଇଁ ନଦୀ ଅଟେ ପ୍ରଶାନ୍ତ ନିଳୟ; ପ୍ରସାରିତ କରେ ସମସ୍ତଙ୍କୁ ତା'ର ନୀଳ ଆଲିଙ୍ଗନ। ବିଶିଷ୍ଟ ଲେଖକ ହାମ୍ବଲ୍ ସେଲ୍ଟଙ୍କ ମତରେ, 'ମୁଁ ଜୀବନରେ ଗୋଟିଏ ପୁସ୍ତକ ପଢ଼ିଛି, ତାହା ହେଉଛି, 'ନଦୀ'। ଏହି ପୁସ୍ତକର ପ୍ରତିଟି ପଙ୍‌କ୍ତି ଏତେ ଭଲ, ଏତେ ସୁନ୍ଦର ଯେ ମୋତେ ଅନ୍ୟ ପୁସ୍ତକ ପାଠ କରିବାର ଆବଶ୍ୟକତା ପଡ଼ି ନପାରେ।'

ମୌସୁମୀ ଯେବେ ଛୁଇଁଦିଏ ତା' ଦେହରେ କାଉଁରୀ ଖଡ଼ିକା, ଅପ୍ରମତ୍ତା ହୁଏ ସେ ପ୍ରମତ୍ତା, ବର୍ଷା ଯାଜ୍ଞସେନୀ, ବନ୍ୟା ମୁକ୍ତ ବେଣୀ। ନଦୀ ଶିଖାଇଛି ସର୍ବେ 'ବାଣିଜ୍ୟେ ବସତେ ଲକ୍ଷ୍ମୀ'। ସ୍ରୋତ ଅଛି ବୋଲି ସ୍ରୋତସ୍ୱିନୀ ନଦୀ, ସ୍ରୋତ ତା'ର ଅହଂକାର, ଅଳଙ୍କାର ବି। ତା'ର ପ୍ରଶସ୍ତ ଉପକୂଳରେ ଥାଏ କ୍ଷେତ, ବିତ୍ତ ସମ୍ପଦର ସୁଖ। ନଦୀ ସୃଷ୍ଟିକରେ ଉପତ୍ୟକା ଭୂମିରୂପ ସମତଳ ରେଖା, ଉପତ୍ୟକା ଜନ୍ମ ଦିଏ ପ୍ଲାବନ ଭୂମିର ସତ୍ତା। ସବୁକିଛି ଯୋଡ଼ି ହୋଇଥାଏ ସମୟର ସାଥେ ଏକତା ବନ୍ଧନରେ। ସଭିଏଁ କରନ୍ତି ପ୍ରେମ ସଭିଙ୍କ ସହିତ। ନଦୀ ଦିଏ ସ୍ୱପ୍ନ, ନଦୀ ବି ହରଣ କରେ ସ୍ୱପ୍ନର ଯନ୍ତ୍ରଣା ଦେଖାଇ ବଞ୍ଚିବାର ରାହା। ନଦୀ ଦିଏ ସଂଯୋଜନ, ବିଯୋଜନ,

ନଦୀ ହିଁ ଆଦିମ ପ୍ରୀତି, ଆଦି ଆକର୍ଷଣ, ରମ୍ୟଭୂମି ଇତିହାସ ଭୂଗୋଳର। "Our heart belongs to this river. The river is our brown God.' ନଦୀ ବୁଝେ ସେ ତ ସ୍ମୃତି ଧନ୍ୟ ଇଲ୍ଲାମତୀ। ନଦୀ ସେ ଅଭିନ୍ନ, ଧୋଇ ନିଏ ସଂସାରଯାତନାର ଦୁଃଖ, ସୁଖ ନୀଳ ସମୁଦ୍ରକୁ ଦ୍ରୌପଦୀର ମୁକ୍ତବେଣୀ ଲହରୀ ପରାଏ।

ନଦୀଟି ସତରେ ନିଜ ଚେତନାରେ ନିଜେ ନିମଜ୍ଜିତ। ଶ୍ରଦ୍ଧାଞ୍ଜଳି ଦିଏ ନିଜେ ହିଁ ନିଜକୁ ସୃଷ୍ଟିକରି କେତେବେଳେ କାଚକେନ୍ଦୁ ପାଣି, ପୁଣି କେତେବେଳେ ଉର୍ବର ଗରିମା। ସବୁ ନଦୀ ଓହ୍ଲାଇ ଆସନ୍ତି କଳକଳ ନାଦରେ ପର୍ବତର ସାଗରକୁ ଶ୍ରଦ୍ଧାଞ୍ଜଳି ପରି। 'The good of the stream lies in its being realised. Let the sea catch her if not she catches the sea.' ନଦୀର ଠିକଣାରେ ନିଜର ଠିକଣା ଲେଖି ଥାଆନ୍ତି ଗ୍ରାମ ଓ ସହରବାସୀ। ବରଷ ବରଷ ଧରି ଉଜୁଡୁଛି ଉର୍ବରତା ଗ୍ରାମ୍ୟ କୃଷି ପାଇଁ। ନିଜ ପାଖେ ରଖେ ନାହିଁ କିଛି। 'ସର୍ବେ ଭବନ୍ତୁ ସୁଖିନଃ।' ହୃଦୟ ତା' ନିର୍ମଳ ବୋଲି ପୁଣ୍ୟର ଦରଜା ଖୋଲା। ନଦୀ ଜାଣେ- ସୁଖକୁ ବାଣ୍ଟିଲେ ହିଁ ବଢ଼େ ଧନ। ନଦୀ ପରି କିଏ ହେବ, କିଏ ଦେଇ ଦେବ ବାହୁ ନିଃସ୍ୱାର୍ଥ ସେବାର! ଶ୍ରମଜୀବୀ ବୋଲି ସେ ବିଶ୍ୱ ବିଦିତ। ସେ ଶୋଇଲେ ପୃଥିବୀ ଶୋଇବ। ରାତି ପରି ଶୁଏ ନାହିଁ ନଦୀ। ଗତିରେ ଥାଏ କି ବିରାମ ଅବା ରାତି? ତା' ପଠାରେ କାଶତଣ୍ଡୀ ହସେ, ହସଇ ସାରା ଦୁନିଆ; ଖେଳନ୍ତି ସୀତାଚୋରୀ, ବାଗୁଡ଼ି, କବାଡ଼ି ବାଳକ ବାଳିକା। ସେ ଖାଲି ଆଡ଼ ଚାହାଣିରେ ଚାହିଁଦିଏ- କିଏ ହାରେ, କିଏ ଜିତେ; କିଏ ସେ ରାବଣ, କାହା ସୀତା ଚୋରି କରି ନିଏ, ସେ କିଛି ବୁଝେନା। ଖାଲି ଖେଳି ଖେଳି ଥକ ଜରଜର ହେଲେ ସେ ପଠାଏ ଦକ୍ଷିଣାଏ ଶୀତଳ ପବନ। ତା' ପଠାର ବୃକ୍ଷ ଛାଇ ତଳେ ଗୋରୁପଲ ନିଅନ୍ତି ବିଶ୍ରାମ। ଥରେ ଜଣେ ବଙ୍ଗୀୟ କବି ତାଙ୍କ ପ୍ରିୟ ଛୋଟ ନଈକୂଳେ ଜେଇ ଏତେ ତନ୍ମୟ ହେଲେ ଯେ 'ଆମାଦେର ଛୋଟ ନଦୀ ଚଲେ ଆଙ୍କେ ବାଙ୍କେ/ ବୈଶାଖ ମାସେ ତା' ଆଠୁ ଜଲ ଥାକେ।' ନଦୀ ସେ, ସମତଳୁ ସମତଳକୁ, ସମ୍ମୁଖରୁ ସମ୍ମୁଖକୁ ତା'ର ଭାଗ୍ୟ, କୂଳ ଦୁଇଟି ତା'ର ଭଗବାନ, ବାନ୍ଧି ରଖିଛି ତା'ର ସମସ୍ତ ଜୀବକୁ ଅସଜଡ଼ା ଦିନ-ରାତି ସମୟ ଛାତିରେ। ସେ ଥାଏ ସାଗର ପ୍ରେମରେ ବିଭୋର, ଅଥଳ ଜଳର ଡାକ ତା' କାନରେ। ସାଗରର ବିଶାଳତା ତା'ର କାମ୍ୟ। ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ମତରେ, 'ଶୁଣି କ୍ଷଣେ କ୍ଷଣେ ଘନେ ଘନେ ଅତଳ ଜଳେଇ ଆହ୍ୱାନ ମନ ରୟନା ରୟନା ଘରେ ଚଞ୍ଚଳ ପ୍ରାଣ।'

ନଦୀ ଓ ମଣିଷର ସମ୍ପର୍କ ବେଶ୍ ପ୍ରାଚୀନ। ନଦୀ ଅଟେ ସଂହତି ଓ ସଂପ୍ରୀତିର ସୂତ୍ର- ସେ ହେଉ ଆକାଶୀ ଗଙ୍ଗା ଅଥବା ମାଟିର ରଙ୍ଗିଣୀ। ନଦୀ ଏକ ପରିଚିତ ସ୍ୱର; ଉଚ୍ଚାରଣ ମାତ୍ରେ ନିଜକୁ ନିରେଖି ନିଏ, ଆନନ୍ଦରେ ନିଜେ ହିଁ ନିଜକୁ କୁଣ୍ଢାଏ। ନଦୀ ହିଁ ଶାଶ୍ୱତ ସୁଖ। ନଦୀ ହିଁ ସମ୍ପଦ, ନଦୀ ହିଁ ବିପଦ। ରାତିଟା ଭିତରେ ହାତୀଟି ପରି ମାଡ଼ିଆସେ, ସମାନ ହୋଇଯାଏ ବିଲ-ବାଡ଼ି, ଡିହ-ଡିପ। ଆଖି ବୁଜିଦେଲେ ଥରେ ନଦୀ ହୁଏ ଆତ୍ମାର ନିକଟ। ମହମହ ବାସ୍ନାରେ ମହକେ ତା' ମତ୍ସ୍ୟଗନ୍ଧା ତଟ। ନଦୀ ଥିଲେ ସବୁ ଥାଏ। ଥାଏ ଚାନ୍ଦବୋଲା ଆକାଶ ମୁଠାଏ, ଦୀପାନ୍ୱିତ ପୃଥିବୀ ଚେନାଏ। ନଦୀଠୁ ସମ୍ପଦ ଆସେ ବିପଦ ବି। ସଦାବେଳେ ଗାଁ ଓ ସହର ପାଶେ ଘୁରି ବୁଲୁଥାଏ ଢଳ ଢଳ ବିନ୍ଦୁଏ ସମ୍ପର୍କ। ନଦୀଟି ସଂସାରୀ ହେବାକୁ ଯାଇ ଜନ୍ମ ଦିଏ ଉପତ୍ୟକା, ଉପତ୍ୟକା ଜନ୍ମ ଦିଏ ଗାଁ। ପ୍ରକୃତିର ଇଚ୍ଛାରେ ନଇ, ମଣିଷ ଇଚ୍ଛାରେ ଗାଁ ହୁଏ ସୃଷ୍ଟି। ପ୍ରତି ଟୋପା ପାଣି ତା'ର ସାଂସ୍କୃତିକ ଛାପ ଦେଇଥାଏ, ଖାଲି ନ କରି ପ୍ରତ୍ୟାଶା ସାଗରରେ ମିଶିବା ପୂର୍ବରୁ। ଝାଟିମାଟିର ଗାଁମାନ ନଦୀର ଗତିରେ ନିମଗ୍ନ, ପ୍ରୀତିରେ ପ୍ରସନ୍ନ। ତା' ପାଣିରେ ଥାଏ ସୁଖର ଶ୍ରୀ ବୃନ୍ଦାବନ। ନଦୀଠୁ ପାଉ ଶିକ୍ଷା: ହରେଇବା, ପାଇବା, ପାଇବା ହରେଇବା ଭିତରେ ପାଇବାର ବାଟ ଫିଟିଯାଏ ଆପଣାଛାଏଁ।



ପ୍ରାଚୀନ ସଂସ୍କୃତିର ନଦୀ ତା' ଗଭୀରରୁ ଗଭୀରତାକୁ ଲମ୍ବିଛି ତା' ପ୍ରିୟ ଗାଁର କାହାଣୀ। ନଦୀ କେବଳ ନଦୀ ନୁହେଁ, ଏକ ଆଞ୍ଚଳିକ ମନ। ନଦୀ ବି ସମୟ ପରି ପୂର୍ଣ୍ଣଗର୍ଭା, ଅନ୍ତରଙ୍ଗ ସମୟ ସହିତ। ନଦୀମାନେ ଭସେଇଛନ୍ତି କେତେ ଇତିହାସ, ଭସେଇଛନ୍ତି ସେମାନଙ୍କ କୂଳର ମାଟି ଓ ମଟାଳ। ଭାଙ୍ଗିବା- ଗଢ଼ିବା, କାଟିବା- ଯୋଡ଼ିବା ମଧ୍ୟରେ ବାନ୍ଧିଥାଏ ସାତ ସାତ ଆକାଶ। ପୃଥିବୀ ତା' ପ୍ରେମରେ ତାରାଫୁଲ, ମେଘଫୁଲ। ନଦୀ ନଥିଲେ ଥାଆନ୍ତି କି ବଂଶୀ, ରାଧା ନା କଦମ୍ବ, ନା କାମକଳା ଚଉଷଠୀ!

ନଦୀ ଏକ ଶବ୍ଦମୟ ଶିଳ୍ପର ପ୍ରାଙ୍ଗଣ। ତୀରବାସୀ ଯାହା ଚାହାନ୍ତି, ପାଆନ୍ତି ତା'ଠାରୁ। ନଦୀ ଆମକୁ ଏତିକି ଶିଖାଇଛି: ଦୁଃଖକୁ ମନେ ପକାଇ ତା' ସହିତ ବେଶିକରି ନିବିଡ଼ ହେଲେ ଇଆଡ଼େ ସୁଖ ବିଦ୍ରୋହ କରିବ। ସୁଖ- ଦୁଃଖ ଗୋଟିଏ ଉତ୍ସ ଜାତ। ଦୁହେଁ ହାତ ଧରାଧରି ହୋଇ ଚାଲିଥାନ୍ତି। କେହି ସଦାବେଳେ ସୁଖରେ ନଥାନ୍ତି କି କେହି ସଦାବେଳେ ଦୁଃଖରେ ବି ନଥାନ୍ତି। ଶାସ୍ତ୍ରବାଣୀ: 'ଚକ୍ରବତ୍ ପରିବର୍ତ୍ତନ୍ତେ ସୁଖାନିଚ ଦୁଃଖାନିଚ।' ନଦୀ ହେଉଛି ମଣିଷ ପାଇଁ ବଞ୍ଚି ରହିବାର ସାହସ, ଜୀବନର ସୀବନୀ। ନଦୀ ବକ୍ଷରେ ଅଜସ୍ର ଜନ ଖୋଜି ପାଇଛନ୍ତି ଜୀବନ ନାଟକର ବହୁ ପ୍ରୟୋଜନୀୟ ସଂଳାପ। ନଦୀ ଏକ ଆଶ୍ଚର୍ଯ୍ୟ ନିର୍ମାଣ ବିଶ୍ୱ-ଖଣିକାରର। କବିଙ୍କ ଲେଖନୀରେ: 'ନଦୀ ଆମର- ଡବଶ୍ୱଶ୍ୱର କ୍ଷବଭୟ, ଙ୍ଗରଶ୍ୱ କ୍ଷବଭୟ, ମକ୍ସକ୍କକ୍ତ କ୍ଷବଭୟ। ବହୁରୂପୀ ଅତୀତ ସେ, ଚିତ୍ରରୂପୀ ବର୍ତ୍ତମାନ। ଶ୍ରାବଣେ ଉଛୁଳା ଶ୍ରାବଣୀ, ବଇଶାଖେ ଆଣ୍ଠୁଏ ପାଣି। ନଦୀ ଆମ ପ୍ରବେଶ ଦ୍ୱାର, ଅପ୍ରବେଶ୍ୟ ଅନୁଦାର, ମମତାର ନଈ।'

ସାଗର ହେଉଛି ନଦୀ ପାଇଁ ସବୁଠାରୁ ବଡ଼ ଉଦ୍ଦୀପକ। ସାଗରର ବତାସ ଦେହରେ ବାଜିଲେ ନଦୀ ବାଟ-ଅବାଟ ଭୁଲି ମାତାଲ ହୁଏ ସାଗର ଅଭିମୁଖେ। ନଦୀ ଯେଉଁଆଡ଼େ ଯାଏ, ରୂପର ଜୁଆର ତୋଳିଯାଏ। ବିସ୍ମୟାଭିଭୂତ କରେ ମଣିଷକୁ, ଜୀବ ଓ ଉଦ୍ଭିଦ, ସମସ୍ତଙ୍କୁ। ଏପରି ଅପରୂପ ସୌନ୍ଦର୍ଯ୍ୟର ଅଧିକାରୀ ବୋଲି ଅତୀତର ଗୀତିକାର ଅଗ୍ରଜ ସକଳେ ଏହି ଶକ୍ତିମନ୍ତ ଜଳରାଶିରେ ଦେବତ୍ୱ ଆରୋପ କରି ଆସିଛନ୍ତି। ନଦୀ ମଣିଷ ଜାତିର କୁରୁକ୍ଷେତ୍ର, ଧର୍ମକ୍ଷେତ୍ର। ଏପଟେ ବାନ୍ଧିଲେ ତାକୁ ସେପଟେ ତା' ବିଜୟ ନିଶ୍ଚିତ। ତା' ଗନ୍ତବ୍ୟ ଏକାଗ୍ରତା ମୁଦ୍ରାରେ ସ୍ଥିର। ନଦୀ ଦେଶ କାଳ ପାତ୍ର କିଛି ବିଚାର କରେନା। ଧରାପୃଷ୍ଠରେ ବାଟ କଢ଼େଇ ନେଇଯାଏ ବୋଲି ସେ ଘୁରି ଚାହିଁପାରେ ନାହିଁ। ତା'ର ଗତିଶୀଳ ଧାବମାନତା ସାଗରକୁ ସମୃଦ୍ଧ କରିବା ପାଇଁ। ଗୋଟିଏ ଗୋଟିଏ ନଦୀ ତିନି ଚାରିଟା ଦେଶ ଓ ମହାଦେଶ ମଧ୍ୟ ଦେଇ ପ୍ରବହମାନ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷେ ସଂହତି ଓ ସଂପ୍ରୀତିର ମନ୍ତ୍ର ଜପି ସେ କେବଳ ଚାଲିଥାଏ ଆଗକୁ- ଜନସେବାକୁ ମୁଖ୍ୟ ଆଧାର କରି। କବିଙ୍କ ଲେଖନୀରେ: 'ନଦୀ ହିଁ ଶାଶ୍ୱତ ସୁଖ/ ନଦୀ ହିଁ ଦେଶର ଆତ୍ମା/ ନଦୀ ଅଛି ବୋଲି ଏ ଦେଶରେ ଜନ୍ମନ୍ତି ମହାତ୍ମା।' ■

ପ୍ରାକ୍ତନ ପ୍ରଫେସର ଓ ପରିବେଶ ବିଜ୍ଞାନୀ
ମୋ: ୯୪୩୮୬୨୧୩୯୧

# ପରମ୍ପରା ଓ ପୋଷଣର ମିଶ୍ରଣ: ଓଡ଼ିଆ ଖାଦ୍ୟ

ଖାଦ୍ୟ ଆମ ଶରୀରକୁ ଶକ୍ତି ଓ ପୋଷଣ ପ୍ରଦାନ କରେ, ଯାହାଦ୍ୱାରା ଆମେ ସୁସ୍ଥ ଏବଂ ସକ୍ରିୟ ରହୁ। ମାନବ ଜୀବନରେ ଖାଦ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯିଏ ଯେଉଁଭଳି ଖାଦ୍ୟ ଗ୍ରହଣ କରେ, ତା'ର ବ୍ୟବହାର, ଭାବନା ତା' ଦ୍ୱାରା ପ୍ରଭାବିତ ହୁଏ ବୋଲି ଜ୍ଞାନୀମାନେ ମତ ଦେଇଛନ୍ତି। ସେଥିପାଇଁ ପାରମ୍ପରିକ ଖାଦ୍ୟ ମାନବ ଜୀବନକୁ ସୁସ୍ଥ କରିବା ସହ ଶୃଙ୍ଖଳିତ ମଧ୍ୟ କରିଥାଏ। ପାରମ୍ପରିକ ଖାଦ୍ୟ ସେହି ଅଞ୍ଚଳର ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ। ଏହା ଆମକୁ ଆମର ଐତିହ୍ୟ ଓ ସଂସ୍କୃତି ସହ ଯୋଡ଼ି ରଖେ। ଏହା ଯୋଗୁଁ ଆମେ ଆମର ମୂଳ ସହ ଯୋଡ଼ିହୋଇ ରହୁ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଏବଂ ଏକତାର ସୂତ୍ରରେ ବାନ୍ଧି ହେଉ।

ପାରମ୍ପରିକ ଖାଦ୍ୟ ଉପରେ ଯଦି ଆଲୋଚନା ହେଉଛି, ତା'ର ଅର୍ଥ ବୁଝିବାକୁ ହେବ ଯେ ଆମର ବର୍ତ୍ତମାନ ଓ ଆଗାମୀ ପିଢ଼ି ପାରମ୍ପରିକ ଖାଦ୍ୟଠାରୁ ଦୂରେଇ ଯାଉଛନ୍ତି। ସେଥିପାଇଁ ତ ଆଲୋଚନା ମାଧ୍ୟମରେ ତାକୁ ଜୀବିତ କରିବାର ପ୍ରୟାସ କରାଯାଇଛି। ଓଡ଼ିଶାର ସୁସ୍ୱାଦୁ, ସୁସ୍ଥ ପାରମ୍ପରିକ ଖାଦ୍ୟ ଅଭ୍ୟାସକୁ ଦୂରେଇ ଧୀରେ ଧୀରେ ସମସ୍ତେ ଅନ୍ୟ ରାଜ୍ୟ ତଥା ଦେଶର ଖାଦ୍ୟ ପ୍ରତି ଆକର୍ଷିତ ହେଲେଣି। ଏହା ଏକ ସତର୍କ ସୂଚନା ଯେ ଆମକୁ ଆଉ ଆମର ପାରମ୍ପରିକ ଖାଦ୍ୟ ଆକୃଷ୍ଟ କରୁନାହିଁ। ଆମେ ବିଦେଶୀ ଖାଦ୍ୟଗୁଡ଼ିକୁ ଆଗ୍ରହର ସହ ଖାଉଛୁ। ସେଥିପାଇଁ ନିକଟରେ ଓଡ଼ିଶା ସରକାର ଓଡ଼ିଆ ପକ୍ଷ ପାଳନ ମାଧ୍ୟମରେ ଏହାର ପ୍ରଚାର, ପ୍ରସାର ଓ ଲୋକପ୍ରିୟତା ବୃଦ୍ଧି ପାଇଁ ଦିନଟିଏ ଧାର୍ଯ୍ୟ କରିଥିଲେ। ଯେଉଁ ମାତ୍ରାରେ ବିଦେଶୀ ଖାଦ୍ୟ ପ୍ରତି ଓଡ଼ିଶାବାସୀଙ୍କର ଚାହିଦା ବଢ଼ିବାରେ ଲାଗିଛି, ଯଦି ଏବେଠାରୁ ଆମେ ସଚେତନ ନ ହେବା, ଆମର ପାରମ୍ପରିକ ଖାଦ୍ୟଗୁଡ଼ିକୁ ସମସ୍ତେ ଭୁଲିଯିବେ।

ଗୋଟିଏ ଉଦାହରଣ ମାଧ୍ୟମରେ କଥାଟି ସ୍ପଷ୍ଟ ହୋଇଯାଇପାରେ। ଆମମାନଙ୍କ ଘରେ ଏବେ ପିଲାମାନେ (ଶିଶୁ, କିଶୋର, ଯୁବା) କ'ଣ ଖାଇବାକୁ ପସନ୍ଦ କରୁଛନ୍ତି, ତା' ଉପରେ ଟିକେ ନଜର ପକେଇବା। ସକାଳ ଜଳଖିଆରେ, ମଧ୍ୟାହ୍ନ ଭୋଜନରେ, ସନ୍ଧ୍ୟା ଏବଂ ରାତିର ଖାଇବାରେ, ଦିନଚାଯାକର ଖାଦ୍ୟ ତାଲିକା ଦେଖିଲେ ସେଥିରେ ରହିଛି ମ୍ୟାଗି, ପିଜା, ଚାଓମିନ୍, ରୋଲ, ଫ୍ରାଏଡ ରାଇସ, ମୋମୋ, ପାସ୍ତା, ବର୍ଗର, ଚିଲି ଚିକେନ, ଟୀକ୍କା, ସୁପ୍ ଆହୁରି କେତେ କଣ। କ'ଣ ଏସବୁ ଆମର ପାରମ୍ପରିକ ଖାଦ୍ୟ? କୁଆଡ଼େ ଗଲା ଆମର ଚୁଡ଼ା କଦଳୀ, ଛେନା, ମୁଢ଼ି, ଏଣ୍ଡୁରୀ, ପଖାଳ, ଚକୁଳି, ଚିତଉ, ସନ୍ତୁଳା, ବେସର, ଘାଣ୍ଟ, ଡାଲମା ଆଦି ବ୍ୟଞ୍ଜନ? ଏଗୁଡ଼ିକ ଆଜିକାଲି କେବଳ ପୂଜା, ପର୍ବପର୍ବାଣି, ଶ୍ରାଦ୍ଧ, ଉପବାସ ଦିନରେ କରାଯାଉଛି। ଦୁଃଖର କଥା ହେଲା, ସେଇ ଗୋଟିଏ ଗୋଟିଏ ଦିନ ବି ପିଲାଙ୍କୁ ଏସବୁ ଖାଇବା କଷ୍ଟକର ହେଉଛି। ଏଥିପାଇଁ କିଏ ଦାୟୀ? ଦାୟୀ ହେଲା ପରିବେଶ, ପିଲାଙ୍କର ଖାଦ୍ୟ ରୁଚି ଏବଂ କେତେକାଂଶରେ ମାଆମାନଙ୍କର ଅଳସୁଆପଣ। ଶୀଘ୍ର ଏବଂ ବିନା ଝିଞ୍ଜଟରେ ପ୍ରସ୍ତୁତ ହୋଇ ପାରୁଥିବା ଖାଦ୍ୟ ତିଆରି କରି କିମ୍ବା ବାହାରୁ କିଣି ଆଣି ମାଆମାନେ ପିଲାଙ୍କୁ ଦେବାର ଅଭ୍ୟାସ କରି ସାରିଲେଣି। ପିଲାଏ ବି ବାହାରେ ସାଙ୍ଗସାଥୀଙ୍କ ସହ ମିଶି ସହଜରେ ମିଳି ଯାଉଥିବା ଖାଦ୍ୟ କିଣି ଖାଇବା ପାଇଁ ଇଚ୍ଛା କରୁଛନ୍ତି।

ଓଡ଼ିଶାର ଗ୍ରାମ, ସହର ଏବଂ ଆଦିବାସୀ ଅଞ୍ଚଳଗୁଡ଼ିକର ପାରମ୍ପରିକ ଖାଦ୍ୟ ଯେ କେବଳ ସ୍ୱାଦିଷ୍ଟ ହୋଇଥାଏ, ତା' ନୁହେଁ, ଏହା ଶରୀର ପାଇଁ ମଧ୍ୟ ଉପକାରୀ। ଓଡ଼ିଆ ଖାଦ୍ୟପଦାର୍ଥଗୁଡ଼ିକରେ ସବୁ ପ୍ରକାରର ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ଥାଏ। ଏଥିରେ ବ୍ୟବହୃତ ଶସ୍ୟ, ପନିପରିବା, ତେଲ, ମସଲା, ଘିଅ, ଡାଲି- ପ୍ରତିଟି ଦ୍ରବ୍ୟରେ ଯେଉଁ ଜୀବସାରଗୁଡ଼ିକ ରହିଛି, ତାହା ଶରୀରର ପ୍ରତିରକ୍ଷା ଶକ୍ତି ବଢ଼ାଏ ଏବଂ ମସ୍ତିଷ୍କକୁ କାର୍ଯ୍ୟକ୍ଷମ କରେ। ଏଭଳି ଖାଦ୍ୟରେ କମ୍ କ୍ୟାଲୋରୀ ରହିଥାଏ, ଯାହା ଓଜନ ବୃଦ୍ଧିକୁ ନିୟନ୍ତ୍ରଣରେ ରଖେ। ଓଡ଼ିଆମାନଙ୍କର ପିଠା, ମିଠା, ଆମିଷ, ନିରାମିଷ ଏବଂ ସାତ୍ତ୍ୱିକ ଭୋଜନ ଖୁବ୍ କମ୍ ତେଲ, ମସଲାଯୁକ୍ତ ଏବଂ ଦୁଗ୍ଧଜାତ ଦ୍ରବ୍ୟରୁ ପ୍ରସ୍ତୁତ ହୋଇଥାଏ। ପଖାଳ, ପଣା, ଶାଗ, କାଞ୍ଜି, ମହୁର ଆଦି ବ୍ୟଞ୍ଜନରେ ପଡୁଥିବା ପନିପରିବା, ଶସ୍ୟ, ଫଳ ପ୍ରୋଟିନ, ଭିଟାମିନ ଏବଂ ଅନ୍ୟ ଖଣିଜରେ ଭରପୂର ଥାଏ।

ଏବକାର ପିଢ଼ି ଯେଉଁସବୁ ଖାଦ୍ୟ ମୋହରେ ଅଛନ୍ତି, ତାହା କେବେ କେମିତି ଖାଇଲେ ଚଳିବ;ତାକୁ ପାଟି ସୁଆଦ ଖାଇବା ହିସାବରେ ନେଲେ କିଛି ଅସୁବିଧା ନାହିଁ, କିନ୍ତୁ ନିୟମିତ ଯଦି ଏହାକୁ ସେବନ କରାଯାଏ, ନାନାଦି ରୋଗରେ ଆକ୍ରାନ୍ତ ହେବା ହିଁ ସାର ହେଉଛି। ସାଧାରଣ ଅମ୍ଳ (ଏସିଡିଟି) ଭଳି ଛୋଟ ରୋଗରୁ



ଆରମ୍ଭ ହୋଇ ପଥୁରୀ, ହୃଦୟ ରୋଗ, ଯକୃତ୍, ବୃକ୍କଜନିତ ରୋଗ, କର୍କଟ ଏବଂ ଅନ୍ତ୍ର ଘା ଭଳି ବଡ଼ ରୋଗରେ ପରିଣତ ହେଉଛି। ପରିବର୍ତ୍ତିତ ଖାଦ୍ୟଶୈଳୀ ହିଁ ଏଭଳି ରୋଗର କାରଣ। ରାସାୟନିକ ଦ୍ରବ୍ୟ ପ୍ରୟୋଗ ହୋଇଥିବା ପ୍ୟାକେଟ ଖାଦ୍ୟ, କୀଟନାଶକ ପ୍ରୟୋଗ ହୋଇଥିବା ପନିପରିବା, ସାର ପ୍ରୟୋଗ କରାଯାଇଥିବା ଶସ୍ୟ ସହ ଚାଇନିଜ୍, ଇଟାଲିଆନ୍ ଖାଇବା, ଯେଉଁଥିରେ ମୁଖ୍ୟ ଉପାଦାନ ମଇଦା, ଚାଇନା ଲୁଣ, ଅରିଗେନୋ, ବିଭିନ୍ନ ପ୍ରକାରର ସସ୍ ହୋଇଥାଏ। ଯା ସହ ଆହୁରି ଯୋଡ଼ି ହେଉଛି ଆଜିକାଲି ମିଳୁଥିବା ନକଲି ବା ପ୍ଲାଷ୍ଟିକ୍ ଚାଉଳ, ପତ୍ରକୋବି, ରସୁଣ, ପନିର ଆହୁରି କେତେ କଣ।

ଶେଷରେ ଏତିକି କୁହାଯାଇପାରେ ଯେ ପାରମ୍ପରିକ ଖାଦ୍ୟଗୁଡ଼ିକୁ କେବେ କେମିତି ସାମୟିକ ଭାବରେ ଖାଇବାରେ ବ୍ୟବହାର ନ କରି ନିତି ଖାଇବା ଥାଳିରେ ରଖିବା ଉଚିତ। ଦୈନିକ ଖାଇବା ଭିତରେ ଆମ ଓଡ଼ିଆ ପାରମ୍ପରିକ ବ୍ୟଞ୍ଜନରୁ ଗୋଟିଏ କିମ୍ବା ଦୁଇଟି ନିଶ୍ଚୟ ରହିବା ଉଚିତ। ଘରେ ପ୍ରସ୍ତୁତ ହେଲେ ପିଲାମାନେ ଖାଇବାକୁ ନିଶ୍ଚୟ ଇଚ୍ଛା କରିବେ, ନହେଲେ ଧୀରେ ଧୀରେ ଅଭ୍ୟାସ କରିବେ। ଯଦି ସମ୍ଭବ, ପିଲାମାନେ ଖାଇବା ବେଳେ କ'ଣ ସବୁ ଖାଉଛନ୍ତି, ସେ ବିଷୟରେ ମଧ୍ୟ ସେମାନଙ୍କର ଧାରଣା ରହିବା ଦରକାର। ଖାଦ୍ୟରେ ଥିବା ଉପାଦାନଗୁଡ଼ିକ ବିଷୟରେ ଜଣାଇ ଶରୀର ଉପରେ ଏହାର ପ୍ରଭାବ କ'ଣ ରହିଛି ଜାଣିଲେ ପିଲାମାନେ ନିଶ୍ଚୟ କ୍ରମେ ଏହାର ଉପକାରିତା ଉପଲବ୍ଧି କରିବେ। କାରଣ, ପାରମ୍ପରିକ ଖାଦ୍ୟ ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ ଭିତରେ ଅନ୍ତର୍ଭୁକ୍ତ। ଏହାକୁ ମନ୍ଦିର ପ୍ରସାଦ କିମ୍ବା କୌଣସି ବିଶେଷ ଦିବସରେ ସୀମିତ ନ ରଖି ଅଧିକରୁ ଅଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ହେବ। ଏହି ପ୍ରୟାସକୁ ସଫଳ କରି ପାରିବେ କେବଳ ଗୃହିଣୀମାନେ। ଘରେ ରୋଷେଇ କରି ପିଲାଙ୍କୁ ଏଭଳି ଖାଦ୍ୟ ପ୍ରତି ରୁଚିଶୀଳ କରିବା ବର୍ତ୍ତମାନ ପାଇଁ ଏକ ସଂଘର୍ଷ ହୋଇପାରେ, ମାତ୍ର ଏଥିରେ ସଫଳ ହେଲେ ନିଜ ପିଲାଙ୍କ ସୁସ୍ଥ ଭବିଷ୍ୟତର ପରିକଳ୍ପନା କରିହେବ ବୋଲି ଆଶା କରାଯାଇପାରେ। ■

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

# ଭାନ୍ସ, ଭାରତ ଓ ଭାଗିଦାରୀ

ଦୀର୍ଘ ବାର ବର୍ଷ ପରେ ପ୍ରଥମ ଥର ପାଇଁ କୌଣସି ଆମେରିକୀୟ ଉପରାଷ୍ଟ୍ରପତି ଭାରତ ଗସ୍ତରେ ଆସିଥିଲେ- ୨୦୧୩ରେ ଜୋଶେଫ୍ ବାଇଡେନ୍‌ଙ୍କ ଗସ୍ତ ପରେ। କିନ୍ତୁ ତାଙ୍କ ଆଗମନ ଉପରେ ଯେତିକି ଗୁରୁତ୍ୱ ରହିବା କଥା, ତା'ର ସମସ୍ତ ଭାଗ ନେଇଗଲା ପହଲଗାମ୍‌ରେ ଆତଙ୍କବାଦୀମାନେ ଘଟାଇ ଥିବା ପାଶବିକ ନରସଂହାର। ଅବଶ୍ୟ ଶ୍ରୀଯୁକ୍ତ ଭାନ୍ସଙ୍କ ଗସ୍ତ 'ଅଧିକ ପରିମାଣରେ ଏକ ବ୍ୟକ୍ତିଗତ ବା ଘରୋଇ ବ୍ୟାପାର', କାରଣ ସେ ନିଜର ଭାରତୀୟ ବଂଶୋଦ୍ଭବ ପତ୍ନୀ ଉଷା ଚିଲୁକୁରୀ ଭାନ୍ସ ଏବଂ ତାଙ୍କର ତିନି ସନ୍ତାନଙ୍କ ସହିତ ଦିଲ୍ଲୀ, ଜୟପୁର, ଆଗ୍ରା ଇତ୍ୟାଦି ବୁଲିବାକୁ ଆସିଥିବା ସମସ୍ତେ ଜାଣନ୍ତି। ତଥାପି ତାଙ୍କର ଏହି ଗସ୍ତ କାଳରେ ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା କେତେକ ନିଷ୍ପତ୍ତି ଉପରେ ତ୍ୱରିତ ସମୀକ୍ଷା ହୋଇଛି, ଯେଉଁଗୁଡ଼ିକ ଗତ ଫେବ୍ରୁଆରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ କାଳରେ ନିଆ ଯାଇଥିଲା, ଯଦିଓ ସୋମବାର ଦିନ ଶ୍ରୀଯୁକ୍ତ ଭାନ୍ସ ଏବଂ ଶ୍ରୀଯୁକ୍ତ ମୋଦୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ସେମିତି କିଛି ଉଲ୍ଲେଖନୀୟ ଫଳାଫଳ ବାହାରି ନଥିଲା କେବଳ ଏତିକି ଘୋଷଣା କରାଯିବା ବ୍ୟତୀତ ଯେ ୱାଶିଂଟନ୍‌ଠାରେ ଦ୍ୱିପାକ୍ଷିକ ବ୍ୟବସାୟିକ ରାଜିନାମା (ବିଟିଏ)ର ସର୍ତ୍ତାବଳୀଗୁଡ଼ିକ ସ୍ଥିର ହୋଇ ସାରିଛି। ଏହା ବାଦ୍ ଚଳିତ ବର୍ଷ ଦ୍ୱିତୀୟାର୍ଦ୍ଧରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କ୍ୱାଡ୍ ସମ୍ମିଳନୀ ପାଇଁ ଭାରତ ଗସ୍ତରେ ଆସିବା କଥା ଓ ଭାରତ-ପ୍ରଶାନ୍ତ ମହାସାଗର କୌଶଳ ଉପରେ ଆଲୋଚନା କରିବାକୁ ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ଆଲୋଚନା ସୁଯୋଗ ପ୍ରଦାନ କରିଥିଲା। ଏହା ପରେ ମଙ୍ଗଳବାର ଦିନ ଜୟପୁରଠାରେ ଶ୍ରୀଯୁକ୍ତ ଭାନ୍ସ ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ମଧ୍ୟରେ ବାଣିଜ୍ୟିକ ସମତା ପାଇଁ କ୍ଷେତ୍ର ପ୍ରସ୍ତୁତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଆମେରିକାର ଏମିତି ଏକ ବ୍ୟବସାୟିକ ଭାଗିଦାର ବା ଅଂଶୀଦାର ଚାହୁଁଛି, ଯିଏକି ମୂଲ୍ୟ କମ୍ ରଖିବା ପାଇଁ ଶ୍ରମିକମାନଙ୍କ ମଜୁରିକୁ ଦମନ କରୁ ନଥିବ। ସେ ଆହୁରି ମଧ୍ୟ କହିଥଲେ ଯେ ଏକ ଆଦର୍ଶ ବ୍ୟବସାୟିକ ଅଂଶୀଦାର ବିଭିନ୍ନ ସାମଗ୍ରୀର ଉତ୍ପାଦନ କରୁଥିବ ଏବଂ କେବଳ ଅନ୍ୟ ଦେଶମାନଙ୍କ ସାମଗ୍ରୀଗୁଡ଼ିକର ପରିବହନକାରୀ ମାଧ୍ୟମ ହୋଇ ନଥିବ। ତେବେ ଏଭଳି ମନ୍ତବ୍ୟ ପ୍ରଦାନ କରିବା ବେଳେ ସେ କେଉଁ ଦେଶ କଥା ମନରେ ରଖି ଏପରି କହିଥିଲେ, ସେ ସମ୍ପର୍କରେ ଯଦିଓ ଶ୍ରୀଯୁକ୍ତ ଭାନ୍ସ ଖୋଲାଖୋଲି ବ୍ୟକ୍ତ କରି ନଥିଲେ, ତେବେ ତାଙ୍କୁ ଆତିଥେୟତା ପ୍ରଦାନ କରିଥିବା ଦେଶ ଭାରତ ଏଭଳି ଅଂଶୀଦାର ହେବା ପାଇଁ ଯେ ଯୋଗ୍ୟ, ତାହା କହିବାର ଆବଶ୍ୟକତା ନାହିଁ।

୨୦୨୫ର ଅର୍ଥନୀତିକ ସର୍ବେକ୍ଷଣରେ ଉଲ୍ଲେଖ କରାଯାଇଥିବା ମୁତାବକ, ଭାରତରେ କର୍ପୋରେଟ୍ ଲାଭଗୁଡ଼ିକ ହୁ ହୁ ହୋଇ ବଢ଼ି ଚାଲିଥିବା ବେଳେ ଶ୍ରମିକମାନଙ୍କ ମଜୁରି କ୍ଷେତ୍ରରେ ଦେଖା ଦେଇଛି ସ୍ଥାଣୁତା। ଏକଥା ମଧ୍ୟ ଏକ ଅତି ଗୋପନୀୟ କଥା ଯେ ଭାରତ ରୁଷିଆର ଶସ୍ତା ତୈଳକୁ ବିଶୋଧନ କରି ତା' ପରେ ତାକୁ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କୁ ବିକ୍ରି କରି ଲାଭ ଅର୍ଜନ କରୁଥିବା ବେଳେ ୟୁକ୍ରେନ୍ ସହିତ ଯୁଦ୍ଧ ଆରମ୍ଭ କରିବା ପରେ ଏହି ଦେଶକୁ ଅନୁଦାନ ବନ୍ଦ କରିଥିବା ରାଷ୍ଟ୍ରମାନଙ୍କରେ ମଧ୍ୟ ଅଶୋଧିତ ତୈଳ ପହଞ୍ଚାଇ ସେ ବାଟରେ ଲାଭ ଅର୍ଜନ କରୁଛି। ତାଙ୍କ ଦେଶ ବାଣିଜ୍ୟିକ କାରବାର କରିବାକୁ ଆଗ୍ରହ ପ୍ରକାଶ କରିବା ଅବସରରେ ବାସ୍ତବରେ ଯଦି ଏଇଆକୁ ଲକ୍ଷ୍ୟ କରି ଶ୍ରୀଯୁକ୍ତ ଭାନ୍ସ ତାଙ୍କ ପ୍ରଶାସନର ପ୍ରାଥମିକତା ସନ୍ଦର୍ଭରେ ଉପରୋକ୍ତ କଥା କହିଥାନ୍ତି, ତା'ହେଲେ ନୂଆଦିଲ୍ଲୀ ଏବଂ ୱାଶିଂଟନ୍ ମଧ୍ୟରେ ଆଗକୁ ଯେଉଁ କାରବାର ହେବାର କଥା ଉଠୁଛି, ତାହା ଏକ ତୀଖ ଗଡ଼ାଣିର ସମ୍ମୁଖୀନ ହେବ। ତେବେ ବିବ୍ରତ କରିବା ଭଳି ହେଲେ ସୁଦ୍ଧା ଏହି ବାକ୍‌ପଟୁତାରେ ଆଶାବାଦର ଏକ ଝଲକ ରହିଛି। କାରଣ, ଶ୍ରୀଯୁକ୍ତ ଭାନ୍ସ ଇତ୍ୟବସରେ ପ୍ରକାଶ କରି ସାରିଛନ୍ତି ଯେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟିକ କାରବାରର ସର୍ତ୍ତାବଳୀଗୁଡ଼ିକର ନିର୍ଣ୍ଣୟ ହୋଇ ସାରିଛି। ପରନ୍ତୁ, ଏହା ସତ୍ତ୍ୱେ ଦୁଇ ଦେଶଙ୍କ ଭିତରେ ଚୁକ୍ତି ହେବାର କୌଣସି ଲକ୍ଷଣ ପ୍ରକାଶ ପାଇନାହିଁ। ସୋମବାର ଦିନ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ଚଳିତ ବର୍ଷ ଶେଷ ସୁଦ୍ଧା ବ୍ୟବସାୟିକ କାରବାର ସମ୍ପର୍କିତ ଏକ ଚୁକ୍ତିନାମା ପ୍ରସ୍ତୁତ ହୋଇପାରେ। ସେ ଯାହାହେଉ, ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିବା ଉଚ୍ଚ ଦରର ତାରିଫ୍‌ରେ ଯେଉଁ ୯୦ ଦିନିଆ ଛାଡ଼ ଦେଇଛନ୍ତି, ତାହା ଜୁଲାଇ ମାସରେ ଶେଷ ହେବାକୁ ଯାଉଛି। ତା' ପରେ କ'ଣ ହେବ, ସେ ସମ୍ପର୍କରେ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇ ନାହିଁ। ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ଆମେରିକା ଆମଦାନୀ କରାଯାଉଥିବା ସାମଗ୍ରୀଗୁଡ଼ିକ ଉପରେ ଯେତିକି ତାରିଫ୍ ଲାଗୁ କରିଥାଏ, ଭାରତ ତା'ଠାରୁ ଢେର୍ ଅଧିକ ଲାଗୁ କରିଥାଏ ଆମଦାନୀ ହେଉଥିବା ସାମଗ୍ରୀଗୁଡ଼ିକ ଉପରେ। ଏହା ସତ୍ତ୍ୱେ ଆମେରିକା ସହିତ ଏକ ସମ୍ଭାବ୍ୟ ବ୍ୟବସାୟିକ କାରବାର ବିରୁଦ୍ଧରେ ସମଗ୍ର ଭାରତରେ ସୋମବାର ଦିନ ହୋଇଥିବା କୃଷକମାନଙ୍କ ପ୍ରତିବାଦ ଦର୍ଶାଇ ଥାଏ ଯେ ବିଶେଷକରି ଭାରତର କୃଷିକ୍ଷେତ୍ର ଆଶଙ୍କା କରୁଛି କି ଘରୋଇ ବଜାରରେ ଧନୀ ଅର୍ଥନୀତିମାନଙ୍କ ସାମଗ୍ରୀଗୁଡ଼ିକ ସହିତ ଏହାକୁ ପ୍ରତିଯୋଗିତା କରିବାକୁ ପଡ଼ିବ।

ଏଭଳି ଆଶଙ୍କା ପ୍ରକାଶ ପାଇବା ଏକ ସ୍ୱାଭାବିକ କଥା: ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ କୃଷିଜାତ ସାମଗ୍ରୀ ଉତ୍ପାଦନ ଔଦ୍ୟୋଗିକ ହୋଇଥିବା ବେଳେ ଭାରତର ଗ୍ରାମାଞ୍ଚଳରେ ଉତ୍ପାଦନ ଛୋଟ ଛୋଟ ଜମି ଧାରକମାନଙ୍କ ମଧ୍ୟରେ ବିଭାଜିତ ଏବଂ ଚାଷୀମାନେ ସେମାନଙ୍କର ପାଶ୍ଚାତ୍ୟ ପ୍ରତିପକ୍ଷମାନଙ୍କ ସହିତ ତାଳ ଦେବା ଭଳି ଢଙ୍ଗରେ ସେମାନଙ୍କ ଉତ୍ପାଦଗୁଡ଼ିକୁ ସମାନ ପରିମାଣରେ ତଥା ପ୍ୟାକିଂ କରିବାରେ ସମକକ୍ଷ ହେବା ଭଳି ସମ୍ବଳର ଅଧିକାରୀ ନୁହନ୍ତି। ଭାରତର ଅଧା ଜନସଂଖ୍ୟା ଏବେ ସୁଦ୍ଧା ସେମାନଙ୍କ ଜୀବିକାର୍ଜନ ପାଇଁ କୃଷି ଉପରେ ନିର୍ଭର କରନ୍ତି। ଶ୍ରୀଯୁକ୍ତ ମୋଦୀଙ୍କ ସରକାର ଭାରତର ସ୍ୱାର୍ଥଗୁଡ଼ିକର ସୁରକ୍ଷା କରିବା ସହିତ ଦେଶକୁ ଅଧିକ ପରିମାଣର ଆମେରିକୀୟ ତାରିଫ୍ କବଳରୁ ଦୂରେଇ ରଖିବା ଉଚିତ। ଆମେରିକା ଏହାର ବ୍ୟବସାୟିକ ଅଂଶୀଦାର ନିକଟରେ କ'ଣ ସବୁ ଦେଖିବାକୁ ଚାହେଁ, ଶ୍ରୀଯୁକ୍ତ ଭାନ୍ସ ତାହା ଉଲ୍ଲେଖ କରି ସାରିଛନ୍ତି। ଏବେ ଶ୍ରୀଯୁକ୍ତ ମୋଦୀଙ୍କ ପାଳି ଆମେରିକାକୁ ଜଣାଇ ଦେବାର ଯେ ଏକ ମିତ୍ର ରାଷ୍ଟ୍ର ଭାବରେ ଭାରତ କ'ଣ ଚାହେଁ: ସମ୍ମାନ ଓ ବୁଝାମଣା। ■

# କାଲିକି କହିବି, ଆଉ ଥରେ କୁହ

ସ୍ୱାମୀ, ସ୍ତ୍ରୀ, ପିଲା ଏକାଠି ରହିଲେ ପରିବାର ହୁଏନା କିମ୍ବା ବାପା, ମାଆ, ଶାଶୁ, ଶ୍ୱଶୁର ଗୋଟିଏ ଜାଗାରେ ରହିଲେ ପରିବାର ହୁଏନା। ପରିବାର ଏକ ସୁସ୍ଥ ମାନସିକତା ଓ ବୁଝାମଣାର କଥା। ଯେମିତି ଫୁଲ ଭିତରେ ସୂତା ଲୁଚିକରି ଥାଏ, ସେମିତି ପରିବାରରେ ଭିତରେ ଶାନ୍ତି ଲୁଚିକରି ଥାଏ। ପରିବାରରେ ଶାନ୍ତି ରହିବା ପାଇଁ ଯେଉଁ ସଫଳ ସୂତ୍ରଟି ଅଛି, ତାକୁ ନେଇଆଣି ଥୋଇ ପାରିଲେ ହେଲା। ଖାଇବା, ପିନ୍ଧିବା ଅଭାବରେ କୋଉ ପରିବାରରେ କଳି ଝଗଡ଼ା ଲାଗେନା! କଳି ଝଗଡ଼ା ଲାଗେ ପରସ୍ପର ବୁଝାମଣା ଅଭାବରୁ। ଆମେ ସବୁବେଳେ ଏତେ ବ୍ୟସ୍ତ ଓ ବିବ୍ରତ ଯେ ଟିକିଏ କିଛି ଘଟିଗଲେ ତତ୍‌କ୍ଷଣାତ୍ ପ୍ରତିକ୍ରିୟାଶୀଳ ହୋଇଉଠୁ। ପ୍ରତିଶୋଧ ପରାୟଣ ହେଉ। ଫଳରେ ଖାଲି ପରିବାର ନୁହେଁ, ସାହି ପଡ଼ିଶାରେ ବି ଅଶାନ୍ତି ସୃଷ୍ଟିକରୁ। ଏ ନେଇ ଉଦାହରଣଟିଏ।

ସନ୍ଥଙ୍କ ପାଖରେ ପହଞ୍ଚିଲେ ଦମ୍ପତି। ପରସ୍ପର ଭିତରେ ମନୋମାଳିନ୍ୟ ଦେଖା ଦେଉଥିଲା। ପତ୍ନୀ ଯାହା କୁହନ୍ତି, ପତିଙ୍କୁ ସୁହାଏନା। ପତି ଯାହା କୁହନ୍ତି, ପତ୍ନୀଙ୍କୁ ବି ଭଲ ଲାଗେନା। ଜଣେ ଗୋଟିଏ କଥା କହିଲେ, ଅନ୍ୟ ଜଣେ ଆଉ ଗୋଟିଏ କଥା କୁହନ୍ତି। ଏମିତିକି ପରିବାରରେ ସ୍ୱାମୀ ରାଗରେ ଗୋଟିଏ ଜିନିଷ ଭାଙ୍ଗିଲେ, ସ୍ତ୍ରୀ ଆଉ ଗୋଟିଏ ଜିନିଷ ଭାଙ୍ଗନ୍ତି। ସାମାନ୍ୟ କଥାରେ ପରିବାରରେ ଝଡ଼ ସୃଷ୍ଟି ହୁଏ। ଅଯଥାରେ ସାଇତା ଥିବା ଜିନିଷ ଭାଙ୍ଗିରୁଜି ଯାଏ। ସନ୍ଥ ପତିଙ୍କୁ ଗୋଟିଏ ମନ୍ତ୍ର ଦେଲେ। କହିଲେ- 'ଏ ମନ୍ତ୍ରଟି ତୁମେ ମନେ ରଖିବ। ଆଉ କାମରେ ବି ଲଗେଇବ।' ପତ୍ନୀଙ୍କୁ ବି ଗୋଟିଏ ମନ୍ତ୍ର ଦେଇ କହିଲେ-'ଯାକୁ ମୁଖସ୍ଥ କରି କାମରେ ଲଗେଇବ।' ଫେରି ଆସିଲା ପରେ ପତି ପଚାରିଲେ- 'ସନ୍ଥ ତୁମକୁ କି ମନ୍ତ୍ର ଦେଇଛନ୍ତି?' ପତ୍ନୀ କହିଲେ- 'ମୋ ମନ୍ତ୍ର ମୋର। ତୁମ ମନ୍ତ୍ର ତୁମର। ମୁଁ କହିବିନି।' ପତ୍ନୀ ମଧ୍ୟ ପତିଙ୍କ ମନ୍ତ୍ର ବିଷୟରେ ଜାଣିବାକୁ ଇଚ୍ଛା କଲେନି। ପତ୍ନୀଙ୍କ କଥାରେ ପତି ରାଗିଗଲେ ଆଉ କହିଲେ- 'ତୁମର ଉତ୍ତର ମୁଁ କାଲିକି ଦେବି।' ତା'ପରେ ନିରବ ରହିଲେ। ପର ଦିନ ପତ୍ନୀ କହିଲେ- 'କାଲି ପରା କ'ଣ କହିବ ବୋଲି କହୁଥିଲ! କହୁନା।' ପତି ଶାନ୍ତ ସ୍ୱରରେ କହିଲେ- 'କାଲି ଯାହା କହିବାକୁ ଭାବିଥିଲି, ଆଉ ଏବେ କହିବିନି।' ଆଉ ଗୋଟିଏ ଦିନ ପତି ପତ୍ନୀଙ୍କୁ ଗାଳି ଦେଲେ। ପତ୍ନୀ କହିଲେ- 'ଆଉ ଟିକେ ଗାଳି ଦିଅ।' ପତି କହିଲେ- 'କାଲିକୁ କହିବି।'

ପଦାରବିନ୍ଦ

ବାସ୍ତବରେ ମନ୍ତ୍ର ଦୁଇଟା ବଡ଼ ଅଦ୍ଭୁତ ଥିଲା। କିଛିଦିନ ପରେ ପରିବାରରେ କଳି ଝଗଡ଼ା ନଥିଲା। ଦିନେ ପତ୍ନୀ ପଚାରିଲେ- 'ତୁମର ମନ୍ତ୍ର କ'ଣ ଥିଲା?' ପତି କହିଲେ- 'କାଲିକୁ କହିବି।' ପତି ପତ୍ନୀଙ୍କୁ ପଚାରିଲେ- 'ତୁମର ମନ୍ତ୍ର କ'ଣ ଥିଲା?' ପତ୍ନୀ କହିଲେ- 'ଆଉଥରେ କୁହ।' ଏଇ ଦୁଇଟି ବାକ୍ୟ ହିଁ ମନ୍ତ୍ର। ପତିର ମନ୍ତ୍ର ଥିଲା- 'କାଲିକି କହିବି' ଓ ପତ୍ନୀର ମନ୍ତ୍ର ଥିଲା 'ଆଉଥରେ କୁହ।' ଏ ମନ୍ତ୍ର ପଛର ରହସ୍ୟ ବଡ଼ ଅଦ୍ଭୁତ ଥିଲା। କେହି କିଛି କହିଲେ, ଆମେ ତତ୍‌କ୍ଷଣାତ୍ ପ୍ରତିକ୍ରିୟାଶୀଳ ହୋଇଉଠୁ। ମୁହଁରେ ଜବାବ୍ ଦେଉ। କଳି ବଢ଼େ। କଳି କରିବାକୁ ଅଛି ତ ଗାଳି ଆଜି ଶୁଣ। କାଲିକୁ ତା' କଡ଼ା କଥାର ଜବାବ ଦେବ। ମଣିଷ ଚବିଶ ଘଣ୍ଟା ରହିଲା ପରେ ତା' ରାଗ କମି ଯାଇଥିବ। ରାଗରେ ଯେଉଁ ଉତ୍ତର ଦେବା କଥା, ସେ କାଲିକୁ ସେମିତି ଉତ୍ତର ଦେଇ ପାରିବନି। ପୁଣି ଯଦି ରାଗରେ କେହି ଗାଳି ଦେଉଛି, ତାକୁ କୁହ- 'ସେଇ କଥାକୁ ଆଉଥରେ କୁହ।' ବାରମ୍ବାର ଗୋଟିଏ କଥା କହିବାକୁ କାହାକୁ ଭଲ ଲାଗେନା। ସେ କହିବା ବନ୍ଦ କରିଦେବ। ପରିବାରରେ ଏଇ ଦୁଇଟି କଥାକୁ କ୍ରିୟାଶୀଳ କରାଇଲେ ପରିବାର ହସି ଉଠିବ। ■

# ପୌରପାଳିକା ଅଧିକାରୀଙ୍କୁ ଦାବିପତ୍ର



**ଚୌଦ୍ୱାର,୨୪।୪ଏନ୍ଏନ୍ଏସ୍:** ଚୌଦ୍ୱାର ପୌରପାଳିକା କପାଳେଶ୍ୱର ଅଞ୍ଚଳର ଜଗନ୍ନାଥବିହାର ଅଧିବାସୀମାନେ ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ପାଇଁ ବୁଧବାର ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଚିର ଅବହେଳିତ ଉକ୍ତ ଅଞ୍ଚଳରେ ଗମନାଗମନ ନିମନ୍ତେ ପେଭର କିମ୍ବା କଂକ୍ରିଟ୍ ରାସ୍ତା ଓ ବ୍ୟବହୃତ ପାଣିର ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଅଧିବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେହେତୁ ଏହି କଲୋନୀଟି ଜାତୀୟ ରାଜପଥ ପାର୍ଶ୍ୱରେ ନୂଆ କରି ଗଢି ଉଠିଛି ଅସରାଏ ବର୍ଷା ହେଲେ ଜାତୀୟ ରାଜପଥରୁ କଲୋନୀକୁ ସଂଯୋଗ କରୁଥିବା ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି । ରାଜପଥ ନିର୍ମାଣ ସଂସ୍ଥା ଜଳ ନିଷ୍କାସନ ବ୍ୟବସ୍ଥାଗୁଡିକୁ ସଂପୂର୍ଣ୍ଣଭାବେ ପୋତି ଦେଇ ରାସ୍ତା ଉଚ୍ଚା କରୁଛନ୍ତି । ବର୍ଷାପାଣି ନିଷ୍କାସନ ଆଉ ହୋଇପାରୁନଥିବା ଯୋଗୁଁ ଅବସ୍ଥା ସାଂଘାତିକ ହୋଇପଡ଼ିଛି । ସ୍ଥାନୀୟ କାଉନ୍ସିଲର ଓ ବିଧାୟକଙ୍କୁ ବାରମ୍ବାର ଅନୁରୋଧ କରିଲା ପରେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ । ଏଣୁ ଆଗାମୀ ବର୍ଷାଦିନ ପୂର୍ବରୁ ରାସ୍ତା ଓ ଡ୍ରେନ୍ ନିର୍ମାଣ କରିବା ଦାବିରେ ସ୍ଥାନୀୟ ଅଧିବାସୀମାନେ ଏକ ଦାବିପତ୍ର ମାଧ୍ୟମରେ ନିର୍ବାହୀ ପୌରଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ବାସିନ୍ଦା ରାମଚନ୍ଦ୍ର ନାୟକ, ସନ୍ତୋଷ କୁମାର ଧର, କାଳନ୍ଦୀ ଚରଣ ମିଶ୍ର, ଅଚ୍ୟୁତାନନ୍ଦ ସାହୁ, ଶ୍ରୀକାନ୍ତ ଦାସ, ଅଜୟ ଦାସ, ହରିହର ମହାରଣା, କୃଷ୍ଣଚନ୍ଦ୍ର ସାହୁ, ଜୟ ସିଂ, ଆଲୋକ କୁମାର ମିଶ୍ରଙ୍କ ସମେତ ବହୁ ପରିବାରର ସଦସ୍ୟମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ମାଧବାନନ୍ଦଙ୍କ ପୀଠରୁ ପୁରୀ ଶ୍ରୀକ୍ଷେତ୍ର ଚାଲିଲା ଆମ ବସ୍




**ଚାରିଛକ,୨୪।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ମାଧବର ମାଧବାନନ୍ଦଙ୍କ ପୀଠରୁ ପୁରୀ ଶ୍ରୀକ୍ଷେତ୍ରକୁ ଚାଲିଲା ଆମ ବସ୍ । ଦୀର୍ଘ ଦିନ ଧରି ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ପୁରୀ ଶ୍ରୀକ୍ଷେତ୍ରକୁ ଆମ ଦାବୀ ଚଳାଇବାକୁ ଦାବିହୋଇ ଆସୁଥିଲା । ରାଜ୍ୟ ସରକାର ଜନସାଧାରଣଙ୍କ ଦାବିକୁ ବିଚାରକୁ ନେଇ ମାଧବରୁ ପୁରୀକୁ ୩ଟି ଆମ ବସ ଯୋଗାଇ ଦେଇଛନ୍ତି । ଏହି ବସ ଗୁଡିକ ଏକ ଘଣ୍ଟା ବ୍ୟବଧାନରେ ଚାଲିବ । ଏହି ବସ ଚାଲିବା ଫଳରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ପୁରୀକୁ ଉକ୍ତ ଅଞ୍ଚଳର ଜନସାଧାରଣ ସହଜରେ ଯାତାୟାତ କରିପାରିବେ । ସ୍ଥାନୀୟ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସମାଜସେବୀଙ୍କ ସ୍ମୃତିସଭା



**ଚୌଦ୍ୱାର,୨୪।୪/ଏନ୍ଏନ୍ଏସ୍:** ଚୌଦ୍ୱାର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ସ୍ୱର୍ଗତ ଦୁର୍ଯ୍ୟୋଧନ ସାହୁଙ୍କ ଅକାଳ ବିୟୋଗ ଘଟିଛି । ବୁଧବାର ଦ୍ୱାଦଶ ତିଥିରେ ଟାଙ୍ଗୀ-ଚୌଦ୍ୱାର ତୈଳିକ ବୈଶ୍ୟ ସମାଜ ତରଫରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସଭାପତି ଦୟାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜର ଅତିରିକ୍ତ ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ସାହୁ, ଶୀର୍ଷ ସମ୍ମିଳନୀ ସମ୍ପାଦକ ସନ୍ତୋଷ ସାହୁ ଓ ବିଜୟ କୁମାର ଚୌଧୁରୀ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କର ସ୍ମୃତିଚାରଣ କରିଥିଲେ । ତିନିପୁତ୍ର ଜିତେନ୍ଦ୍ର, ଅଶୋକ ଓ ନରେଶ ଉପସ୍ଥିତ ରହି ପିତାଙ୍କ ଜୀବନଶୈଳୀ ଉପରେ ସ୍ମୃତିଚାରଣ କରିଥିଲେ । ଦିବଂଗତଙ୍କ ସ୍ମୃତି ଉଦ୍ଦେଶ୍ୟରେ ତୈଳିକ ବୈଶ୍ୟ ସମାଜକୁ ତାଙ୍କ ପରିବାର ପକ୍ଷରୁ ଏକଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଜମା ପୁଞ୍ଜିର ବାର୍ଷିକ ସୁଧରେ ପ୍ରତିବର୍ଷ ଏକ ଗରିବ ଅସହାୟଙ୍କୁ ଏକ ସାଇକେଲ ଦେବା ପାଇଁ ତାଙ୍କର ପୁତ୍ରମାନେ ଘୋଷଣା କରିଥିଲେ । ବିଶାଖା ପ୍ରିୟଦର୍ଶିନୀ ସାହୁ ନାମକ ଜଣେ ଛାତ୍ରୀଙ୍କୁ ସାଇକେଲଟିଏ ପ୍ରଦାନ କରାଯାଇଥିଲା । ଏହି ସ୍ମୃତିସଭାରେ ଅଭିରାମ ସାହୁ, ଶିବଶଙ୍କର ସାହୁ, ନାରାୟଣ ପୃଷ୍ଟି, ନବ ସାହୁ, ପରମାନନ୍ଦ ସାହୁ ଉପସ୍ଥିତ ଥିଲେ । ବିଷ୍ଣୁଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ଚାରିଛକ,୨୪।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ତମ୍ପାଲୋସ୍ଥିତ ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ପୁରାତନ ଛାତ୍ରଙ୍କ ତରଫରୁ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ମହା ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ଦାସ, ପ୍ରାକ୍ତନ ଶିକ୍ଷକ ପ୍ରଫୁଲ୍ଲ ନାୟକ, ପ୍ରାକ୍ତନ ଶିକ୍ଷକ ମାଧବ ସାହୁ, ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ, ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ସାହୁ, କ୍ରୀଡା ଶିକ୍ଷକ ନେତ୍ରାନନ୍ଦ ବାରିକ, ଶିକ୍ଷକ ଶିଶିରେନ୍ଦ୍ର ସାମନ୍ତରାୟ, କିରାଣୀ ଚନ୍ଦ୍ରମଣୀ ବେହେରା, ଧନେଶ୍ୱର ସାହୁ ଓ ମହେନ୍ଦ୍ର ଭୋଇଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା । ଶିକ୍ଷକମାନେ ୨୫ବର୍ଷ ତଳର ଅନୁଭୂତି ବଖାଣିବା ସହିତ ଛାତ୍ରଛାତ୍ରୀମାନଙ୍କ ଏଭଳି ମହତ କାର୍ଯ୍ୟକୁ ଭୂୟସି ପ୍ରଶଂସା କରିଥିଲେ । ପୁରାତନ ଛାତ୍ର ଅକ୍ଷୟ ପଡିଆରୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାକେଶ ସ୍ୱାଇଁ, ସୁରଞ୍ଜନ ଖଟୋଇ, ମିନତୀ ବେହେରା, ଗୀତାଞ୍ଜଳି ଓଝାଙ୍କ ସମେତ ଶତାଧିକ ଯୋଗଦେଇ ଅଭୁଲା ସ୍ମୃତିକୁ ସାଉଁଟିଥିଲେ ।

## ବାଲ୍ୟବିବାହ ନିଷେଧ ସଚେତନତା



**ଖଣ୍ଡପଡ଼ା,୨୪।୪/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ମିଶନଶକ୍ତି ଭବନରେ ବାଲ୍ୟବିବାହ ନିଷେଧ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି କାର୍ଯ୍ୟକ୍ରମରେ ଖଣ୍ଡପଡା ବ୍ଲକ ଅଂଚଳର(ପୁରୋହିତ) ବ୍ରାହ୍ମଣମାନଙ୍କୁ ନେଇ ବାଲ୍ୟ ବିବାହର କାରଣ, କୁପରିଣାମ ଓ ନିରାକରଣ ଉପାୟ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବ୍ଲକ ଶିଶୁ ସୁରକ୍ଷା ଅଧିକାରିଣୀ କେ. କୋଟେଶ୍ୱରୀ ଯୋଗଦେଇ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ରେ ଥିବା ଦଣ୍ଡବିଧାନ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ମିଶନଶକ୍ତି ବିପିସି ଦିଲ୍ଲୀପ କୁମାର ନାୟକ ଯୋଗଦେଇଥିଲେ । ବିବାହ କାର୍ଯ୍ୟରେ ବ୍ରାହ୍ମଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମରେ ଯୋଗଦେଇଥିବା ୨୦ଜଣ ବ୍ରାହ୍ମଣଙ୍କ ସହ ବାଲ୍ୟ ବିବାହ ରୋକିବା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତେ ବାଲ୍ୟ ବିବାହ ରୋକିବା ପାଇଁ ଶପଥ ଗ୍ରହଣ କରିଥିଲେ କାର୍ଯ୍ୟକ୍ରମକୁ ସି ଥ୍ରୀର ବ୍ଲକ ସଂଯୋଜକ ସୁଦୀପ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ଦଶପଲ୍ଲା ବ୍ଲକ ସଂଯୋଜକ ଶୁଭାଶିଷ ମିଶ୍ର ତାଙ୍କୁ ସହଯୋଗ କରିଥିଲେ ।

## ତ୍ରିବେଣୀଶ୍ୱର ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

**ଅସ୍ତରଙ୍ଗ,୨୪।୪/ଏନ୍ଏନ୍ଏସ୍:** କାକଟପୁର ନିକଟସ୍ଥ ତିରୁଣା ଗ୍ରାମର ଆରାଧ୍ୟ ଦେବତା ତ୍ରିବେଣୀଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧୮ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ତିନିଦିନ ବ୍ୟାପି ମହାସମାରୋହରେ ପାଳିତ ହୋଇଯାଇଛି । ରବିବାର ଘଟ ସ୍ଥାପନ କରାଯାଇଥିବାବେଳେ ସୋମବାର ନାମଯଜ୍ଞ, ହରିହାଟ ଅନୁଷ୍ଠିତ ହୋଇଥଲା । ମଙ୍ଗଳବାର ନଗର କୀର୍ତ୍ତନ କରାଯାଇ ଉତ୍ସବ ର ସମାପନ କରାଯାଇଥିଲା । ଗ୍ରାମବାସୀଙ୍କ ମଧ୍ୟରେ ଈଶ୍ୱର ଭକ୍ତି ଆମ ଓଡ଼ିଆ କଳା ସଂସ୍କୃତି ଭାବଧାର ଉଜ୍ଜୀବିତ କରାଇବା ଲକ୍ଷ୍ୟ ନେଇ ଗ୍ରାମବାସୀ ଏହି ପ୍ରୟାସ ଜାରିରଖିଛନ୍ତି । ଗ୍ରାମ ସଭାପତି କାଳନ୍ଦୀ ସ୍ୱାଇଁ କୃଷ୍ଣଚନ୍ଦ୍ର ସ୍ୱାଇଁ, କାଳନ୍ଦୀ ପରିଡା ଦାୟିତ୍ୱ ତୁଲାଇଥିବା ବେଳେ ରଞ୍ଜନ ସ୍ୱାଇଁ, ସୁରେନ୍ଦ୍ର ନାୟକ, ନିରାକାର ନାୟକ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

### ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବିଦ୍ୟୁତ୍ ବିଭାଗର ଫୁ'

## ଦୈନିକ ଅଘୋଷିତ ବିଜୁଳିକାଟ୍, ଜନଜୀବନ ଅସ୍ତବ୍ୟସ୍ତ

**ମାହାଙ୍ଗା,୨୪।୪/ଏନ୍ଏନ୍ଏସ୍:** ଅତ୍ୟଧିକ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ବଢ଼ି ବଢ଼ି ଚାଲିଥିବାବେଳେ ସରକାର ସ୍କୁଲ୍, କଲେଜ, ଅଙ୍ଗନବାଡ଼ି ଆଦିକୁ ଛୁଟି ଘୋଷଣା କରିବା ସହ ବିଦ୍ୟୁତ୍ ବିଭାଗକୁ ୨୪ଘଣ୍ଟିଆ ବିଦ୍ୟୁତ୍ ସରବରାହ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକୁ ଫୁ କରି ଉଡାଇ ଦେଇଛି ମାହାଙ୍ଗା ବିଦ୍ୟୁତ୍ ବିତରଣ ସଂସ୍ଥା ଟିପିସିଓଡିଏଲ । ପ୍ରତ୍ୟେକ ଦିନ ୩୩କେଭି ଲାଇନ୍ ଖରାପ ଆଳ ଦେଖାଇ ମାହାଙ୍ଗା ଟିପିସିଓଡିଏଲ ଦୈନନ୍ଦିନ ୭ରୁ ୮ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ୍ କରୁଛି । ସୂଚନାଥାଉ କି ଯେଉଁ ସମୟରେ ଅଧିକ ଗ୍ରୀଷ୍ମପ୍ରବାହ ହେଉଛି ସେହି ସମୟରେ ବିଦ୍ୟୁତ୍‌କାଟ୍ ହେବା ଦ୍ୱାରା ଜନସାଧାରଣଙ୍କ ଠାରୁ ଆରମ୍ଭକରି ଛାତ୍ରଛାତ୍ରୀମାନେ ଅସହ୍ୟ ଗରମରେ ନାହିଁ ନଥିବା ହୀନସ୍ଥା ଭୋଗ କରୁଛନ୍ତି । ମାହାଙ୍ଗା ବିଦ୍ୟୁତ୍ ଡିଭିଜନରେ ଦୀର୍ଘ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଭଳି ଭାବେ ବେଆଇନ ବିଦ୍ୟୁତ୍ କାଟ ହେଉଥିବା ବେଳେ ବିଭାଗୀୟ ଉପରିସ୍ଥ ଅଧିକାରୀ ଏଥିପ୍ରତି ସଚେତନ ହେଉନାହାନ୍ତି । ଶହେରୁ ୧୩୦ ଭୋଲ୍ଟ ବିଦ୍ୟୁତ୍ ରହୁଥିବାରୁ ସାଧାରଣ ପଙ୍ଖା ବୁଲିବା କଷ୍ଟ ହୋଇଯାଉଛି । ଦାୟିତ୍ୱରେ ଥିବା ବିଦ୍ୟୁତ୍ କର୍ମଚାରୀମାନେ ଜାଣିଶୁଣି ବାଲିଆ ଗ୍ରୀଡ୍‌ରୁ ଆସୁଥିବା ବିଦ୍ୟୁତ୍ ତାରକୁ ମରାମତି କରିବାରେ ବିଳମ୍ବ ହେତୁ ଦୁଇରୁ ତିନିଦିନ ପର୍ଯ୍ୟନ୍ତ ବିଦ୍ୟୁତ୍ ଉପଭୋକ୍ତାମାନେ ଲୋ-ଭୋଲ୍‌ଟେଜ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏଥିପ୍ରତି ବିଦ୍ୟୁତ୍ ବିତରଣ ସଂସ୍ଥା ଉଚ୍ଚ ପଦାଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି । ଏ ସଂପର୍କରେ ମାହାଙ୍ଗା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ନିହାର ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ବାଲିଆ ଗ୍ରୀଡ୍ କାମ କରାଯାଉଥିବାରୁ ବିଦ୍ୟୁତ୍ କାଟ୍ ହେଉଥିବା କହିଥିଲେ ।

## ଅସହ୍ୟ ତାତିକୁ ବିଜୁଳି କାଟ୍, ଲୋକେ ହନ୍ତସନ୍ତ

**କଣ୍ଟିଲୋ,୨୪।୪/ଏନ୍ଏନ୍ଏସ୍:** ସମ୍ପ୍ରତି ରାଜ୍ୟରେ ରୌଦ୍ରତାପ ଯେଉଁଭଳି ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି, ସେଥିପାଇଁ ଅସମ୍ଭାଳ ଗରମ ଓ ଅସହ୍ୟ ତାତିରେ ମାନବ ସମାଜ ଠାରୁ ଆରମ୍ଭ କରି ପ୍ରତ୍ୟେକ ଜୀବଜନ୍ତୁ, ପଶୁପକ୍ଷୀ ଏପରିକି ବୃକ୍ଷଲତା ଇତ୍ୟାଦି ଜୀବନ ବଞ୍ଚାଇବା ପାଇଁ ହାହାକାର ହୋଇପଡ଼ିଥିବା ନଜରକୁ ଆସିଛି । ଏପରି ପରିସ୍ଥିତିରେ ଅଘୋଷିତ ବିଜୁଳି କାଟ୍ ଯୋଗୁଁ ସାଧାରଣ ଜନତାଙ୍କ ଉପରେ 'ବେଢ଼ି ଉପରେ କୋରଡ଼ା ମାଡ଼' ସଦୃଶ ଦଣ୍ଡ ଦିଆଯାଉଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ, ପ୍ରାୟ ବର୍ଷ ତମାମ ବିଜୁଳି ବିଭାଗ ଦ୍ୱାରା ଅଘୋଷିତ ବିଜୁଳି କାଟ୍ ଚାଲିଛି । ଏବେ ବିଗତ ମାସେ ହେଲା ପ୍ରତ୍ୟେକ ଦିନ ଚାରି ପାଞ୍ଚ ଘଣ୍ଟା ଅଘୋଷିତ ଭାବେ ବିଜୁଳି କଟୁଛି । କିନ୍ତୁ ଦୁଃଖ ଓ ବିଡ଼ମ୍ବନା ଏହା ଯେ, ବର୍ତ୍ତମାନ ଅସହ୍ୟ ତାତି ସହିତ ଅସମ୍ଭାଳ ଗରମ ଯୋଗୁ ଧନଜୀବନ ନଷ୍ଟ ହେବାକୁ ବସିଥିବା ବେଳେ ଗତ ପାଞ୍ଚଦିନ ହେଲା ଠିକ୍ ଦିନ ସାଢ଼େ ଗୋଟେ ଉଦୁଉଦିଆ ଖରା ସମୟରୁ ଅପରାହ୍ନ ଛଅଟା ଯାଏ କଣ୍ଟିଲୋରେ ବିଜୁଳି ସରବରାହ ବନ୍ଦକରି ଦେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାଳ ବୈଶାଖୀ ବର୍ଷ ନାଁରେ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ ହେଉଛି । ପ୍ରଶ୍ନ ଉଠୁଛି, ଯଦି ନୟାଗଡ଼ ଖଣ୍ଡପଡ଼ା ପଟୁ ବ୍ରେକ ଡାଉନ୍ ହେଲା ତେବେ ଗଣିଆ ପଟୁ ବିଜୁଳି ଯୋଗାଇଦେବା ପରିବର୍ତ୍ତେ ପ୍ରତିଦିନ ଖରା ବେଳେ ଦ୍ୱିପ୍ରହର ସମୟେ ଚାରି ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ବିଜୁଳି ଯୋଗାଣ ବନ୍ଦ କରିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ବର୍ତ୍ତମାନ ରାଜ୍ୟ ସରକାର ରାଜ୍ୟରେ ବିଜୁଳି କାଟ ନାହିଁ ବୋଲି ପିଟୁଥିବା ଡିଣ୍ଡିମ ସବୁ ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ ହେଉଛି । ଏହି ସମସ୍ୟାର ଆଶୁ ସମାଧାନ ପାଇଁ ବିଜୁଳି ବିଭାଗ ଅଧିକାରୀମାନେ ଯଦି ତତ୍ପର ନ ହେବେ, ତେବେ କିଛି ଯୁବ ଗୋଷ୍ଠୀ ଆଇନକୁ ହାତକୁ ନେବାକୁ ଚେତାବନୀ ଶୁଣାଇବା ସହିତ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି ।

## ସାହିତ୍ୟିକ ସୁରେନ୍ଦ୍ର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିପାଟଣା,୨୪।୪/ଏନ୍ଏନ୍ଏସ୍:** ଗ୍ରାମ୍ୟ ଜୀବନର ପ୍ରତିଛବି ରୂପାୟିତ ହେଉଥିଲା ସାହିତ୍ୟିକ ସୁରେନ୍ଦ୍ର ନାଥ ଦାଶଙ୍କ ଲିଖିତ ରଚନାମାନଙ୍କରେ । ସାରା ଜୀବନ ସାହିତ୍ୟ ସାଧନା କରୁ କରୁ ସେ ଅଟକି ଯାଇଥିଲେ ଆଜିର ଦିନରେ । ଆଜି ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ତାଙ୍କୁ ଏକ ସାହିତ୍ୟିକ ସମାବେଶରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଲେଖକ କାର୍ତ୍ତିକ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ନାଟ୍ୟକାର ମୁରଲୀଧର ସାହୁ, କବି ଭଗବାନ ସାହୁ, ଅଭିମନ୍ୟୁ ନାୟକ, ଅଧ୍ୟାପକ ଭବାନୀ ଶଙ୍କର ଦାଶ, ସାମ୍ବାଦିକ ଦିଲ୍ଲୀପ ଓଝା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ କୃତିତ୍ୱ ସମ୍ପର୍କରେ ଆଲୋଚନା କରିଥଲେ । କାର୍ଯ୍ୟକ୍ରମରେ ସ୍ୱର୍ଗତ ଦାଶ ଙ୍କର ଧର୍ମପତ୍ନୀ ଶୈଳବାଳା ଦାଶ, କନିଷ୍ଠ ଭ୍ରାତା ଦେବେନ୍ଦ୍ର ଦାଶ, ଜନବିଦ୍ୟାମନ୍ଦିର ର ପ୍ରଧାନ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ବରିହା, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ସୁଷମା ମହାନ୍ତି, ପ୍ରମିଳା ପତି,ଲକ୍ଷ୍ମୀଧର ରଥ, ସରପଞ୍ଚ ବାହାନ ଭୋଇ ପ୍ରମୁଖ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ପୁତ୍ର ଚିତ୍ତରଞ୍ଜନ, ଜ୍ଞାନରଞ୍ଜନ, ରଶ୍ମିରଞ୍ଜନ, କନ୍ୟା ଜ୍ୟୋସ୍ନାରାଣୀ, ନାତି ଦିବ୍ୟାଂଶୁ, ସମ୍ବିତ, ନାତୁଣୀ ଆଦ୍ୟାଶା ପ୍ରମୁଖ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଅବସରରେ ଓଡ଼ିଆ ସାହିତ୍ୟରେ ଆଗ୍ରହ ରଖିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଅର୍ଥ ରାଶି ଦେଇ ସମ୍ମାନିତ କରାଯାଇଥିଲା । ଶକ୍ତିପ୍ରଶାଦ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସାଂସଦ, ମନ୍ତ୍ରୀ ଓ ବିଧାୟକଙ୍କୁ ସ୍ୱାଗତ ଜଣାଇଲେ ଅଞ୍ଚଳବାସୀ



**ଖଣ୍ଡପଡ଼ା,୨୪।୪/ଏନ୍ଏନ୍ଏସ୍:** କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ ସ୍ୱାଇଁଙ୍କ ଗହଣରେ ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅପରାହ୍ନରେ ପହଞ୍ଚିବା ପରେ ବ୍ଲକ୍ କର୍ତ୍ତୃପକ୍ଷ ସାଂସଦ, ମନ୍ତ୍ରୀ ଓ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ବ୍ଲକ୍ ପରିସରରେ ସାଂସଦ, ମନ୍ତ୍ରୀ ଓ ବିଧାୟକ କଣ୍ଟିଲୋ ଅଭିମୁଖେ ଯାତ୍ରା କରିବା ବେଳେ ଖଳିସାହି ଗ୍ରାମଠାରେ ପଞ୍ଚାୟତବାସୀ ସାଂସଦ, ମନ୍ତ୍ରୀ ଓ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ବରିଷ୍ଠ ପ୍ରାଧ୍ୟାପକଙ୍କ ବିୟୋଗରେ ଶୋକ



**ନୟାଗଡ଼,୨୪।୪/ଏନ୍ଏନ୍ଏସ୍:** ଶିକ୍ଷାବିତ ତଥା ପରମାନନ୍ଦ ମହାବିଦ୍ୟାଳୟ, ବୋଲଗଡ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ରଜନୀକାନ୍ତ ମିଶ୍ର(୬୯)ଙ୍କ ବିୟୋଗରେ ଶୋକପ୍ରକାଶ ପାଇଛି । ସେ କିଛିଦିନ ଧରି ବାଙ୍ଗାଲୋରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ସଦାସର୍ବଦା ଈଶ୍ୱରଙ୍କ ଉପରେ ଆସ୍ଥା ରଖୁଥିବା ସ୍ୱର୍ଗତ ମିଶ୍ର ଅତ୍ୟନ୍ତ ଛାତ୍ରବତ୍ସଳ ଓ ସମସ୍ତଙ୍କ ପାଖରେ ଅତ୍ୟନ୍ତ ପ୍ରିୟଭାଜନ ଥିଲେ । ତାଙ୍କର ଶିକ୍ଷାଦାନ ପଦ୍ଧତି ଛାତ୍ରଛାତ୍ରୀ ମାନଙ୍କୁ ମେଧାବୀ କରିବା ସାଙ୍ଗକୁ ନୈତିକ ଶିକ୍ଷା ପ୍ରଦାନକରି ଭଲ ମଣିଷ ହେବାପାଇଁ ଉପଦେଶ ପ୍ରଦାନ କରୁଥିଲେ । ଅନେକ ଜ୍ଞାନର ଅଧିକାରୀ ହୋଇଥିଲେ ମଧ୍ୟ ମନରେ ତାଙ୍କର ସାମାନ୍ୟତମ ଗର୍ବ ଓ ଅହଙ୍କାର ନଥିଲା । ଅନେକ ଶିକ୍ଷା ଅନୁଷ୍ଠାନର ପରିଚାଳନା ଦାୟିତ୍ୱ ହାତକୁ ନେଇ ସେଗୁଡିକୁ ସଠିକ ଢଙ୍ଗରେ ଗଢିତୋଳିଥିଲେ ସ୍ୱର୍ଗତ ମିଶ୍ର । ତାଙ୍କ ବିୟୋଗରେ ଅନେକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାନୁଷ୍ଠାନରେ ଶୋକର ଲହରୀ ଖେଳିଯାଇଛି ।

## ଡ୍ରେନ୍ ପାଣି ଯୋଗୁ କୁସୁମୀ ନଦୀ ଜଳ ଦୂଷିତ ଅଭିଯୋଗ



**ଖଣ୍ଡପଡ଼ା,୨୪।୪/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ସହର ପାର୍ଶ୍ୱଦେଇ ପ୍ରବାହିତ ହେଉଛି କୁସୁମୀ ନଦୀ । ଏକଦା କୁସୁମୀ ନଦୀର ଜଳରେ ସହରବାସୀ ଦୈନିକ ସ୍ନାନ ଆଦି କରିବା ସହ ଏହାର ପାଣିକୁ ବ୍ୟବହାର କରୁଥିଲେ । କୁସୁମୀ ନଦୀର ସ୍ୱଚ୍ଛ ଜଳରାଶି ନଦୀ ତଟବର୍ତ୍ତୀ ଗ୍ରାମର ବାସିନ୍ଦାଙ୍କ ତୃଷା ମେଣ୍ଟାଉଥିଲା । ମାତ୍ର ଏବେ ସମୟ ବଦଳି ଯାଇଛି । ଡ୍ରେନ ଯୋଗେ ଖଣ୍ଡପଡା ସହରାଞ୍ଚଳର ଆବର୍ଜନା ପାଣି କୁସୁମୀ ନଦୀରେ ମିଶୁଛି । ଫଳରେ ନଦୀର ଜଳ ଦୂଷିତ ହେବାରେ ଲାଗିଛି । ନଦୀର ଦୂଷିତ ଜଳରେ ସହରବାସୀ ସ୍ନାନ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି ।

ସହରାଞ୍ଚଳର ଡ୍ରେନେଜ ପାଣି କୁସୁମୀ ନଦୀକୁ ନଛାଡିବା ପାଇଁ ୮ ଓ ୯ ନଂ ୱାର୍ଡ ବାସିନ୍ଦା ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡ଼ିଛି । ଡ୍ରେନେଜ ପାଣି ଯୋଗୁଁ ନଦୀର ଜଳ ଦୂଷିତ ହେଉଥିବାରୁ ପରିବେଶବିତ୍‌ମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୁସୁମୀ ନଦୀକୁ ଡ୍ରେନପାଣି ନ ଛାଡ଼ିବା ନିମନ୍ତେ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି । ଖଣ୍ଡପଡ଼ା ଏନ୍ଏସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସହରବାସୀ ଦାବି କରିଛନ୍ତି ।

# କାମରେ ଆସୁନି ଶିଶୁ ଉଦ୍ୟାନ ପାର୍କ




**ଓଡ଼ଗାଁ,୨୪।୪/ଏନ୍ଏନ୍ଏସ୍:** ଶରଣକୁଳ ଶିଶୁ ଉଦ୍ୟାନ ପାର୍କ ନିର୍ମାଣ ପାଇଁ ଯୋଜନା କାର୍ଯ୍ୟକାରୀ ହେଲା ।ବନବିଭାଗ ୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବାବେଳେ ଏହାର ରକ୍ଷଣାବେକ୍ଷଣକୁ ନେଇ ଦ୍ୱନ୍ଦ ଦେଖାଦେଇଛି । ସୂଚନା ଅନୁଯାୟୀ, ଝାଡେଶ୍ୱରୀ ମନ୍ଦିରକୁ ଲାଗି ଶିଶୁ ଉଦ୍ୟାନ ପାର୍କ ନିର୍ମାଣ ହୋଇଛି । ଏଥିରେ ଶିଶୁ ମାନଙ୍କ ପାଇଁ ଦୋଳି ଖେଳିବାର ସୁବିଧା ରହିଥିବାବେଳେ ଖସଡ଼ା,ବିଭିନ୍ନ ପ୍ରକାରର ସୋ ଗଛ ଲଗାଯାଇଛି ।ଏହାସହ ବନ ବିଭାଗ ପକ୍ଷରୁ ବିଭିନ୍ନ କୋଠା ନିର୍ମାଣ କରାଯାଇଛି । ସେଥିରେ ମହିଳା ଓ ପୁରୁଷ ଶୌଚାଳୟ ବି ରହିଛି । ପ୍ରତିଦିନ ବୃଦ୍ଧ,ବୃଦ୍ଧା ଜଙ୍ଗଲକୁ ଯିବା ଆସିବାପାଇଁ ଚଲା ରାସ୍ତା ନିର୍ମାଣ କରାଯାଇଛି ଏବଂ ଏହା ଭିତରକୁ ବିନା ଅନୁମତିରେ ପ୍ରବେଶ କରିବା ଉପରେ ବନବିଭାଗ କଟକଣା ଜାରୀ କରିଛି । କିନ୍ତୁ ଏସବୁ ଯୋଜନା ଏବେ ଚୁଲିକୁ ଯିବାକୁ ବସିଲାଣି । ନା ବୟସ୍କମାନେ ଚଲା ରାସ୍ତାରେ ଯିବା ଆସିବା କରୁଛନ୍ତି ନା ଟିକେଟ କାଉଣ୍ଟରରେ ଟିକେଟ ବିକ୍ରି ହେଉଛି । ପାର୍କ ନିର୍ମାଣ କରିବା ଆଳରେ ସବୁ ଅର୍ଥକୁ ଆତ୍ମସାତ କରି ନିଆଯାଇ ଥିବା ଅଭିଯୋଗ ହୋଇଛି । ବଡ଼ କଥା ହେଉଛି ବନାଞ୍ଚଳ କାର୍ଯ୍ୟାଳୟ ନିକଟରେ ଏଭଳି ଚିତ୍ର ସମସ୍ତ ପରିବେଶବିତଙ୍କୁ ବ୍ୟଥିତ କରିଛି । ଏହି ଶିଶୁ ଉଦ୍ୟାନ ଓ ପାର୍କ ନିର୍ମାଣ ଶେଷ ହୋଇଥିଲେ ମଧ ଏସବୁର ତଦାରଖ ଅଭାବରୁ ଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି ।ଏହି ଘଟଣାରେ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଝାଡେଶ୍ୱରି ମନ୍ଦିର କମିଟିକୁ ଦାୟିତ୍ୱ ଦିଆଯାଇଥିବା କହି ମୁଣ୍ଡରୁ ଦୋଷ ଖସାଇବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି ।

## କଲେଜ ଅଧ୍ୟାପକଙ୍କ ସ୍ମୃତିସଭା

**ଫୁଲନଖରା,୨୪।୪/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ଅଧ୍ୟାପକ ବିଜୟ କୁମାର ସାହୁଙ୍କ ବିୟୋଗରେ ଏକ ସ୍ମୃତିସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା । ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟର ବଂଶୀଧର ଦାଶ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମନୋରଂଜନ ମହାନ୍ତି, ଗିରିଧାରୀ ସାହୁ, ଅନିଲ ସାହୁ, ଗୁଣାକର ମଲିକ, ହିତାଂଶୁ ଦାସ, ଉପେନ୍ଦ୍ରନାଥ ବିଶ୍ୱାଳ, ଗୌରାଙ୍ଗଚରଣ ନାଥ, କଲ୍ୟାଣ ମହାନ୍ତି, ଉମାକାନ୍ତ ପୃଷ୍ଟି, ଅଧ୍ୟାପିକା ସ୍ନିଗ୍ଧା ମିତ୍ର, ପ୍ରତୀକ୍ଷା ସାହୁ, ସ୍ନିଗ୍ଧାଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା ।

### ଅକ୍ଷୟ ତୃତୀୟା ଆଉ ମାତ୍ର ପାଞ୍ଚଦିନ

# ଅଚିନ୍ତାରେ କଣ୍ଟିଲୋ ଦେବୋତ୍ତର ବିଭାଗ

**କଣ୍ଟିଲୋ,୨୪।୪/ଏନ୍ଏନ୍ଏସ୍:** ଚଳିତବର୍ଷ ଅକ୍ଷୟ ତୃତୀୟ ପର୍ବ ପାଳନ ପାଇଁ ଆଉ ମଝିରେ ରହିଲା ମାତ୍ର ପାଞ୍ଚଦିନ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରତ୍ୟେକ ନୀତିକାନ୍ତି ଭଳି ମହାପ୍ରଭୁଙ୍କ ଆଦି ପୀଠ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋରେ ଠିକ୍ ସମ୍ମାନ ଢଙ୍ଗରେ ପାଳନ ହେଉଥିବା ବହୁ ନଜିର ଅଛି। ତେଣୁ ଅକ୍ଷୟ ତୃତୀୟ ଠାରୁ ଶ୍ରୀ ଜିଉ ଙ୍କ ଚନ୍ଦନ ଚାପ ଆରମ୍ଭ ହୋଇ ଥାଏ। କିନ୍ତୁ ଦୁଃଖ ଓ ଦୁର୍ଭାଗ୍ୟ ଯେ, ଏ ଅଞ୍ଚଳର ହେଉ କିମ୍ବା ସର୍ବସାଧାରଣ ଜନତାଙ୍କ ହେଉ କିମ୍ବା ଶ୍ରୀଜିଉଙ୍କର ହେଉ, ଆଜି ସୁଦ୍ଧା ଦେବୋତ୍ତର ବିଭାଗ ପକ୍ଷରୁ କୌଣସି ପ୍ରସ୍ତୁତି ବୈଠକ ହେଲା ନାହିଁ। ଯାହାଁଙ୍କ ନିର୍ଦ୍ଦେଶ କିମ୍ବା ବିନା ଇଚ୍ଛାରେ କୌଣସି ଗଛପତ୍ର ହଲେ ନାହିଁ କିମ୍ବା ପ୍ରାଣୀଜଗତ ଚଳପ୍ରଚଳ କରିପାରେ ନାହିଁ, ତାଙ୍କ ଚନ୍ଦନ ଚାପ ପର୍ବ ପାଳନ ପାଇଁ ଦେବୋତ୍ତର ବିଭାଗ ଆଜି ପର୍ଯ୍ୟନ୍ତ କାହିଁକି ନିରବ ରହିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ସମ୍ପର୍କେ ଦୀର୍ଘ ୨୦ଦିନ ପୂର୍ବରୁ ଦୈନିକ 'ନିତିଦିନ'ରେ ଖବର ପ୍ରଚାରିତ ହୋଇଥିଲେ ମଧ୍ୟ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଏହାକୁ ଗୁରୁତ୍ୱ ନଦେଇ ଅଚିନ୍ତା ନିଦରେ ଶୋଇ ଯାଇଥିବା ଅଭିଯୋଗ ହେଉଛି।



# ଓକିଲ ସଂଘ ପକ୍ଷରୁ ପହଲ୍‌ଗାମ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



**ବାଣପୁର,୨୪।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ଓକିଲ ସଂଘ ପକ୍ଷରୁ ଜାମ୍ମୁ କାଶ୍ମୀରର ପହଲଗାମଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶୋକପ୍ରସ୍ତାବ ଗ୍ରହଣ କରାଯିବା ସହିତ ଏହି ଘଟଣାର ସଂପୃକ୍ତ ଦେଶ, ସଂଗଠନ ଓ ଉଗ୍ରପନ୍ଥୀ ସଂଗଠନ ଥିବା ଆତଙ୍କବାଦୀଙ୍କ ବିରୁଦ୍ଧରେ ଦୃଢ଼ରୁ ଦୃଢ଼ତର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହି ଘଟଣା ଭାରତର ପ୍ରତ୍ୟେକ ନାଗରିକଙ୍କ ଉପରେ ଏକ ଗଭୀର ଆଘାତ ସୃଷ୍ଟି କରିବା ସହିତ ସମସ୍ତଙ୍କୁ ମର୍ମାହତ କରିଛି। ଆତଙ୍କବାଦୀ ଓ ତାଙ୍କ ସହଯୋଗୀଙ୍କର ଏଭଳି ଅମାନୁଷିକ ଓ ବର୍ବରଚିତ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ପ୍ରତିହିତ କରିବାପାଇଁ ଭାରତ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛି ସଂଘ। ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ପାଇଁ ପ୍ରାର୍ଥନା କରାଯିବା ସହିତ ଏହି ଘଟଣାର କିଭଳି ପୁନରାବୃତ୍ତି ନ ଘଟିବ ସେଥିପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନିଆଯିବାର ଆବଶ୍ୟକତାକୁ ବାଣପୁର ଓକିଲ ସଂଘ ଉପଲବ୍ଧି କରିଛି। ଆଜିର ଏହି ସଭା ଓକିଲ ସଂଘ ସଂପାଦକ ଜଗଦୀଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ଏହି ସଭାରେ ସଂଘ ଉପସଭାପତି ପଦ୍ମଜା ପଟ୍ଟ ନାୟକ, ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ବେଦମଣ୍ଡା, କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ କୁମାର ମହାପାତ୍ର, ଭି. କାମେଶ୍ୱର ଆଚାରୀ, ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର, ଜଳଧର ପ୍ରଧାନ, ସନ୍ଦୀପ କୁମାର ମହାପାତ୍ର, ବିନୋଦ ସ୍ୱାଇଁ, ଦେବବ୍ରତ ବଡ଼ଜେନା, ପ୍ରଦୀପ୍ତ ପ୍ରଧାନ, ପ୍ରଦୀପ ସ୍ୱାଇଁ, ଶାନ୍ତନୁ ମହାପାତ୍ର, ସୁଦର୍ଶନ ଜାଲି, ସୀତାରାମ ଅଗ୍ରୱାଲ, ଅନିଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ନୟାଗଡ଼ରେ ସମୂହ ଦୀପଦାନ, ଶ୍ରଦ୍ଧାଞ୍ଜଳି ଅର୍ପଣ



**ନୟାଗଡ଼,୨୪।୪/ଏନ୍ଏନ୍ଏସ୍:** କାଶ୍ମୀରର ପହେଲେଗାଓ ଠାରେ ଆତଙ୍କବାଦୀ ମାନଙ୍କ ଦ୍ୱାରା ଅତ୍ୟନ୍ତ ବର୍ବୋରଚିତ ତଥା ହୃଦୟ ବିଦାରକ ନରସଂହାର ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ। ନାମ ଏବଂ ଧର୍ମ ପଚାରି ଯେପରି ୨୭ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲା ତାହାଠାରୁ ଘୃଣ୍ୟ କାର୍ଯ୍ୟ ଆଉ କ'ଣ ଥାଇପାରେ। ଏହି ଘୃଣ୍ୟ କାର୍ଯ୍ୟର ଦୃଢ଼ ନିନ୍ଦା ଏବଂ ପ୍ରତିବାଦ ତଥା ଦିବଂଗତ ଆତ୍ମାମାନଙ୍କର ସଦଗତି ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ପୁରୁଣା ସହର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସାମନାରେ ଆଜି ସନ୍ଧ୍ୟା ୭ଟା ସମୟରେ ଦୀପଦାନ ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ସାହୁ, ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ମାନସ ରଞ୍ଜନ ଶତପଥୀ, ଅଧ୍ୟାପକ ଡ. ଦିଲ୍ଲୀପ କୁମାର ମିଶ୍ର, ସାହିତ୍ୟିକ ଡ. ନିର୍ମଳ ଚନ୍ଦ୍ର ଶୁରଦେଓ, ହସ୍ୟାଭିନେତା ରବୀନ୍ଦ୍ର ରାଉତ, ଶିକ୍ଷକ ପ୍ରଶାନ୍ତ ପଟ୍ଟନାୟକ, ପ୍ରଦୀପ୍ତ ଡାକୁଆ, କୈଳାସ ଚନ୍ଦ୍ର ରଥ, ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯୁବ ଆଇନଜୀବୀଙ୍କ ଅକାଳ ବିୟୋଗ



**ଫୁଲନଖରା,୨୪।୪/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ୫୬ନମ୍ବର ଓ୍ୱାର୍ଡ଼ ଅନ୍ତର୍ଗତ କାଜିପାଟଣା ଅଞ୍ଚଳର ଯୁବ ଆଇନଜୀବୀ ସୁଶିଲକୁମାର ସ୍ୱାଇଁ (ବାଟୁଆ)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୫ ବର୍ଷ ବୟସ ହୋଇଥିଲା। ସେ କଂଗ୍ରେସ ଦଳରୁ କର୍ପୋରେଟର ପ୍ରାର୍ଥୀ ହୋଇ ଖୁବ ଅଳ୍ପ ଭୋଟ ବ୍ୟବଧାନରେ ହାରିଯାଇଥିଲେ। ବର୍ତ୍ତମାନ କଟକ ସଦର ଥାନା ଆଞ୍ଚଳିକ ଶାନ୍ତି କମିଟିର ଜଣେ ସକ୍ରିୟ ସଦସ୍ୟଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ଏହି ଖବର ପାଇ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ପ୍ରମୋଦକୁମାର ସ୍ୱାଇଁ, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ବାଦଲକୁମାର ଜେନା, ଅନିଲ ବେଉରା, ଦେବୀପ୍ରସନ୍ନ ସ୍ୱାଇଁ, ପ୍ରାକ୍ତନ କର୍ପୋରେଟର ସଂଜୟ ବରାଳ, କଂଗ୍ରେସ ଓ୍ୱାର୍ଡ଼ ସଭାପତି ସାଗର ବେଉରା, ପ୍ରାକ୍ତନ କର୍ପୋରେଟର ପ୍ରମୋଦ ମହାପାତ୍ର, ସୁଶାନ୍ତ ମହାନ୍ତି, ଅବସରପ୍ରାପ୍ତ ବିଡ଼ିଓ ବିଶ୍ୱନାଥ ବେଉରା, ପ୍ରାକ୍ତନ ସରପଞ୍ଚ ବଂଶୀଧର ବେହେରା, ସାମ୍ବାଦିକ ଗଜେନ୍ଦ୍ରନାଥ ଦାସ, ଆରାଧ୍ୟା ଚାରିଟେବଲ ଟ୍ରଷ୍ଟ ଅଧ୍ୟକ୍ଷ ଅଜୟକୁମାର ପାତ୍ର, କଟକ ସଦର ପ୍ରେସ କ୍ଲବ ସମ୍ପାଦକ ପ୍ରତାପକେଶରୀ ପାତ୍ର, ପ୍ରମୁଖ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର ହୋଇଥିଲା। ତାଙ୍କର ବିଧବା ପତ୍ନୀ ଓ ଦୁଇ ଶିଶୁ କନ୍ୟା ଅଛନ୍ତି। ବାଟୁଆଙ୍କ ଅକାଳ ବିୟୋଗରେ ସମ୍ପୃକ୍ତ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ରତନପୁର ନାବାଳକ ହତ୍ୟା ଘଟଣା

# ୪୬ଙ୍କ ନାମରେ ରାସ୍ତାରୋକ ମାମଲା ରୁଜୁ

**ଡେଲାଙ୍ଗ,୨୪।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ଥାନାର ରତନପୁର ଗ୍ରାମର ୧୧ବର୍ଷର ନାବାଳକ ଆଶୀର୍ବାଦ ସାହୁଙ୍କ ଟେର୍ ପାଇବାରେ ପୁଲିସର ବିଳମ୍ବକୁ ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧକରି ପ୍ରଶାସନ ଉପରେ ଚାପ ପକାଇଥିଲେ। ଏହି ରାସ୍ତା ଅବରୋଧରେ ସାମିଲ ହୋଇଥିବା ୪୬ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁକରିଥିବା ଜଣାପଡ଼ିଛି। ଏହି ମାମଲାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀମାନେ ନାପସନ୍ଦ କରିଥିବା ବେଳେ ତୁରନ୍ତ ଏହି ମାମଲା ପ୍ରତ୍ୟାହାର କରିବା ପାଇଁ ଦାବିକରିଛନ୍ତି। ନାବାଳକର ଅପହରଣ ଓ ପରେ ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା ବେଳେ ଏହି ଘଟଣାରେ ଡେଲାଙ୍ଗ ପୁଲିସର ଅବହେଳା ଓ ଖାମଖିଆଲି ମନମୁଖି କାର୍ଯ୍ୟକୁ ନେଇ ଘଟଣାର ୬ଦିନ ପରେ ନାବାଳକର ମୃତଦେହ ପୁଲିସ ଅଭିଯୁକ୍ତର ପଡ଼ିଶାଘର ପାଇଖାନା ଟାଙ୍କିରୁ ଉଦ୍ଧାର କରିଥିଲା। ନିଖୋଜ ନାବାଳକର ଟେର୍ ପାଇବାରେ ପୁଲିସର ବିଳମ୍ବ ହେବାରୁ ୬ଦିନ ପରେ ତଥା ୨୦ ତାରିଖରେ ଲୋକେ ରାସ୍ତା ଅବରୋଧ କରି କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲେ। ରାସ୍ତାରୋକ ହୋଇଥିବା ଦିନ ମଧ୍ୟରାତ୍ରରେ ନାବାଳକର ଗଳିତ ମୃତଦେହ ପୁଲିସ ଉଦ୍ଧାର କରିବାରେ ସଫଳ ହୋଇଥିଲା।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଡେଲାଙ୍ଗ,୨୪।୪/ଏନ୍ଏନ୍ଏସ୍:** ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ସମାବେଶ ପ୍ରଧାନ ଶିକ୍ଷକ ଅଭୟଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରୀ ଶତୃଘ୍ନ ବେହେରା, ପ୍ରାକ୍ତନ ନିର୍ଦ୍ଦେଶକ ସୂଚନା, ଜନସମ୍ପର୍କ ଓ ସଂସ୍କୃତି ବିଭାଗର ମାନସରଞ୍ଜନ ମହାପାତ୍ର, ଶିକ୍ଷାବିତ୍ ଶୈଳବାଳା ମହାପାତ୍ର, ସତ୍ୟବାଦୀ ଦାଶ, ରାମଚନ୍ଦ୍ର ଦାଶ, ସାକ୍ଷୀଗୋପାଳ ମହାବିଦ୍ୟାଳୟର ଅଧ୍ୟାପିକା ସ୍ୱର୍ଣ୍ଣଲତା ମାହାରୀ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଯୁଧିଷ୍ଠିର ପରିଡା, ଚିତ୍ତରଞ୍ଜନ ସ୍ୱାଇଁ, ମଣ୍ଡଳ ସହଶିକ୍ଷାଧିକାରୀ ସୁଷମା ଦାଶ, ସଂଯୁକ୍ତା କୁମାରୀ ମିଶ୍ର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଲୋକନାଥ ପ୍ରଧାନ, ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବାର୍ଷିକ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ କୋମଳମତି ଶିଶୁମାନଙ୍କର ଅଭିଭାବକ ତଥା ପିତାମାତା ହେଉଛନ୍ତି ପ୍ରଥମ ଗୁରୁ। ପ୍ରତ୍ୟେକ ନିଜର ପିଲାମାନଙ୍କୁ ଭଲମଣିଷ କରିବା ପାଇଁ ସଠିକ୍ ପ୍ରାଥମିକ ଶିକ୍ଷା ଦେବା ଆବଶ୍ୟକ ଉଚିତ୍ ପ୍ରାଥମିକ ଶିକ୍ଷା ପିଲାଟିର ଭବିଷ୍ୟତ ଉଜ୍ଜଳ କରିବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ଧିରେନ୍ଦ୍ର ସେନାପତି, ପ୍ରସନ୍ନ ତ୍ରିପାଠୀ, ଶିକ୍ଷାବିତ୍ ଦିବାକର ବିଶ୍ୱାଳଙ୍କୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ମେଧାବୀ ଛାତ୍ରଛାତ୍ରୀ ଅମ୍ଲାନ ସୁବୁଦ୍ଧି, ଇପ୍ସିତା ବେହେରା, ଆତ୍ମଜିତ ବେହେରା ଓ ବିଦ୍ୟାଳୟର ଚାମ୍ପିଅନ୍ ଛାତ୍ରୀ ସମ୍ରନ୍ ଆସିତ୍‌ଙ୍କୁ ଆଶିଷ ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଫକିରଚରଣ ଦାସ ସଭା ସଂଯୋଜନା କରିଥିବା ବେଳେ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳା ଗବେଷଣା ଓ ପ୍ରଶିକ୍ଷଣ ପକ୍ଷରୁ ସମ୍ବର୍ଦ୍ଧନା

**କୁଆଁପାଳ,୨୪।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମର ଚୌଧୁରୀ ତାରେଣୀ ପ୍ରହରାଜଙ୍କୁ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପକ୍ଷରୁ ସମାଜସେବକ ଭାବେ କଳାବିକାଶ କେନ୍ଦ୍ର କଟକ ପରିସରରେ ରୌପ୍ୟ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ପ୍ରଶାନ୍ତ କୁମାର କର ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ଜଷ୍ଟିସ ଏ.ଏସ୍. ନାଇଡୁ, ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ, ସଂସଦ ବିଭୁ ପ୍ରସାଦ ତରାଇ, ଅଭିନେତା ଶ୍ରୀତମ୍ ଦାସ, ବିଜେପି ବରିଷ୍ଠ ନେତା ଗୋଲଖ ମହାପାତ୍ର, ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାହାଙ୍ଗା ଅଞ୍ଚଳର ଯୁବ ସମାଜସେବକ ଭାବେ ଚୌଧୁରୀ ତାରେଣୀ ପ୍ରହରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ତାଙ୍କୁ ସ୍ୱାଗତ କରାଯାଇଛି।

# ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର

**ପୁରୀ,୨୪।୪/ଏନ୍ଏନ୍ଏସ୍:** ବିଶ୍ୱ ପୁସ୍ତକ ଦିବସ ଅବସରରେ ପ୍ରିୟପାତ୍ର, ସବିତା ସ୍ମୃତି ସାହିତ୍ୟ ସଂସଦ, ସିଦ୍ଧାର୍ଥ ସାହିତ୍ୟ ସଂସଦ ଏବଂ ଦିବ୍ୟଦର୍ଶନର ମିଳିତ ଆୟୋଜନରେ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଥିଲା। ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଭାସୀ ଆଲୋଚନାଚକ୍ରରେ ଗାଳ୍ପିକ ବିରଜା ମହାପାତ୍ର, ଜାନକୀ ବଲ୍ଲଭ ଦାଶ, ଲକ୍ଷ୍ମୀପ୍ରିୟା ଦାଶ, ଅକ୍ଷୟ ସରାଫ୍, ସ୍ୱାଗତିନୀ ମହାପାତ୍ର, ସୁମିତା ବେହେରା (ବାପି), ବିଜୟଲକ୍ଷ୍ମୀ ଆଚାର୍ଯ୍ୟ, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ, ପ୍ରେମଲତା ନିଆଲ ପ୍ରମୁଖ ଅଂଶଗ୍ରହଣ କରି ନିଜର ପିଲାଦିନ ଆଉ ତହିଁରେ ବହିର ସ୍ଥାନ କଥା କହିଥିଲେ। ପିଲାଦିନେ ପାଠାଗାରର ଭୂମିକା ବର୍ଣ୍ଣନା କରିବା ସହିତ ବହି ଜୀବନକୁ ଶୃଙ୍ଖଳିତ କରାଏ। ବହି ନଥିବା ଘର ଘର ନୁହେଁ। ବିଦ୍ୟାଳୟରେ ପାଠାଗାର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଥିବା ପ୍ରକାଶ କରିଥିଲେ। ବହି ଠାରୁ ଭଲ ବନ୍ଧୁ କେହିନାହାନ୍ତି ବୋଲି ମତପ୍ରକାଶ ପାଇଥିଲା। ଏ ପ୍ରସଙ୍ଗରେ ବିବାହ ଉତ୍ସବାଦିରେ ବହି ଉପହାର ଦେବା ଅଭ୍ୟାସ କରିବା କଥା କହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଭିନବ ପଟ୍ଟନାୟକ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଲକ୍ଷ୍ମୀପ୍ରିୟା ଦାଶ।

**AFFIDAVIT**

By virtue of an affidavit sworn before the Executive Magistrate, Kanas. I, Smt. Soma Diabagh, aged about 51 years, W/o- Bidyadhar Diabagh, Vill - Sahupada, Po- Bhatapada, Ps-Gadisagoda, Dist-Puri, Odisha do hereby declare that my written name is Soma Diabagh which has been mentioned in Voter identity card but my Aadhar card name is Somu Dianbagha. That **Soma Diabagh & Somu Dianbagha** is same and one person for all purposes.

**AFFIDAVIT**

By virtue of an affidavit sworn before the court of Executive Magistrate, Jagatsinghpur on dated 25.03.2025, I Deepak Das S/O- Babaji Das resident of Village- Taradapada (Bhoisahi), PO- Taradapada, P.S./Dist-Jagatsinghpur, Odisha Pin-754103 declare that I have changed my name from Jagannath Das to Deepak Das. Henceforth I shall be known as Deepak Das for all purposes.

**Deepak Das**

**AFFIDAVIT**

By virtue of an affidavit sworn before Executive Magistrate, Baripada, dated- 24.04.2025, I, Nilamadhab Panigrahi, Address-, At-Bijayramchandrapur, Ward No-17, Po/Ps- Bhanjpur, Dist-Mayurbhanj, Pin- 757002, declare that I have changed my son's name from Prasanjit Panigrahi to Prasannajeet Panigrahi. Henceforth, he shall be known as Prasannajeet Panigrahi for all purposes.

**(Prasannajeet Panigrahi)**

# ଉତ୍କଳ ପବ୍ଲିକ ସ୍କୁଲ୍‌ର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ



**ଶରଣକୁଳ,୨୪।୪/ଏନ୍ଏନ୍ଏସ୍:** ଉତ୍କଳ ପବ୍ଲିକ ସ୍କୁଲ ଗୋଡିପଡାର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ସୋମବାର ସ୍କୁଲ ପରିସରରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ଶରତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିଉତ୍ସବରେ ବରିଷ୍ଠ ଶିକ୍ଷାବିତ ବେଦଜ୍ଞ କିଶୋର ଚନ୍ଦ୍ର କର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାପରିଷଦ ସଭାପତି ଶିକ୍ଷାବିତ ପ୍ରଶାନ୍ତ କୁମାର ଦାଶ, ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ସମିତିସଭ୍ୟ ବସନ୍ତ କୁମାର ମହାନ୍ତି, ହରିଡ଼ାବନ୍ଧ ସରପଞ୍ଚ ବେଣୁଧର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ 'ବାର୍ଷିକ ଉତ୍ସବ ଶିଶୁର ଶିକ୍ଷା ସହିତ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଓ ଶିଶୁକୁ ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବ 'ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ ସମ୍ପାଦିକା ତଥା ଅଧ୍ୟକ୍ଷା ରଞ୍ଜିତା ରାଣୀ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିବାସହିତ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଶ୍ୱେତ କୁମାର ମିଶ୍ର ଓ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନେ କଣ୍ଠ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଶ୍ରବଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ହରଷ ପ୍ରଧାନ, ଲକ୍ଷ୍ମୀ ନାୟକ, ସନ୍ଦୀପ କୁମାର ଗୁମାନସିଂ, ରାକେଶ ଦଳବେହେରା, ସରସ୍ୱତୀ ସାହୁ, ଗୀତାଞ୍ଜଳୀ ଦାସ, ମାମୁନି ପ୍ରଧାନ ଲକ୍ଷ୍ମୀପ୍ରିୟା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ମିଳୁନି ଆବାସ କାର୍ଯ୍ୟାଦେଶ, ଚିନ୍ତାରେ ହିତାଧିକାରୀ

**ନିଶ୍ଚିନ୍ତକୋଇଲି,୨୪।୪/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ୪୧ଗୋଟି ପଞ୍ଚାୟତରୁ ପାଖାପାଖି ୮ହଜାରରୁ ଊର୍ଦ୍ଧ୍ୱ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ହାତବାନ୍ଧି ବସିଛନ୍ତି। ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ କରି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ହିତାଧିକାରୀଙ୍କୁ ଗୃହ ପ୍ରଦାନ ନକରିବାରୁ ହିତାଧିକାରୀମାନେ ବ୍ଲକ ପ୍ରଶାସନକୁ ଚାହିଁ ବସିଛନ୍ତି କେବେ ମିଳିବ ସେମାନଙ୍କର ହିତାଧିକାରୀଙ୍କୁ ଗୃହ। ଏବେ ଖରା ଦିନରେ ଗୃହ ନିର୍ମାଣର କାର୍ଯ୍ୟାଦେଶ ନ ମିଳିବାରୁ ହିତାଧିକାରୀମାନେ ସେମାନଙ୍କର ଗୃହ ନିର୍ମାଣ ପାଇଁ ଆବଶକୀୟ ସାମଗ୍ରୀ କ୍ରୟ କରିପାରୁନାହାନ୍ତି। ଆଉ କେତେଟା ଦିନ ପରେ ବର୍ଷା ଦିନ ଆରମ୍ଭ ହୋଇଯିବ। ବର୍ଷା ଦିନରେ ଗୃହ ନିର୍ମାଣ ପାଇଁ ଉପକରଣ ସୁଚାରୁ ରୂପେ ନମିଳିବା ସହିତ ସେଗୁଡିକର ଦରଦାମ୍ ଆକାଶ ଛୁଆଁ ହେବ। ଯାହାଦ୍ୱାରା କି ହିତାଧିକାରୀମାନେ ଗୃହ ନିର୍ମାଣ କରିବା ପାଇଁ କଷ୍ଟକର ହେବା ସହିତ ଅଧିକ ଖର୍ଚ୍ଚାନ୍ତ ହୋଇ ସରକାରଙ୍କ ତରଫରୁ ମିଳୁଥିବା ପ୍ରୋତ୍ସାହନ ରାଶିକୁ ହରାଇ ବସିବେ। କେତେକ ହିତାଧିକାରୀଙ୍କୁ ସେମାନଙ୍କର କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ସେମାନ ଗୃହ କାର୍ଯ୍ୟ ଆରମ୍ଭ କରିଛନ୍ତି। ହେଲେ ଦ୍ୱିତୀୟ କିସ୍ତି ଅର୍ଥ ନ ମିଳିବାରୁ ସେମାନେ ହାତବାନ୍ଧି ବସିଛନ୍ତି। ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡି ଦୌଡି ସେମାନେ ନୟାନ୍ତ ହେଉଥିଲେ ବି ସେମାନଙ୍କର କଥା ଶୁଣାଯାଉନଥିବା ଜାଣିବାକୁ ମିଳିଛି। ସେହିପରି ବହୁ ପୂର୍ବରୁ କିଛି ହିତାଧିକାରୀ ସେମାନଙ୍କର ପ୍ରାପ୍ୟ ଅର୍ଥ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବାରୁ ହିତାଧିକାରୀଙ୍କ ଗୁହାରୀ କିଛି ଶୁଣୁନଥିବା ପ୍ରକାଶ କରିଛନ୍ତି।

**ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍**

ଆପ୍‌କି ଉମ୍ମିଦ୍ କା ଖାତା

(ଏକ ସୂଚୀବଦ୍ଧ ବାଣିଜ୍ୟିକ ବ୍ୟାଙ୍କ୍)

କୋନାଲ୍ ଅଫିସ: ୨ୟ ଫ୍ଲୋର, ୧୩୪ (ଏ), ପାଟଳିପୁତ୍ର କଲୋନୀ, ପଲିଟେକ୍‌ନିକ ଗେଟ୍ ସାମ୍ନା, ପାଟନା-୮୦୦୦୧୩
ପଞ୍ଜିକୃତ କାର୍ଯ୍ୟାଳୟ: ଉତ୍କର୍ଷ ଟାୱାର, ଏନ୍‌ଏଚ୍-୩୧ (ଏୟାରପୋର୍ଟ ରୋଡ୍), ସେହମଲପୁର, କାଜି ସରାଇ, ହରହୁଆ, ବାରାଣସୀ, ୟୁପି-୨୨୧ ୧୦୫

**ଅଧିକାର ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ପାଇଁ)**

ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନର୍ନିର୍ମାଣ ତଥା ସ୍ୱାର୍ଥ ସୁରକ୍ଷାକରିତ ପ୍ରବର୍ତ୍ତନ ଅଧିନିୟମ-୨୦୦୨ ଏବଂ ସିକ୍ୟୁରିଟି ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ର ନିୟମ ୩ ସହିତ ପଠିତ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀ ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ଆବେଦକ ବିରୁଦ୍ଧରେ ଏକ ଧାର୍ଯ୍ୟ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ। ଏଥିରେ ଋଣଗ୍ରହୀତାଙ୍କୁ ଉକ୍ତ ନୋଟିସ୍ ପ୍ରାପ୍ତ ହେବାର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ରାଶି ଫେରସ୍ତ କରିବାକୁ ଆହ୍ୱାନ କରାଯାଇଥିଲା। କିନ୍ତୁ ଏହି ସମୟ ସୁଦ୍ଧା ଋଣରାଶି ପରିଶୋଧ କରିବାରେ ବିଫଳ ହେବାରୁ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ୍ କର୍ତ୍ତୃପକ୍ଷ ପୁନଃ ଏକ ଅଧିଗ୍ରହଣ ନୋଟିସ୍ ଜାରି ପୂର୍ବକ ଋଣଗ୍ରହୀତାଙ୍କୁ ଅବଗତ କରାଇଦେଇଛନ୍ତି ଯେ, ଉକ୍ତ ନିୟମାବଳୀର ନିୟମ ୮ ସହିତ ପଠିତ ଉକ୍ତ ଆଇନର ଧାରା ୧୩(୪) ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ନିମ୍ନସ୍ୱାକ୍ଷରକାରୀ (ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ୍) ପ୍ରତ୍ୟେକ ଆବେଦକ ବିରୁଦ୍ଧରେ ଉଲ୍ଲେଖିତ ତାରିଖରେ ନିମ୍ନଲିଖିତ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି (ବନ୍ଧକ ଥିବା ଜମି)ର ଦଖଲ (ଅଧିଗ୍ରହଣ) ନେଇଛନ୍ତି। ବିଶେଷକରି ଋଣଗ୍ରହୀତା ଏବଂ ସାଧାରଣତଃ ଜନସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ ତଥା ସୂଚିତ କରାଇଦିଆଯାଉଅଛି କି, ସେମାନେ ନିମ୍ନ ସମ୍ପତ୍ତି (ଭୂଭାଗ) ସମ୍ବନ୍ଧୀତ କୌଣସି କାରବାରରୁ ଦୂରେଇ ରୁହନ୍ତୁ। ସମ୍ପତ୍ତି ସମ୍ବନ୍ଧୀତ ଯେକୌଣସି କାରବାର ପାଇଁ **ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍** ଦ୍ୱାରା ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକ ଆବେଦକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ଋଣ ପରିମାଣ ଏବଂ ସୁଧ ବାବଦ ଅର୍ଥ ଆଦାୟ କରାଯିବ। ସୁରକ୍ଷିତ ସମ୍ପତ୍ତିର ନବୀକରଣ ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ଆଇନର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥା ପ୍ରତି ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି।

| କ୍ର. ନଂ | ଶାଖାର ନାମ | ଋଣ ଖାତା ନଂ | ଋଣଗ୍ରହୀତାଙ୍କ ନାମ/ ଗ୍ୟାରେଣ୍ଟର (ସମ୍ପତ୍ତି ମାଲିକ) | ଡିମାଣ୍ଡ ନୋଟିସ୍ ଜାରି ତାରିଖ | ସମ୍ପତ୍ତି ଅଧିଗ୍ରହଣ ତାରିଖ | ଡିମାଣ୍ଡ ନୋଟିସ୍ ଜାରି ତାରିଖ ସୁଦ୍ଧା ମୋଟ୍ ବକେୟା ରାଶି |
|---|---|---|---|---|---|---|
| ୧ | କଟକ | ୧୬୦୦୦୬୦୦୦ ୦୦୦୬୦୦୧ | ୧. ଲୋକନାଥ ରାଉତ ପିତା- ସିଦ୍ଧେଶ୍ୱର ରାଉତ (ଋଣଗ୍ରହୀତା) ୨. ସିଦ୍ଧେଶ୍ୱର ରାଉତ ପିତା- ବୈରାଗୀ ରାଉତ (ସହ ଋଣଗ୍ରହୀତା/ ବନ୍ଧକଦାତା) ୩. ଅମୃତା ରାଉତ ସ୍ୱାମୀ-ଲୋକନାଥ ରାଉତ (ଗ୍ୟାରେଣ୍ଟର) | ୨୧/୧୧/୨୦୨୪ | ୨୩/୦୪/୨୦୨୫ | ୩୩୬୩୪୩୮/- (Rupees Thirty Three Lakh Sixty Three Thousand Four Hundred |

**ସମ୍ପତ୍ତିର ବର୍ଣ୍ଣନା (ସମସ୍ତ ଭୂଭାଗ ସମେତ ସମ୍ପତ୍ତିର ସମସ୍ତ ଅଂଶ):** ପ୍ରାୟ ୦.୦୫୦ ଡିସିମିଲି କ୍ଷେତ୍ରଫଳ ଥିବା ସମ୍ପତ୍ତି ଏବଂ ଜମିର କିଛି ଅଂଶ। ଅଧିକ ଏବଂ କମ୍ ସମ୍ପତ୍ତି ମୌଜା - କଟକ ସହର, ୟୁନିଟ୍ ନଂ-୩୩ ସିସିନିବାର, ତହସିଲ- କଟକ, ଖାତା ନଂ-୧୦୯୮, ପ୍ଲଟ୍ ନଂ-୨୩୨୦/୩୧୫୮, ପିଏସ୍.-ମଧୁପାଟଣା, ପିଏସ୍. ନମ୍ବର-୩, ଜିଲ୍ଲା-କଟକ, ଓଡ଼ିଶା- ୭୫୩୦୦୩। ବନ୍ଧକ (ମଡରେଜ) ଡିଡ୍ ନମ୍ବର-୧୦୩୯୨୨୦୧୬୪୦, ୨୦୨୨ ଆର୍ଥିକ ବର୍ଷ ପାଇଁ। ଡିଏସ୍‌ଆର-କଟକରେ ପଞ୍ଜୀକୃତ। ଏହି ଭୂଭାଗଟି ପୂର୍ବରେ ହାଡିବନ୍ଧୁ ମହାନ୍ତିଙ୍କ ଦ୍ୱାରା, ପଶ୍ଚିମରେ ସିଏମ୍‌ସି (ମହାନଗର ନିଗମ) ଡ୍ରେନ୍ ଦ୍ୱାରା, ଉତ୍ତରରେ ନୃସିଂହନାଥ ଦେବ ପାଠ ଏବଂ ଦକ୍ଷିଣରେ ରାସ୍ତା ଏବଂ ପ୍ରଫୁଲ୍ଲ କୁମାର ଛାଟୋଇଙ୍କ ଦ୍ୱାରା ପରିବେଷ୍ଟିତ ବା ସୀମାବଦ୍ଧ ରହିଛି।

ତାରିଖ: ୨୫-୦୪-୨୦୨୫
ସ୍ଥାନ-କୋଲକାତା

ସ୍ୱାକ୍ଷର
ଅଧିକାରପ୍ରାପ୍ତ ଅଧିକାରୀ
ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍

## ପ୍ରଥମ ପୃଷ୍ଠାରୁ

## ଫୋକସ୍‌ରେ ଗାଁ ବିକାଶ ...

ଗ୍ରାମାଞ୍ଚଳର ସବୁଠୁ ବଡ ପ୍ରାଥମିକତା। ଏହି ସବୁ ଭିତ୍ତିଭୂମି ନିର୍ମାଣକୁ ଆମେ ଗୁରୁତ୍ୱ ଦେଉଛୁ। ଏଥିପାଇଁ ଆମେ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ପରିକଳ୍ପନା କରିଛୁ। ୨୦୨୬ ସୁଦ୍ଧା ସବୁ ଗ୍ରାମକୁ ପାନୀୟଜଳ ବ୍ୟବସ୍ଥା କରିବାକୁ ଆମେ ପଦକ୍ଷେପ ନେଇଛୁ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଆମେ ଗ୍ରାମାଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ କରିବୁ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ପରିବାରକୁ ପକ୍କା ଘର ଯୋଗାଇଦେବା ପାଇଁ ଆମ ସରକାର ସଂକଳ୍ପବଦ୍ଧ। ଆମ ସରକାର କାମରେ ବିଶ୍ୱାସ କରେ। ଏହି ଅବସରରେ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ ପ୍ରକ୍ରିୟା, ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ ଇ-ପଞ୍ଚାୟତ ସଭା ପୋର୍ଟାଲ୍, ପିପିଏମ୍‌ଏସ୍ ପୋର୍ଟାଲ୍, ପଞ୍ଚାୟତ ମନିଟରିଂ ସିଷ୍ଟମ୍, ୬୧୩ଟି ଗ୍ରାମପଞ୍ଚାୟତକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୨ଲକ୍ଷରୁ ଊର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ୨ଟି କିସ୍ତିର ୧୦ ହଜାର ଟଙ୍କା ଲେଖାଏ ସମୁଦାୟ ୨୦୦ କୋଟି ଟଙ୍କା ପ୍ରଦାନର ଶୁଭାରମ୍ଭ କରିବା ସହିତ ୬ଟି ଟିଭି ବିଜ୍ଞାପନ ଓ ସୁଭଦ୍ରା କଫି ଟେବଲ୍ ପୁସ୍ତକର ଉନ୍ମୋଚନ କରିଥିଲେ। ରାଜ୍ୟରେ ୪,୧୨୪ କୋଟି ଟଙ୍କା ବିନିଯୋଗରେ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିଲା।

ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ, ଶକ୍ତି ବିଭାଗ ମାଧ୍ୟମରେ ୨୦୨୬-୨୭ ସୁଦ୍ଧା ୩ ଲକ୍ଷ ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ପଦକ୍ଷେପ ଆରମ୍ଭ କରିଛୁ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ରିହାତି ଦେଇଛନ୍ତି। ପୋର୍ଟାଲ୍ ମାଧ୍ୟମରେ ଯଥା ଶୀଘ୍ର ଆବେଦନ କରିବା ପାଇଁ ସେ ଅନୁରୋଧ କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ସୁଭଦ୍ରା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତିରେ ଆଜି ପରିବର୍ତ୍ତନ ଆଣିଛି। ଗାଁର ଚିତ୍ରକୁ ନୂଆ ରୂପରେ ଆଙ୍କିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି। ଗାଁର ବିକାଶ ପାଇଁ ରାଜନୀତିରୁ ଊର୍ଦ୍ଧ୍ୱକୁ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ, ଗ୍ରାମାଞ୍ଚଳର ମୌଳିକ ସମସ୍ୟାକୁ ଦୂରକରିବା ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଗାଁର ବିକାଶ ହେଲେ ଆମ ଦେଶର ବିକାଶ ହେବ। ଆଜି ପଞ୍ଚାୟତିରାଜ ଦିବସରେ ଯେଉଁ ଗାଁରେ ଆମର ଆତ୍ମା ଅଛି, ସେହି ଗାଁକୁ ସରଗ ସୁନ୍ଦର କରିବା ପାଇଁ ଆସନ୍ତୁ ଆମେ ସମସ୍ତେ ସଂକଳ୍ପ ନେବା। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀ ସାଂସଦ ସମ୍ବିତ ପାତ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ସେହିପରି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍ ସ୍ୱାଗତ ଭାଷଣ ଦେଇଥିଲେ ଓ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିମିଳିପାଳକୁ ଜାତୀୟ ଉଦ୍ୟାନ ...

ଶିମିଳିପାଳ ଭାରତର ୧୦୭ତମ ଜାତୀୟ ଉଦ୍ୟାନ ରୂପେ ମାନ୍ୟତା ଲାଭ କରିଥିବା ବେଳେ ଏହା ଭିତରକନିକା ପରେ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନ। ଏହା ସହିତ ଏହା ୮୪୫.୭୦ ବର୍ଗ କିମି ବିଶିଷ୍ଟ ରାଜ୍ୟର ସର୍ବବୃହତ୍ ଜାତୀୟ ଉଦ୍ୟାନ ରୂପରେ ପରିଗଣିତ। ଏହି ବହୁ ପ୍ରତୀକ୍ଷିତ ସ୍ୱୀକୃତି ଶିମିଳିପାଳର ଅଦ୍ୱିତୀୟ ଜୈବ ବିବିଧତା, ସମୃଦ୍ଧ ଆଦିବାସୀ ପରମ୍ପରା ଏବଂ ପରିବେଶଗତ ମୂଲ୍ୟବୋଧ ପ୍ରତି ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛି। ଏହି ନିଷ୍ପତ୍ତି ଓଡ଼ିଶାକୁ ଜାତୀୟ ମାନଚିତ୍ରରେ ସ୍ୱତନ୍ତ୍ର ଭାବରେ ସ୍ଥାନିତ କରିଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଶିମିଳିପାଳ ଜାତୀୟ ଉଦ୍ୟାନକୁ ସର୍ବୋଚ୍ଚ ଜାତୀୟ ପରିବେଶ ସ୍ୱୀକୃତି ମିଳିବା ପରେ, ବନ୍ୟଜନ୍ତୁ ଅଭୟାରଣ୍ୟ, ବ୍ୟାଘ୍ର ପ୍ରକଳ୍ପ, ୟୁନେସ୍କୋ ସଂରକ୍ଷିତ ଜୈବମଣ୍ଡଳ, ହାତୀ ଅଭୟାରଣ୍ୟ ଆଦି ଶିମିଳିପାଳର ବହୁସ୍ତରୀୟ ଜୈବ ବିବିଧତାର ଗୁରୁତ୍ୱକୁ ପ୍ରତିପାଦିତ କରୁଛି। ଶିମିଳିପାଳରେ ଅବସ୍ଥିତ ଜଙ୍ଗଲଗୁଡ଼ିକ ଶାଳ, ଆର୍ଦ୍ର ପର୍ଣ୍ଣମୋଚୀ ଏବଂ ଅର୍ଦ୍ଧ-ଚିରହରିତ୍ ପ୍ରକାରର ବୃକ୍ଷର ମିଶ୍ରଣ, ଯାହା ଉଦ୍ଭିଦ, ଜୀବଜନ୍ତୁ ଏବଂ ଜଙ୍ଗଲ ଉପରେ ନିର୍ଭରଶୀଳ ଜନଜାତି ସମ୍ପ୍ରଦାୟମାନଙ୍କ ପାଇଁ ଏକ ବିରଳ ଏବଂ ସମୃଦ୍ଧ ବାସସ୍ଥାନ ସୃଷ୍ଟିକରିଛି। ଅନ୍ୟପକ୍ଷରେ ଏହି ଘୋଷଣା ଶିମିଳିପାଳକୁ ଭାରତର ପରିବେଶ ଏବଂ ସାଂସ୍କୃତିକ ମାନଚିତ୍ରରେ ଏହାର ଯଥାର୍ଥ ସ୍ଥାନ ଦେବା ସହିତ ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ଆଣି ଦେଇଛି।

## ଦ୍ୱିଗୁଣିତ ହେଲା ପୁଲିସ ...

କନଷ୍ଟେବଲ, ସିପାହୀ ଓ ସମାନ ର୍ୟାଙ୍କର କର୍ମଚାରୀଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଗୁରୁବାର ରାଜ୍ୟ ପୁଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ କନଷ୍ଟେବଲଠାରୁ ଇନ୍ସପେକ୍ଟରଙ୍କ ପର୍ଯ୍ୟନ୍ତ ପୁଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ହାବିଲଦାର ଓ ସମାନ ର୍ୟାଙ୍କ୍‌ର କର୍ମଚାରୀଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଭତ୍ତା ଓ ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁ ଆଜି କନଷ୍ଟେବଲ, ହବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତାମାନେ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଦକ୍ଷତାର ସହ ଆଗାମୀ ଦିନଗୁଡ଼ିକରେ କାର୍ଯ୍ୟ କରିବାକୁ ଏବଂ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ପୁଲିସ ସେବା କର୍ମଚାରୀଙ୍କୁ ରାଜ୍ୟବାସୀଙ୍କ ଆଶା ଓ ଭରସାର ମାନ ରଖି ଓଡ଼ିଶାକୁ ଶାନ୍ତିଶୃଙ୍ଖଳା କ୍ଷେତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି, ଅସହାୟମାନେ କିଭଳି ଯଥାଶୀଘ୍ର ସହାୟତା ପାଇବେ, ଅସୁରକ୍ଷିତ ଲୋକେ କିଭଳି ତୁରନ୍ତ ସୁରକ୍ଷା ପାଇବେ ସେଥିପ୍ରତି ଧ୍ୟାନଦେବା ଓ ସମସ୍ତ ପୁଲିସ ଷ୍ଟେସନ୍‌ରେ ଏଫ୍‌ଆଇଆର୍ ତୁରନ୍ତ ଗ୍ରହଣ ଏବଂ ସେହି ଏଫ୍‌ଆଇଆର୍ ଉପରେ କିଭଳି ଠିକ୍ ସମୟରେ ତଦନ୍ତ କରାଯିବ, ସେଥିପ୍ରତି ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ବୈଠକ ଆରମ୍ଭରେ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ସ୍ୱାଗତ ଭାଷଣ ଦେବା ସହିତ ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। କନଷ୍ଟେବଳ, ହାବିଲଦାର ଓ ସିପାହୀ ମହାସଂଘର ସଭାପତି ଅନିଲ କୁମାର ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାନଦୀରେ ବୁଡ଼ି ...

ଅସାବଧାନତା ଯୋଗୁଁ ବିଶ୍ୱଜିତ, ସାଇ ଓ ପିଙ୍କୁନ ନଦୀ ସୁଅରେ ଭାସିଯାଇଥିଲେ। କୂଳକୁ ଆସିବା ପାଇଁ ସେମାନେ ଆପ୍ରାଣ ଉଦ୍ୟମ କରିଥିଲେ ବି ବିଫଳ ହୋଇଥିଲେ। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ଓ ମଙ୍ଗଳାବାଗ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଥିଲା। ତେବେ ତିନିଜଣଙ୍କୁ ଡାକ୍ତରଖାନାକୁ ପଠାଯାଇଥିଲା ବେଳେ ତେବେ ଡାକ୍ତର ସାଇ ଓ ପିଙ୍କୁନ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ୍ ହେବା ସହିତ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ମହାନଦୀରେ ଖାସ୍‌କରି ଯୋବ୍ରା ଆନିକଟ୍‌ରେ ଏଭଳି ବଡ଼ ଧରଣର ଦୁର୍ଘଟଣା ଘଟୁଛି। ପୂର୍ବରୁ ମଧ୍ୟ ମହାନଦୀରେ ବୁଡ଼ି ଅନେକ ଲୋକଙ୍କର ମୃତ୍ୟୁ ଘଟିଛି। ଅସାବଧାନତା ଯୋଗୁ ହିଁ ଏପରି ଘଟଣା ଘଟୁଛି। ଲୋକେ ମହାନଦୀରେ ପ୍ରବେଶ କରିବା ପୂର୍ବରୁ ସେଠାକାର ଜଳର ଗଭୀରତା ସମ୍ପର୍କରେ ଜ୍ଞାନ ରଖୁନାହାନ୍ତି। ଅନେକ ଲୋକ ପାଣିରେ ପହଁରି ଶିଖି ନଥିବାରୁ ମଧ୍ୟ ଅଘଟଣର ଶିକାର ହେଉଛନ୍ତି। ତେବେ ଦୁର୍ଘଟଣା ବେଳେ ଜିଲ୍ଲା ପ୍ରଶାସନ ତତ୍ପର ହେଉଛି। ନଦୀକୂଳରେ ନଗାଧାଇବା ପାଇଁ ବୋର୍ଡ ମାରୁଛି। ହେଲେ ଫଳ କିଛି ମିଳୁନି। ଏଭଳି ଦୁର୍ଘଟଣାକୁ ଅଟକାଇବା ଲାଗି ପ୍ରଶାସନ ନଦୀକୂଳରେ ଜଗୁଆଳି ରଖିବା ପାଇଁ ଚିନ୍ତା କରିଥିଲା। ମାତ୍ର ପରିସ୍ଥିତି ଶାନ୍ତ ପଡ଼ିଲେ ସେଭଳି ସତର୍କତା କିମ୍ବା ସଚେତନତା କାର୍ଯ୍ୟକ୍ରମ କରାଯାଇପାରୁ ନାହିଁ ଫଳରେ ଅନେକଙ୍କ ପ୍ରାଣହାନୀ ଘଟୁଛି ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ତେବେ ନଦୀରେ ଗାଧୋଇବାକୁ ଯିବାବେଳେ ସତର୍କତା ଅବଲମ୍ବନ କରିବାକୁ କଟକ ଡିସିପି ଋଷିକେଶ ଖିଲାରୀ ନିବେଦନ କରିଛନ୍ତି।

## ୨ଦିନ ପ୍ରବଳ ତାତି ...

୬ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରିକରିଛି ପାଣିପାଗ ବିଭାଗ। ସେହିପରି ଉଷ୍ଣ ରାତ୍ରି ପାଇଁ ସମ୍ବଲପୁର ସୁନ୍ଦରଗଡ଼ ଓ ବଲାଙ୍ଗୀର ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଉଷ୍ଣ ଓ ଆଦ୍ର ସ୍ଥିତିକୁ ନେଇ ନୂଆପଡ଼ା, ବରଗଡ଼, କଳାହାଣ୍ଡି, ଦେଓଗଡ଼ ଓ ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ଗଜପତି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଆସନ୍ତାକାଲି ପ୍ରବଳ ତାତି ନେଇ ବଲାଙ୍ଗୀର, ସମ୍ବଲପୁରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଗ୍ରୀଷ୍ମ ପ୍ରବାହ ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ନୂଆପଡ଼ା, ବରଗଡ଼, ସୋନପୁର ଓ ବୌଦ୍ଧ ଏହି ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହାସହ ଉଷ୍ଣ ଓ ଆଦ୍ର ସ୍ଥିତିକୁ ନେଇ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ପୁରୀ ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ୨୬ ତାରିଖରେ ବୌଦ୍ଧ, ସମ୍ବଲପୁର ଓ ଝାରସୁଗୁଡ଼ାରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ଣ୍ଣିଂ ଜାରି ହେଇଛି । ୨୬ ପରେ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି।

## କଟକ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ

**କଟକ,୨୪।୪/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସର ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଆଜି ସମଗ୍ର ଦେଶରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି। ସମସ୍ତ ଗ୍ରାମାଞ୍ଚଳର ବିକାଶ ହେବା ସହ ସେଠାରେ ରହୁଥିବା ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଗାଁକୁ ସ୍ୱାୟତ୍ତତା ପ୍ରଦାନ ଦିଗରେ ଏହି ଦିନର ମହତ୍ୱ ରହିଛି। ଗାଁର ବିକାଶ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାହାକୁ ପୂରଣ କରିବା ପଥରେ ଆଗେଇ ଚାଲିଛନ୍ତି ବୋଲି ସମ୍ବୋଧନ କରି ସମଗ୍ର ଭାରତବର୍ଷ ଓ ଓଡ଼ିଶା ମାଟିର ବିକାଶ ଦିଗରେ ସମସ୍ତେ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସରକାରଙ୍କ ଉପଲବ୍ଧି ସମ୍ବନ୍ଧରେ ସୂଚନା ପ୍ରଦାନ କରି ଗାଁ ଗାଁରେ ପାନୀୟଜଳ ଯୋଗାଣ, ରାସ୍ତା ନିର୍ମାଣ, ଅନ୍ତ୍ୟୋଦୟ ଗୃହ ତଥା ସୁଭଦ୍ରା ଯୋଜନା ଜରିଆରେ କିପରି ବିକାଶ ହୋଇପାରୁଛି ସେ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ସାଧାରଣ ଜନତା ଓ ଜନପ୍ରତିନିଧିମାନେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ସହ ଗ୍ରାମାଞ୍ଚଳର ସମଗ୍ର ବିକାଶରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଦିବସ ପାଳନ ଅବସରରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ କହିଲେ ଯେ ଗ୍ରାମାଞ୍ଚଳର ବିକାଶ ଦାୟିତ୍ୱ ନିମନ୍ତେ ରାଜ୍ୟ ସରକାର ଏବେ ସ୍ଥାନୀୟ ଗ୍ରାମର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ଓ ଯୋଜନା ଅନୁଯାୟୀ ସେମାନେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦିଷ୍ଟ ଅର୍ଥ ମଞ୍ଜୁର କରୁଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜିଲ୍ଲାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତାର ସହ ସମସ୍ତ କାର୍ଯ୍ୟ କରାଯିବ ବୋଲି କହିଥିଲେ। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ବୈଠକର ପ୍ରାରମ୍ଭରେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ପର୍ଯ୍ୟଟକଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମହାନଗର ନିଗମ ଓ କଟକ ସଦର ଅଞ୍ଚଳର ୨୫ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ଏଥିସହ ଗ୍ରାମପଞ୍ଚାୟତଗୁଡ଼ିକରେ ଉଲ୍ଲେଖନୀୟ ସେବା ନିମନ୍ତେ ସରପଞ୍ଚ ଓ ବିଭିନ୍ନ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମର ପରିଶେଷରେ କଟକ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରତୀକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।




## ଦାମୋଦରଙ୍କ ନାମରେ ମାନବାଧିକାର ଫୋରମ୍

**କଟକ,ନିଆଳୀ,୨୪।୪/ଏନ୍‌ଏନ୍‌ଏସ୍:** ଜାତୀୟ ମାନବାଧିକାର ଆୟୋଗର ପୂର୍ବତନ ରାପୋର୍ଟିୟର୍ ତଥା ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଦାମୋଦର ଷଡ଼ଙ୍ଗୀଙ୍କ ନାମରେ ଏକ ମାନବାଧିକାର ଫୋରମ୍ ଗଠନ କରାଯିବାକୁ ତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି। ଦାମୋଦର ଷଡ଼ଙ୍ଗୀଙ୍କ ଜନ୍ମସ୍ଥାନ ବାଲିପାଟଣା ଥାନା ଅନ୍ତର୍ଗତ ନରିଶୋର ରାଜେନ୍ଦ୍ର ଦେଶୀ ଧାନ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଦାମୋଦରଙ୍କ କର୍ତ୍ତବ୍ୟନିଷ୍ଠା ଓ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ର. ଶରତ ଚନ୍ଦ୍ର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱୟଂପ୍ରଭା ପଣ୍ଡା, ରାଜେନ୍ଦ୍ର କୁମାର ସାହୁ, ଜଗନ୍ନାଥ ଆଚାର୍ଯ୍ୟ, କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ମନୋରଞ୍ଜନ ତ୍ରିପାଠୀ, ନ୍ୟାୟବ୍ରତ ରାଉତ, ପିତାମ୍ବର ରାଉତ ଓ ମହାପାତ୍ର ଧରଣୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ବଡ଼ଭାଇ ତଥା ବିଶିଷ୍ଟ ଜୈବଚାଷୀ ନଟବର ଷଡ଼ଙ୍ଗୀ ଏହି ଅଞ୍ଚଳ ପାଇଁ ଦାମୋଦରଙ୍କ ନାମରେ ଏକ ମାନବାଧିକାର ଫୋରମ୍ ଗଠନ କାରାଯିବାକୁ ପ୍ରସ୍ତାବ ଦେଇଥିଲେ। ସେ କହିଲେ, ନିଆଳୀ ଏବଂ ବାଲିପାଟଣା ଅଞ୍ଚଳରେ ମାନବାଧିକାରର ସୁରକ୍ଷା ପାଇଁ ଏହି ଫୋରମ୍ କାର୍ଯ୍ୟ କରିବ। ଖୁବ୍‌ଶୀଘ୍ର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରି ଏହି ଫୋରମ୍ ଗଠନ କରାଯିବ। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ସଭା ପୂର୍ବରୁ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦେଇଥିଲେ।



## ପହଲଗାମ ଆକ୍ରମଣର ଦୃଢ଼ ପ୍ରତିବାଦ

# ଛାତ୍ର କଂଗ୍ରେସ ପକ୍ଷରୁ ମହମବତୀ ଶୋଭାଯାତ୍ରା




**କଟକ,୨୪।୪/ଏନ୍‌ଏନ୍‌ଏସ୍:** ଜାମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣାର ଦୃଢ଼ ନିନ୍ଦା କରି ଗୁରୁବାର କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ ମୌଜାସ୍ଥିତ ବେଣ୍ଟକାର ବଜାରଠାରେ ଛାତ୍ର କଂଗ୍ରେସ ପକ୍ଷରୁ ଏହି ଘଟଣାରେ ପ୍ରାଣ ହରାଇଥିବା ସାଧାରଣ ନାଗରିକଙ୍କ ଆତ୍ମାର ସଦ୍‌ଗତି କାମନା କରି ଏକ ମହମ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଛାତ୍ରନେତା ରାକେଶ ପତିଙ୍କ ନେତୃତ୍ୱରେ ଆୟୋଜିତ ଏହି ମହମବତୀ ଶୋଭାଯାତ୍ରାରେ କଟକ ସଦର କଂଗ୍ରେସର ବରିଷ୍ଠ ନେତା ତଥା କଂଗ୍ରେସର ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ, କଟକ ଜିଲ୍ଲା କଂଗ୍ରେସ କମିଟିର ପ୍ରାକ୍ତନ ଉପ ସଭାପତି ଶିଶିର କୁମାର ରଥ ଛାତ୍ର କଂଗ୍ରେସ ନେତା ସାହିଲ ପଣ୍ଡା, ରାଜେଶ ମଲ୍ଲିକ, ନିହାର ବେହେରା, ମନୋଜ କୁମାର ସାହୁ, ଅଭିଷେକ ସାହୁ, ଶୁଭମ୍ ସାହୁ, ବଳରାମ ପଞ୍ଚାୟତ, ସୁମିତ ମହାନ୍ତି, ଅଜିତ କୁମାର ମହାରଣା, ସନ୍ଦିପ କୁମାର ସାହୁ, ରଶ୍ମି ରଞ୍ଜନ ସେନାପତି, ଶୁଭଜିତ ଜେନା, ପଞ୍ଚାୟତ କଂଗ୍ରେସ ସଭାପତି ଅଜୟ କୁମାର ମଲ୍ଲିକ, ପ୍ରଭାତ କୁମାର ଖଟୁଆ, ଋଷି କାଣ୍ଡି, ନରେନ୍ଦ୍ର ନାଥ ମଲ୍ଲିକ ପ୍ରମୁଖ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆତଙ୍କ ସୃଷ୍ଟିକାରୀ ଲୁଟେରା ଗ୍ୟାଙ୍ଗ୍‌ର ୩ ଗିରଫ



**କଟକ,୨୪।୪ଏନ୍‌ଏନ୍‌ଏସ୍:** ସହରରେ ଆତଙ୍କ ସୃଷ୍ଟି କରିଥିବା ଏକ ଲୁଟେରା ଗ୍ୟାଙ୍ଗକୁ କାବୁକରିଛି କମିସନରେଟ୍ ପୁଲିସ। ଗ୍ୟାଙ୍ଗର ତିନି ସଦସ୍ୟଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିଡ଼ାନାସୀ ବଉଳଛକରେ ରହୁଥିବା ନୟାଗଡ଼ ଫତେଗଡ଼ର ବିଚିତ୍ରାନନ୍ଦ ମହାପାତ୍ର(୨୮), ସିଡିଏ ସେକ୍ଟର ୬ର ଶୈଶିଭୁ ଜେନା(୧୯) ଓ ମର୍କତନଗର ହଇରାଣପୁରର ସୁମନ୍ତ ଦାସ(୧୯)। ଏମାନଙ୍କ ନିକଟରୁ ୧୪ ହଜାର ଟଙ୍କା, ବାଇକ୍ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହି ଗ୍ୟାଙ୍ଗ ପୁଲିସ ମୁଖ୍ୟାଳୟ ପଛପଟ, ଦରଘାବଜାର ଓ ସିଡିଏରୁ ସୁନା ଅଳଙ୍କାର ଛିନତାଇ କରିଥିଲା।

ସୂଚନା ମୁତାବକ ଏପ୍ରିଲ୍ ୧୭ରେ ଦରଘାବଜାର ଥାନା ଗଙ୍ଗାମନ୍ଦିର ଅଞ୍ଚଳର ସୁନିଲ କୁମାର ମହାନ୍ତି ରାତିରେ ଝିଅ ଓ ପତ୍ନୀଙ୍କ ସହିତ ନେତାଜୀ ଆର୍‌କେଡ୍ ସାମନାରେ ଆସୁଥିଲେ। ଦୁଇଜଣ ଦୁର୍ବୃତ୍ତ ଏକ ୟାମା ଏଫଜେଡ୍ ବାଇକ୍‌ରେ ଆସି ପତ୍ନୀଙ୍କ ସୁନା ହାର ଝାମ୍ପି ନେଇଥିଲେ। ଏପ୍ରିଲ୍ ୧୯ ସନ୍ଧ୍ୟାରେ ରାଣୀହାଟ ଅଞ୍ଚଳର ଚନ୍ଦନ କୁମାର ଦାସ ପତ୍ନୀ ରାଧାମଣୀ ସାହୁଙ୍କ ସହିତ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଦେଇ ଯାଉଥିଲେ। ପୁଲିସ ମୁଖ୍ୟାଳୟ ପଛପଟ ଗେଟ୍ ସାମନାରେ ଏକ ବାଇକରେ ୩ ଦୁର୍ବୃତ୍ତ ଆସି ରାଧାମଣୀଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିଲେ। ଏପ୍ରିଲ ୧୯ରେ ସିଡିଏ ଫେଜ୍ ୨ ଥାନା ଅଞ୍ଚଳରେ ମଧ୍ୟ ଲୁଟ୍ ହୋଇଥିଲା। ଏହି ତିନୋଟି ଘଟଣାରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବା ପୁଲିସ ପ୍ରାଥମିକ ତଦନ୍ତରୁ ପ୍ରମାଣ ପାଇଥିଲା। ପୁଲିସ ତଦନ୍ତ ସମୟରେ ଉପରୋକ୍ତ ତିନି ଜଣ ଲୁଟେରାଙ୍କୁ ଠାବ କରିଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ସିସି କ୍ୟାମେରା ଫୁଟେଜ୍ ଆଧାରରେ ଉପରୋକ୍ତ ତିନି ଲୁଟେରାଙ୍କୁ ଠାବ କରିଥିଲା। ଏହି ଗ୍ୟାଙ୍ଗର ସିରିଜ୍ ଅପରାଧିକ ରେକର୍ଡ ପୁଲିସ ପାଇଛି। ବିଚିତ୍ରାନନ୍ଦ, ଶୈଶିଭୁ, ସୁମନ୍ତ ବିରୋଧରେ ଦରଘାବଜାର, କ୍ୟାଣ୍ଟନ୍‌ମେଣ୍ଟ, ସିଡିଏ ଫେଜ୍-୨ ଥାନାରେ ତିନୋଟି ଲେଖାଏ ଅପରାଧିକ ମାମଲା ରହିଛି। ଏମାନେ ଏକାଠି ଗୋଟିଏ ବାଇକ୍‌ରେ ସହରରେ ବିଭିନ୍ନ ସମୟରେ ଛିନତାଇ କରୁଥିଲେ। ଏହି ଲୁଟେରା ଗ୍ୟାଙ୍ଗର ଦୁଇ ସଦସ୍ୟ କଟାସ ଓ ଜୁବୁଲା ଗଲା ୧୬ତାରିଖରେ ଚୌଦ୍ୱାର ଥାନା ପୁଲିସ ଇନ୍ଦ୍ରାଣୀପାଟଣା ନିକଟରେ ଏନ୍‌କାଉଣ୍ଟର୍‌ର ଶିକାର ହୋଇଥିଲେ।

## ୧୧୯୧ କୋଟିର ଅକ୍ଷୟଶକ୍ତି ...

କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ନବମ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ଅନୁମୋଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟ ଶକ୍ତି ବିଭାଗ, ଜଳ ସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରିଡ୍‌କୋ, ଓପିଟିସିଏଲ୍, ଓଏଚ୍‌ପିସି ତଥା ବିଦ୍ୟୁତ ବିତରଣ କମ୍ପାନୀ ସମୂହର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସମେତ ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ) ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ସକ୍ରିୟ ନୀତି ଏବଂ ଶୃଙ୍ଖଳିତ ପ୍ରକ୍ରିୟା ଆଧାରରେ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି ଏବଂ ଅକ୍ଷୟ ଶକ୍ତି ନୋଡାଲ୍ ଏଜେନ୍ସି ଗ୍ରିଡ୍‌କୋ ମାଧ୍ୟମରେ, ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବଢ଼ିଛି ଏବଂ ଏକ ଅଧିକ ଆତ୍ମନିର୍ଭରଶୀଳ ଓଡ଼ିଶା ପାଇଁ ପଥ ପରିଷ୍କାର ହୋଇଚାଲିଛି। ଏ ଯାଏ, ଅକ୍ଷୟଶକ୍ତି କ୍ଷେତ୍ରରେ ମୋଟ ୧୭୦୭.୫୬ ମେଗାୱାଟ୍ କ୍ଷମତା ସମ୍ପନ୍ନ ପ୍ରକଳ୍ପ ଲାଗି ୧୨,୩୮୭.୩୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ସିଙ୍ଗଲ୍ ୱିଣ୍ଡୋ କମିଟି ନୀତିଗତ ଅନୁମୋଦନ ପ୍ରଦାନ କରିଛି।

## କେନ୍ଦ୍ରକୁ ବିରୋଧୀଙ୍କ ...

ଆଗକୁ ବଢ଼ିବାକୁ କହିଛନ୍ତି। ରାହୁଲ ଗଣମାଧ୍ୟମକୁ କହିଛନ୍ତି, 'ଆମେ ଆତଙ୍କବାଦ ବିରୋଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରୁ।' ତେବେ କେବଳ କଂଗ୍ରେସ ନୁହେଁ ସମସ୍ତ ଦଳ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ସ୍ପଷ୍ଟ କରିଛନ୍ତି ଯେ ଜମ୍ମୁ-କାଶ୍ମୀରରେ ଶାନ୍ତି ବଜାୟ ରଖିବା ପାଇଁ ଯଥାସମ୍ଭବ ପ୍ରୟାସ କରାଯିବା ଉଚିତ୍। ସେହିପରି ବୈଠକ ପରେ ଓୱୈସୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଭାରତ ସରକାର ସେହି ଦେଶ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ୍ ଯେଉଁଦେଶ ଆତଙ୍କବାଦ ଓ ଆତଙ୍କବାଦୀଙ୍କୁ ଭାରତ ବିରୋଧରେ ବ୍ୟବହାର କରୁଛି।

ସର୍ବଦଳୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଉପସ୍ଥିତ ଥିଲେ। ସେହିପରି ବିରୋଧୀଦଳର ନେତାଙ୍କ ମଧ୍ୟରେ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖର୍ଗେ ଏବଂ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ, ଏନ୍‌ସିପି-ଏସ୍‌ପିର ସୁପ୍ରିୟା ସୁଲେ, ଏନ୍‌ସିପିର ପ୍ରଫୁଲ୍ଲ ପଟେଲ, ଏଆଇଏମ୍‌ଆଇଏମ୍‌ର ଅସାଉଦ୍ଦିନ୍ ଓୱୈସୀ, ବିଜେଡିର ସସ୍ମିତ ପାତ୍ର, ଶିବସେନାର ଶ୍ରୀକାନ୍ତ ସିନ୍ଦେ, ଆମ୍ ଆଦ୍‌ମୀ ପାର୍ଟିର ସଞ୍ଜୟ ସିଂହ, ଟିଏମ୍‌ସିର ସୁଦୀପ ବନ୍ଦୋପାଧ୍ୟାୟ, ଆର୍‌ଜେଡିର ପ୍ରେମଚାନ୍ଦ ଗୁପ୍ତା, ଡିଏମ୍‌କେର ଟି. ଶିବା ଏବଂ ସମାଜବାଦୀ ପାର୍ଟିର ଗୋପାଳ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

ସୂତ୍ର ଅନୁଯାୟୀ ସର୍ବଦଳୀୟ ବୈଠକ ଆରମ୍ଭରେ ପହଲଗାମ୍ ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ଉପସ୍ଥିତ ସମସ୍ତ ନେତାମାନେ କିଛି ସମୟ ଶୋକପ୍ରାର୍ଥନା କରିଥିଲେ। ପରେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକ ପ୍ରାୟ ୨ଘଣ୍ଟା ଧରି ଚାଲିଥିଲା। ବୈଠକ ପ୍ରାରମ୍ଭରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ଏବଂ ବୁଧବାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଏସ୍)ରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଉପସ୍ଥିତ ନେତାମାନଙ୍କୁ ଅବଗତ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ପହଲଗାମ୍ ଘଟଣା ବିଷୟରେ ନେତାମାନଙ୍କୁ ଜଣାଇଥିଲେ। ସେହିପରି ଇଣ୍ଟେଲିଜେନ୍ସ ବ୍ୟୁରୋ ଏବଂ ଗୃହ ମନ୍ତ୍ରଣାଳୟର ଅଧିକାରୀମାନେ ଉପସ୍ଥିତ ନେତାମାନଙ୍କୁ ଘଟଣା ବିଷୟରେ ଅଧିକ ସୂଚନା ଦେଇଥିଲେ। ଏହା ପରେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦାକରି ବିରୋଧୀ ଦଳର ନେତାମାନେ କହିଥିଲେ, ସେମାନେ (ଆତଙ୍କବାଦୀ ଏବଂ ପାକିସ୍ତାନ) ଯେପରି ନିରୀହ ଲୋକଙ୍କୁ ଆକ୍ରମଣ କରି ହତ୍ୟା କରିଛନ୍ତି, ସେମାନଙ୍କର ଶିବିରଗୁଡ଼ିକୁ ମଧ୍ୟ ଠିକ୍ ସେହିପରି ଧ୍ୱଂସ କରାଯିବା ଉଚିତ୍ ଏବଂ ପାକିସ୍ତାନ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍। ପରେ ପରେ ଆତଙ୍କବାଦ ବିରୁଦ୍ଧରେ ଏକାଠି କାମ କରିବା ଏବଂ ଏପ୍ରିଲ ୨୨ ତାରିଖରେ ପହଲଗାମରେ ନିରୀହ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପଛରେ ଥିବା ଶକ୍ତିଗୁଡ଼ିକୁ ମୁକାବିଲା କରିବାର ସଂକଳ୍ପ ସାମ୍ନାକୁ ଆସିଥିଲା। ସର୍ବଦଳୀୟ ବୈଠକରେ, ଆପତ୍ତି ବଦଳରେ କିଛି ପରାମର୍ଶ ବ୍ୟତୀତ, ଏହି ସଙ୍କଟ ସମୟରେ ଜାତୀୟ ସଂହତିର ଏକତା ପ୍ରଦର୍ଶନ କରାଯାଇଥିଲା। ବିରୋଧୀ ନେତାମାନେ ସରକାରଙ୍କୁ ସେମାନଙ୍କର ମତାମତ ଏବଂ ପରାମର୍ଶ ଦେଇଥିଲେ।

## ପହଲଗାମ୍ ଆକ୍ରମଣ ପ୍ରତିବାଦରେ ଶୋଭାଯାତ୍ରା

**କଟକ,୨୪।୪ଏନ୍‌ଏନ୍‌ଏସ୍:** ପହଲଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦାକରି ଗୁରୁବାର କଟକ ସହର ସଂଖ୍ୟାଲଘୁ ମୁସଲମାନଙ୍କ ପକ୍ଷରୁ ବିଭିନ୍ନ ମସଜିଦ୍ କମିଟି ମହଲ୍ଲା କମିଟିର କର୍ମକର୍ତ୍ତାମାନଙ୍କୁ ନେଇ ଓଡ଼ିଶା ବୋର୍ଡ ଅଫ୍ ୱାକଫ୍ ପ୍ରାକ୍ତନ ଚେୟାରମେନ୍ ସୈୟଦ୍ ଏକ୍ରାମ ହୁସେନ୍ ଓ ପୂର୍ବତନ କର୍ପୋରେଟର୍ ରମଜାନ ଖାନ୍ ଓ ଛାତ୍ରନେତା ଆସିଫ୍ ଅମିନଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରାରେ ମୋକିମ ଖାନ୍, ରିଆଜ ଖାନ୍, ରେଭେନ୍ୟୁ ବୋର୍ଡ ବାର୍ ସଭାପତି ମେହେବୁବ ଅଲ୍ଲୀ, ସୈୟଦ୍ ଜଲିଲ, ଫିରୋଜ ଅଲ୍ଲୀ, ସେକ ଚାନ୍ଦୁ, ମହମ୍ମଦ ଆବିଦ, ସାଜିଦ୍ ସୁଲତାନ, ସିରାଜ ଖାଁ, ସେକ ସିରାଜଉଲ୍ଲା, ମହମ୍ମଦ ଆୟୁବ, ସେକ ପପୁ, ସେକ ବବଲୁ, ମହମ୍ମଦ ଆସିଫ, ମେହେଦୁଲ୍ ଇସଲାମ, ସେକ ଟୁଟୁ, ଅତର ଖାନ୍‌ଙ୍କ ସମେତ ଶତାଧିକ ମୁରବି ଓ ଯୁବକମାନେ ଅଂଶଗ୍ରହଣ କରିଥିଲେ।

## ଆଜିର ଇତିହାସ

- ୧୮୦୯-ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ରଣଜିତ୍ ସିଂହଙ୍କ ମଧ୍ୟରେ ଅମୃତସର ସନ୍ଧି ହୋଇଥିଲା।
- ୧୯୮୨-ଦିଲ୍ଲୀଠାରେ ଟେଲିଭିଜନରେ ପ୍ରଥମ ଥର ରଙ୍ଗିନ ପ୍ରସାରଣର ଆରମ୍ଭ ହୋଇଥିଲା।
- ୨୦୦୫-ଭାରତୀୟ ସନ୍ଥ ରଙ୍ଗନାଥନନ୍ଦାଙ୍କ ନିଧନ।
- ୨୦୦୮-ଅମୀର ଖାନଙ୍କୁ ମାଷ୍ଟର ଦୀନାନାଥ ମଙ୍ଗେସ୍କର ସ୍ମୃତି ପ୍ରତିଷ୍ଠାନର ବିଶେଷ ପୁରସ୍କାର ମିଳିଥିଲା।
- ୨୦୧୦-ଭାରତୀୟ ନୌସେନା ନୂଆ ୟୁଟିଲିଟି ହେଲିକପ୍ଟର କିଣିବାର ପ୍ରକ୍ରିୟା ଆରମ୍ଭ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ଦିନଟି ଆନନ୍ଦଦାୟକ ରହିବ। ପୂରା ସମୟ ପରିବାର ସହିତ ବିତେଇବେ। ପିଲାଙ୍କ କ୍ୟାରିୟରକୁ ନେଇ ଗୁରୁଙ୍କ ଠାରୁ ପରାମର୍ଶ ନେବେ। ଧର୍ମ-କର୍ମ ସହିତ ଜଡ଼ିତ ଲୋକମାନେ ସମାରୋହକୁ ଯାଇପାରନ୍ତି।

**ବୃଷ** – ଦିନଟି ଶାନ୍ଦାର ରହିବ। ପରିବାର ଲୋକଙ୍କ ସହିତ ବିବାଦ ନକଲେ ଭଲ। ବ୍ୟାବସାୟୀଙ୍କ କ୍ୟାରିୟର୍‌ର ଦିଗ ପରିବର୍ତ୍ତନ ହେବ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦିନଟି ଉତ୍ତମ। ଜୀବନସାଥିଙ୍କୁ ନେଇ ବୁଲିବାକୁ ଯାଇପାରନ୍ତି।

**ମିଥୁନ** – ଦିନଟି ଆପଣଙ୍କ ପାଇଁ ବଢ଼ିଆ ରହିବ। କ୍ୟାରିୟର୍ ଓ ବ୍ୟକ୍ତିଗତ ଜୀବନର ପ୍ରୟାସର ଫଳାଫଳ ମିଳିବ। ମନ ପ୍ରସନ୍ନ ରହିବ। ଘରେ ଛୋଟ ପାର୍ଟିର ଆୟୋଜନ ହୋଇପାରେ। ଆର୍କିଟେକ୍ଚର ସହିତ ଜଡ଼ିତ ଲୋକମାନଙ୍କୁ ଧନ ପ୍ରାପ୍ତି ହେବ।

**କର୍କଟ** – ଆପଣଙ୍କ ପାଇଁ ଦିନଟି ଅନୁକୂଳ। ଆଧ୍ୟାତ୍ମ ଆଡ଼କୁ ଆଜି ଢ଼ଳିବେ। ସାହିତ୍ୟରେ ରୁଚି ରହିବ। ବିଦ୍ୟାର୍ଥୀମାନେ ଯୋଜନାରେ ପରିବର୍ତ୍ତନ କରିପାରନ୍ତି। ଏଥିରେ ଶିକ୍ଷକମାନଙ୍କର ସହଯୋଗ ମଧ୍ୟ ରହିବ।

**ସିଂହ** – ଦିନଟି ଉତ୍ତମ ରହିବ। ପରିବାର ଓ କ୍ୟାରିୟର୍ ମଧ୍ୟରେ ସନ୍ତୁଳନ ବଜାୟ ରହିବ। ନୂଆ ବ୍ୟବସାୟ ଆରମ୍ଭ କରୁଥିବା ଲୋକଙ୍କ ପାଇଁ ଦିନଟି ଶୁଭ। ପରବର୍ତ୍ତୀ ପଦକ୍ଷେପ ଆପଣଙ୍କ ପାଇଁ ସୁଫଳ ଆଣିବ।

**କନ୍ୟା** – ଦିନଟି ଆପଣଙ୍କ ପାଇଁ ଖାସ୍। ହାତକୁ ନେଇଥିବା କାମ ପୂରା କରିବେ। ନିରାଶାର ଭାବନା ଦୂର ହେବ। ଷ୍ଟିଲ୍ ବ୍ୟବସାୟୀଙ୍କୁ ଧନଲାଭ ହେବ। ନବବିବାହିତମାନେ କିଛି ସମୟ ପାଇଁ ବାହାରକୁ ଯିବେ।

**ତୁଳା** – ମନରେ ନୂଆ ନୂଆ ବିଚାର ଆସିବ। କୌଣସି କାମର ଯୋଜନା ଆରମ୍ଭ କରିପାରନ୍ତି। ପରିବାରର ପୂରା ସହଯୋଗ ପାଇବେ। ପାଠପଢ଼ାରେ ମନ ଲାଗିବ। ବ୍ୟବହାରରେ ପରିବର୍ତ୍ତନ ଆସିପାରେ। ଜୀବନସାଥି ପ୍ରସନ୍ନ ହେବେ।

**ବିଛା** – ଦିନଟି ସାମାନ୍ୟ ରହିବ। ବିଜିନେସ୍ ପାର୍ଟନରଙ୍କ ସହିତ ଡିନର୍ କରିବେ। ପୁରୁଣା କଥାକୁ ନେଇ ଦ୍ୱନ୍ଦ୍ୱରେ ରହିବେ। ଅଫିସ୍‌ରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ଜୀବନସାଥି ସହିତ ଧାର୍ମିକ ସ୍ଥଳକୁ ଯାଇପାରନ୍ତି।


**ଧନୁ** – ଲାଭକାରୀ ଦିନଟିଏ। ସରକାରୀ ଚାକିରିର ଅଫର୍ ଆସିପାରେ। ବୁଝାମଣା କରିବାକୁ ପ୍ରସ୍ତୁତ ରୁହନ୍ତୁ। ପାରିବାରିକ ଖୁସି ବଜାୟ ରହିବ। ସମସ୍ୟା ନିଜେ ନିଜେ ଦୂର ହେବ। ପାଠପଢ଼ାରୁ ପିଲାମାନଙ୍କର ମନ ହଟିଯିବ।

**ମକର** – ଆର୍ଥିକ ସ୍ଥିତି ସାମାନ୍ୟ ରହିବ। ଆହ୍ୱାନଗୁଡ଼ିକୁ ସହଜରେ ଦୂର କରିବେ। ଭଲ ବ୍ୟବହାରରେ ଲୋକମାନେ ଖୁସି ହେବେ। ନିଜ ଲୋକଙ୍କୁ ସାହାଯ୍ୟ କରିପାରନ୍ତି। ଭୁଲ୍‌ରୁ ଶିକ୍ଷା ପାଇବେ। ଅଜଣା ଲୋକଙ୍କ ଉପରେ ଭରସା ନକଲେ ଭଲ।

**କୁମ୍ଭ** – ଦିନଟି ଠିକ୍‌ଠାକ୍ ବିତିବ। ପରିବାରର କେହି ଜଣେ ସଫଳତା ପ୍ରାପ୍ତ କରିବେ। ପଦୋନ୍ନତି ମିଳିପାରେ। ଫାଲ୍‌ତୁ ଖର୍ଚ୍ଚ ନକଲେ ଭଲ। କୌଣସି ମିଠା ସ୍ମୃତିରୁ ଆନନ୍ଦ ପାଇବେ। ବ୍ୟାପାରରୁ ଲାଭ ମିଳିବ।

**ମୀନ** – ଦିନଟି ଖୁସିରେ ଭରିଦେବ। ଅଧିକ ସମୟ ପରିଜନଙ୍କ ସହିତ ବିତେଇବେ। ପିକ୍‌ନିକ୍‌ରେ ଯିବା ପାଇଁ ଯୋଜନା କରିପାରନ୍ତି। ଅଫିସ୍ କାମ ଅନୁକୂଳ ରହିବ। ସିନିୟର୍ସ ଆପଣଙ୍କ କଥାକୁ ଗୁରୁତ୍ୱ ଦେବେ।


## ଶ୍ରୀମଦ୍ ଭଗବଦ୍‌ଗୀତା



**ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ।**
**ବେଦ୍ୟଂ ପବିତ୍ରମୋଙ୍କାର ଋକ୍‌ସାମ ଯଜୁରେବ ଚ। (୯/୧୭)**

ମୁଁ ଏହି ଜଗତରେ ପିତା, ମାତା, ବିଧାତା, ପିତାମହ, ଯାହା କିଛି ଜାଣିବାର ବସ୍ତୁ ଓ ପବିତ୍ର ବସ୍ତୁ ସେ ସବୁ ଆମ୍ଭେ। ମୁଁ ବି ଓଁକାର ଓଁ ଋକ୍, ସାମ, ଯଜୁଃ, ବେଦସ୍ୱରୂପ। ଯେହେତୁ ଏହି ଜଗତ ସମେତ ସକଳ ବସ୍ତୁ ଭଗବାନଙ୍କ ଠାରୁ ଉତ୍ପତ୍ତି ହେଇଛି, ତେଣୁ ସେ ଏହାର ପିତା ଓ କାରଣସ୍ୱରୂପ। ସେ ମାତା କାହିଁକି ନା ସେ ଉପାଦାନ କାରଣ ପ୍ରକୃତି। ସେ ପାପ, ପୁଣ୍ୟର ଫଳଦାତା ହେଇଥିବାରୁ ସେ ବିଧାତା। ସେ ଜଗତର ମୂଳ କାରଣର କାରଣ ଅର୍ଥାତ ଅବ୍ୟକ୍ତ ପ୍ରକୃତିର କାରଣ ତେଣୁ ସେ ପିତାମହ। ଯାହା ଜାଣିଲେ ମୋକ୍ଷ ସମ୍ଭବ ତେଣୁ ସେ ଜ୍ଞେୟ ବସ୍ତୁ। ଓଁକାର ବା ପ୍ରଣବ ବ୍ରହ୍ମଜ୍ଞାନର ସେ ହିଁ ପ୍ରଧାନ ସାଧନ। ଯେହେତୁ ସେ ସମସ୍ତ ପାପର କ୍ଷାଳନକାରୀ, ତେଣୁ ସେ ପବିତ୍ର, ସେ ଋକ୍, ଯଜୁଃ ଓ ସାମ ବେଦସ୍ୱରୂପ ଅଟନ୍ତି। ଶ୍ରୀ ରାମକୃଷ୍ଣ କୁହନ୍ତି - ଭଗବାନ, ଭକ୍ତ ଓ ଭାଗବତ ଏକା ଜିନିଷ।

# ପେଙ୍ଗୁଇନ୍




**ପେଙ୍ଗୁଇନ୍ ଏକ ସାମାଜିକ ପ୍ରାଣୀ ଯିଏ ନିଜ ଜୀବନର ତିନି-ଚତୁର୍ଥାଂଶ ଭାଗ ସମୁଦ୍ରରେ ବିତାଇଥାଏ। କାରଣ ସେମାନଙ୍କର ଭୋଜନ ସମୁଦ୍ରରୁ ହିଁ ମିଳେ। ପ୍ରଦୂଷଣ ଓ ଅତ୍ୟଧିକ ମାଛ ଧରିବା ଯୋଗୁ ଏମାନଙ୍କର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ପର୍ଯ୍ୟାବରଣ ପରିବର୍ତ୍ତନ ମଧ୍ୟ ପେଙ୍ଗୁଇନ୍ ପ୍ରଜାତିଙ୍କ ପାଇଁ ଏକ ବଡ଼ ମୁଦ୍ଦା ହୋଇ ରହିଆସିଛି। ସେମାନଙ୍କର ଆବାସସ୍ଥାନ, ଅଣ୍ଡା ସମ୍ପର୍କୀୟ ପ୍ରକ୍ରିୟା ଓ ଭୋଜନର ଉପଲବ୍ଧତା ସମୁଦ୍ରର ବରଫ ସଂକୁଚିତ ହେବା ଦ୍ୱାରା ପ୍ରଭାବିତ ହୋଇଥାଏ। ତେଣୁ ଏହି ବିଶେଷ ଜୀବର ମହତ୍ତ୍ୱଗୁଡ଼ିକୁ ଆଖିଆଗରେ ରଖି ଆଜି ପୂରା ବିଶ୍ୱରେ ପାଳନ କରାଯାଉଛି ପେଙ୍ଗୁଇନ୍ ଦିବସ। ଆଜି ଜାଣିବା ପେଙ୍ଗୁଇନ୍‌ଙ୍କ ସମ୍ପର୍କରେ କିଛି ତଥ୍ୟ।**

- ପେଙ୍ଗୁଇନ୍‌ଙ୍କ ହାରାହାରି ଆୟୁ ୧୫-୨୦ ବର୍ଷ ହୋଇଥାଏ। ଏମାନେ ସମୁଦ୍ରର ପାଣି ପିଇପାରନ୍ତି।
- ଏମାନଙ୍କର ଓଜନ ୯ କି.ଗ୍ରା-୪୦ କି.ଗ୍ରା ପର୍ଯ୍ୟନ୍ତ ହୋଇଥାଏ।
- ଘଣ୍ଟା ପ୍ରତି ୧୫ ମାଇଲ୍ ପର୍ଯ୍ୟନ୍ତ ପେଙ୍ଗୁଇନ୍‌ମାନେ ପହଁରି ପାରନ୍ତି କିନ୍ତୁ ଉଡ଼ିପାରନ୍ତି ନାହିଁ।
- ଏହାର ପ୍ରଜାତିଙ୍କ ମଧ୍ୟରୁ ସମ୍ରାଟ ପେଙ୍ଗୁଇନ୍‌ମାନେ ସବୁଠାରୁ ଲମ୍ବା ହୋଇଥାନ୍ତି ଯେଉଁମାନଙ୍କର ଉଚ୍ଚତା ୧୨୦ ସେ.ମି, ଆକାର ୪୦-୧୧୪ ସେ.ମି ପର୍ଯ୍ୟନ୍ତ ହୋଇଥାଏ।
- ଏମାନେ ଅଧିକାଂଶ ସମୟ ପାଣିରେ ରହନ୍ତି ଓ କିଛି ସମୟ ସ୍ଥଳଭାଗରେ ମଧ୍ୟ ରହନ୍ତି।
- ଦୁଇ-ତୃତୀୟାଂଶ ପେଙ୍ଗୁଇନ୍ ପ୍ରଜାତିଙ୍କୁ ସଂକଟଗ୍ରସ୍ତ ବୋଲି ଘୋଷଣା କରାଯାଇଛି।
- ଗାଲାପାଗୋସ୍ ପେଙ୍ଗୁଇନ୍ ଏକମାତ୍ର ପେଙ୍ଗୁଇନ୍ ପ୍ରଜାତି ଯାହା ସ୍ୱାଭାବିକ ଭାବରେ ଭୂମଧ୍ୟରେଖାର ଉତ୍ତରରେ ଯାତ୍ରା କରନ୍ତି।

# କୁଲ୍ ରୁଫ୍ ଟେକ୍ନିକ୍

ବର୍ତ୍ତମାନ ଦିଲ୍ଲୀରେ ବସ୍ ଟର୍ମିନାଲ୍ ଓ ସରକାରୀ ବିଲ୍ଡିଂରେ କୁଲ୍ ରୁଫ୍ ଟେକ୍ନିକ୍‌ର ବ୍ୟବହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଟେକ୍ନିକ୍ କାରଣରୁ ଗରମ ଦିନରେ ଯାତ୍ରୀ ଓ ଅଫିସ୍‌ଗୁଡ଼ିକରେ କାମ କରୁଥିବା କର୍ମଚାରୀମାନେ ପ୍ରଚଣ୍ଡ ଖରାରେ ମଧ୍ୟ ଥଣ୍ଡା ଅନୁଭବ କରିବେ। କୁଲ୍ ରୁଫ୍ ଟେକ୍ନିକ୍‌ରେ ଛାତକୁ ଏହିଭଳି ଭାବରେ ନିର୍ମାଣ କରାଯାଇଥାଏ ଯେପରି ସୂର୍ଯ୍ୟଙ୍କ ପ୍ରକାଶର ଅଧିକାଂଶ ମାତ୍ରାକୁ ଏହା ପରିବର୍ତ୍ତିତ ବା ରିଫ୍ଲେକ୍ଟ କରିପାରିବ। ଏହିଭଳି ଭାବରେ ସୂର୍ଯ୍ୟାଲୋକ କାରଣରୁ ହେଉଥିବା ଗରମକୁ ଛାତ ଅବଶୋଷିତ କରିବ ନାହିଁ ଓ ବିଲ୍ଡିଂର ତାପମାତ୍ରା କମ୍ ରହିବ। ଏହି ଟେକ୍ନିକ୍ ସାମାନ୍ୟ ଛାତଗୁଡ଼ିକ ତୁଳନାରେ କମ୍ ଗରମକୁ ଅବଶୋଷିତ କରେ ଯେଉଁ କାରଣରୁ ପୂରା ବିଲ୍ଡିଂରେ କମ୍ ଗରମ ଅନୁଭୂତ ହୁଏ। କୁଲ୍ ରୁଫ୍ ଟେକ୍ନିକ୍‌ରେ ଛାତଗୁଡ଼ିକରେ ରିଫ୍ଲେକ୍ସନ୍ ପାଇଁ ବିଶେଷ ମ୍ୟାଟେରିଆଲ୍‌ର ବ୍ୟବହାର କରାଯାଇଥାଏ ଯାହା ସୂର୍ଯ୍ୟାଲୋକରେ ଥିବା ଅତି ବାଇଗଣି କିରଣକୁ ପରିବର୍ତ୍ତିତ କରିବାରେ ସକ୍ଷମ ହୋଇଥାଏ। କୁଲ୍ ରୁଫ୍ ଟେକ୍ନିକ୍‌ରେ ହାଇ ଟେମ୍ପରେଚର୍ ରିଫ୍ଲେକ୍ଟ ହୋଇଥାଏ ଯାହା ଅବଶୋଷିତ ଗରମକୁ ଦ୍ରୁତଗତିରେ ଛାଡ଼ିଦିଏ। ଏହି କାରଣରୁ ଏହା ପାରମ୍ପରିକ ଛାତଗୁଡ଼ିକ ତୁଳନାରେ ଥଣ୍ଡା ରହିପାରେ। ତେବେ ସାଧାରଣ ଛାତକୁ କୁଲ୍ ରୁଫ୍ କରିବା ପାଇଁ ଫାଇବରଗ୍ଲାସ୍ ଓ୍ୱେବ୍‌ରେ ନିର୍ମିତ ଡାମର ସିଂଗଲ୍‌ର ବ୍ୟବହାର କରାଯାଏ। ଏଥିରେ ଫାଇବରଗ୍ଲାସ୍ ଉପରେ ସିରେମିକ୍‌ର କୋଟିଂ କରାଯାଏ ଯାହା ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଗରମ କିରଣକୁ ରିଫ୍ଲେକ୍ଟ କରିଦିଏ। ଏହା ବ୍ୟତୀତ କେତେକ ସ୍ଥାନରେ କାଠର ସିଂଗଲ୍, ପଲିମର୍ ସିଂଗଲ୍, ମାଟିରେ ନିର୍ମିତ ଟାଇଲ୍, କଂକ୍ରିଟ୍ ଟାଇଲ୍, ସ୍ଲେଟ୍ ଟାଇଲ୍‌ଗୁଡ଼ିକର ବ୍ୟବହାର କରାଯାଏ।



# ଘରକୁ ଫେରିବେ ଦୁଇଟି ଶୋ'!



୧୯ ବର୍ଷ ପୂର୍ବରୁ ସୋନି ଟିଭିରେ ଅଭିନେତା ଅର୍ଶାଦ ଓ୍ୱାର୍‌ସୀଙ୍କ ସହିତ 'ବିଗ୍ ବସ୍'ର ପ୍ରଥମ ସିଜିନ ଅନ୍‌ଏୟାର୍ ହୋଇଥିଲା। କିନ୍ତୁ ପ୍ରଥମ ସିଜିନରେ ଶୋ'କୁ ମିଳିଥିବା ସଫଳତା ପରେ ଏହି ରିୟଲିଟି ଶୋ'କୁ କଲର୍ସ ଟିଭିକୁ ସିଫ୍ଟ କରିଦିଆଯାଇଥିଲା। ରିୟଲିଟି ଶୋ' 'ଖତରୋଁ କି ଖିଲାଡ଼ି' ସହିତ ମଧ୍ୟ ଏହିପରି କିଛି ହୋଇଥିଲା। 'ଫିଅର୍ ଫ୍ୟାକ୍ଟର ଇଣ୍ଡିଆ' ନାମରେ ଆରମ୍ଭ ହୋଇଥିବା ଏହି ଶୋ'ର ପ୍ରଥମ ସିଜିନ ସୋନି ଟିଭିରେ ଅନ୍‌ଏୟାର୍ ହୋଇଥିଲା ଓ ପରେ ଏହାର ନାମ ପରିବର୍ତ୍ତନ କରାଯାଇ 'ଫିଅର୍ ଫ୍ୟାକ୍ଟର-ଖତରୋଁ କି ଖିଲାଡ଼ି' ନାମ ସହିତ ନୂଆ ଚ୍ୟାନେଲ୍ ଅର୍ଥାତ କଲର୍ସ ଟିଭିରେ ପ୍ରସାରଣ କରାଯାଇଥିଲା। ତେବେ ପାଖାପାଖି ଦୁଇ ଦଶକ ପରେ ଏହି ଦୁଇଟି ରିୟଲିଟି ଶୋ' ପୁଣି ଥରେ ଘରକୁ ଫେରୁଛନ୍ତି ଅର୍ଥାତ ସୋନି ଟିଭିରେ ପ୍ରସାରିତ ହେବାର ଖବର ଖୁବ୍ ଭାଇରାଲ୍ ହେଉଛି। ରିୟଲିଟି ଶୋ'କୁ ନେଇ ସୋନି ଟିଭିର ରହିଛି ଏକ ଭିନ୍ନ ପରିଚୟ। ଦୁଇ ବର୍ଷ ପୂର୍ବରୁ 'ଝଲକ୍ ଦିଖ୍‌ଲା ଯା' ଓ 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ' ପରି ଦୁଇଟି ବଡ଼ ଶୋ' ସୋନି ଟିଭିକୁ ସିଫ୍ଟ ହୋଇଥିଲେ। ଏହି ଦୁଇଟି ଶୋ' ମଧ୍ୟରୁ ଝଲକ୍ ଦିଖଲା ଯା, ସୋନି ଟିଭିରୁ ଆରମ୍ଭ ହୋଇଥିଲା। କିନ୍ତୁ ଏହାର ଚାରିଟି ସିଜିନ ପରେ ଏହା କଲର୍ସ ଟିଭି ଆଡ଼କୁ ଆକର୍ଷିତ ହୋଇଥିଲା। ତେବେ ବିଗତ ଦୁଇ ବର୍ଷ ହେଲାଣି 'ବିଗ୍ ବସ୍' କଲର୍ସ ଟିଭିକୁ ଛାଡ଼ି ଅନ୍ୟ କୌଣସି ଚ୍ୟାନେଲ୍‌କୁ ଶିଫ୍ଟ ହେବା ଖବର ଶୁଣିବାକୁ ମିଳୁଥିଲା। ତେଣୁ ଷ୍ଟାର୍ ପ୍ଲସ୍ ଏହି ଶୋ'କୁ ନେବା ପାଇଁ ଚେଷ୍ଟା କରୁଛି। ରେଟିଂ ଓ ରାଙ୍କିଙ୍ଗ୍ କଥା ଯଦି ଆସେ ତେବେ ଉପରୋକ୍ତ ଦୁଇଟି ଶୋ' ପାଇଁ ଷ୍ଟାର୍ ପ୍ଲସ୍ ଲାଭକାରୀ ପ୍ରମାଣିତ ହୋଇପାରେ। କାରଣ ଏହା ଏବେ ନମ୍ବର ଓ୍ୱାନ ଚ୍ୟାନେଲ୍ ଭାବରେ ରହିଥିବା ବେଳେ ରାଙ୍କିଙ୍ଗ୍ ଚାଟ୍‌ରେ ଶେଷ ନମ୍ବରରେ ରହିଛି ସୋନି ଟିଭି।

# ଭୋଜପୁରୀ ସିନେମାର ଶାହାରୁଖ ଖାନ



ସିନେମା ଜଗତରେ ଭୋଜପୁରୀ ସିନେମାର ରହିଛି ସ୍ୱତନ୍ତ୍ର ସ୍ଥାନ। ସେଠାରେ ମନୋଜ ତିଓ୍ୱାରୀ ଓ ରବି କିଷନଙ୍କ ପରି ଅନେକ ବଡ଼ ବଡ଼ କଳାକାରଙ୍କ ନାମ ରହିଛି ଯେଉଁମାନଙ୍କର ଅଛି ଲମ୍ବା ପ୍ରଶଂସକଙ୍କ ଧାଡ଼ି। କିନ୍ତୁ ଆଜିର ସମୟରେ ପବନ ସିଂହ, ଖେସାରୀ ଲାଲ୍ ଯାଦବ ଓ ଦିନେଶ ଲାଲ୍ ଯାଦବଙ୍କର ଡିମାଣ୍ଡ ଅଧିକ ଥିବାର ମନେହୁଏ। ଯେଉଁଭଳି ଭାବରେ ରବି କିଷନଙ୍କୁ ଭୋଜପୁରୀ ସିନେମାର ଅମିତାଭ ବଚ୍ଚନ ବୋଲି କୁହାଯାଏ ସେହିପରି ପବନ ସିଂହଙ୍କୁ ସଲମାନ ଖାନ ବୋଲି କୁହାଯାଏ। କିନ୍ତୁ ଭୋଜପୁରୀ ଇଣ୍ଡଷ୍ଟ୍ରିର ଶାହାରୁଖ ଖାନ କିଏ ବୋଲି ଏକ ପ୍ରଶ୍ନର ଉତ୍ତରରେ ପବନ ସିଂହ, ଦିନେଶ ଲାଲଙ୍କୁ ଶାହାରୁଖ ଖାନ ବୋଲି କହିଛନ୍ତି। ଏହାର କାରଣ ତାଙ୍କ ପରି ରୋମାଣ୍ଟିକ ସିନ୍ କେହି କରିପାରନ୍ତି ନାହିଁ। ତେବେ ଏହା ଶୁଣିବା ପରେ ଦିନେଶ ଲାଲ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏହା ପବନ ସିଂହଙ୍କର ବଡ଼ପଣ ଯେ ମୋତେ ବଲିଉଡ୍‌ର କିଙ୍ଗ୍ ଶାହାରୁଖ ଖାନଙ୍କ ସହିତ ତୁଳନା କରିଛନ୍ତି। କିନ୍ତୁ ପବନ ସିଂହ ନିଜେ ମଧ୍ୟ ଜଣେ ଶକ୍ତିଶାଳୀ ଓ ପ୍ରତିଭାବାନ କଳାକାର। ତେଣୁ ଯେଉଁଭଳି ଭାବରେ ସେ କାମ କରୁଛନ୍ତି ଭୋଜପୁରୀ ସିନେମାର ଅସଲ କିଙ୍ଗ୍ ହେଉଛନ୍ତି ପବନ ସିଂହ ବୋଲି କହିଛନ୍ତି ଦିନେଶ ଲାଲ୍। ତେବେ ଏହି ଦୁଇ ଜଣ କଳାକାର ୨୦୦୮ରେ ଫିଲ୍ମ 'ପ୍ରତିଜ୍ଞା'ରେ ଏକା ସହିତ କାମ କରିଥିଲେ। ଏହାପରେ ଅନ୍ୟ କେତୋଟି ଫିଲ୍ମରେ ମଧ୍ୟ ଏମାନଙ୍କୁ ଦେଖିବାକୁ ମିଳିଥିଲା ଓ ଭୋଜପୁରୀ ସିନେମାରେ ଏହି କଳାକାରମାନଙ୍କ କାମକୁ ଦର୍ଶକମାନେ ଖୁବ୍ ପସନ୍ଦ କରୁଛନ୍ତି। କୌଣସି ଇଭେଣ୍ଟ୍‌ରେ ଏମାନେ ପରସ୍ପରର ପ୍ରଶଂସା କରୁଥିବାର ପ୍ରାୟତଃ ଦେଖିବାକୁ ମିଳେ। ତେଣୁ ଆଜି ପର୍ଯ୍ୟନ୍ତ ଏମାନଙ୍କ ମଧ୍ୟରେ କୌଣସି ମତଭେଦ ଥିବାର ଖବର ଶୁଣିବାକୁ ମିଳିନାହିଁ।



# ବିଶ୍ୱ ମ୍ୟାଲେରିଆ ଦିବସ

ଏହା ଏକ ବୈଶ୍ୱିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ। ପରଜୀବୀ ମାଦା ଆନୋଫିଲିସ୍ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ବ୍ୟାପିଥାଏ। ଏହା ଏକ ଗମ୍ଭୀର ଓ ଜୀବନହାନି ରୋଗ। ପ୍ରତିବର୍ଷ ୨୦୦ କୋଟି ଲୋକଙ୍କୁ ଏହା ନିଜ ନିୟନ୍ତ୍ରଣ ମଧ୍ୟକୁ ନେଇଥାଏ। ପ୍ଲାସ୍ମୋଡିୟମ୍ ପରଜୀବୀ ଏକ ଜଟିଳ ଜୀବନଚକ୍ର ପ୍ରାପ୍ତ କରିଥାନ୍ତି ଯାହାର ପରିଣାମସ୍ୱରୂପ ସମୟ ସମୟରେ ଜ୍ୱର ଆସେ। ଏହା ଏକକୋଷିକୀୟ ଜୀବମାନଙ୍କର ଏକ ସମୂହ। କିନ୍ତୁ ମ୍ୟାଲେରିଆ ମାମଲାରେ ଅଧିକାଂଶ ରୋଗୀ ଉପଚାର ପରେ ମ୍ୟାଲେରିଆ ଲକ୍ଷଣରୁ ଶୀଘ୍ର ଠିକ୍ ହୋଇଯାଆନ୍ତି କିନ୍ତୁ ଉପଚାରରେ ବିଳମ୍ବ ହେଲେ ଗମ୍ଭୀର ପରିଣାମ ଭୋଗ କରିବାକୁ ପଡ଼େ। ମ୍ୟାଲେରିଆର ଲକ୍ଷଣରେ ଜ୍ୱର ଆସିବା ସହିତ ଥଣ୍ଡା ଲାଗିବାର ସମସ୍ୟା ଏକ ସାଧାରଣ ଲକ୍ଷଣ। ମ୍ୟାଲେରିଆ ପରଜୀବୀ ଶରୀରରେ ପ୍ରବେଶ କରିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ନିଷ୍କ୍ରିୟ ରହିପାରନ୍ତି। ସେଥିପାଇଁ ଅନେକ ସମୟରେ ଏହାର ଲକ୍ଷଣ ଜଣାପଡ଼ିବାରେ ବିଳମ୍ବ ହୋଇପାରେ। ତେଣୁ ସମୟ ଥାଉ ଥାଉ ରୋଗର ଚିକିତ୍ସା ପ୍ରାପ୍ତ କରିବା ଉଚିତ। କମ୍ପ ଆସିବା, ମୁଣ୍ଡବିନ୍ଧା, ବାନ୍ତି ଲାଗିବା, ପେଟ ଓ ମାଂସପେଶୀରେ ବ୍ୟଥା, ମଳରେ ରକ୍ତ ଆସିବାର ସମସ୍ୟା ଦେଖାଦିଏ। ସଂକ୍ରମିତ ମଶାଗୁଡ଼ିକରେ ପ୍ଲାସ୍ମୋଡିୟମ୍ ପରଜୀବୀ ଅଟନ୍ତି। ଯେତେବେଳେ ଏହି ମଶା କାମୁଡ଼େ ପରଜୀବୀ ବ୍ୟକ୍ତିର ଶରୀରର ରକ୍ତରେ ମିଶିଯାଆନ୍ତି। ଏହି ପରଜୀବୀ ଲିଭର୍‌ରେ ପହଞ୍ଚି ନୂଆ ପରଜୀବୀ ସୃଷ୍ଟି କରନ୍ତି। ଏହାପରେ ପରିପକ୍ୱ ପରଜୀବୀମାନେ ରକ୍ତପ୍ରବାହରେ ପ୍ରବେଶ କରି ଓ ଲାଲ୍ ରକ୍ତ କୋଷିକାଗୁଡ଼ିକୁ ସଂକ୍ରମିତ କରିବା ଆରମ୍ଭ କରିଦିଅନ୍ତି। ସଂକ୍ରମଣ ପରେ ଏହାର ଲକ୍ଷଣ ଦେଖାଯିବା ପାଇଁ ୧୦-୧୫ ଦିନର ସମୟ ଲାଗିପାରେ। ମ୍ୟାଲେରିଆର ସଂକ୍ରମଣ ବର୍ଷା ଦିନରେ ଅଧିକ ହୁଏ କିନ୍ତୁ ଏହା ଅନ୍ୟ ଋତୁରେ ମଧ୍ୟ ଲୋକମାନଙ୍କୁ ଆକ୍ରାନ୍ତ କରିଥାଏ। ତେବେ ଏହାର ଉପଚାରରେ ରକ୍ତ ପରୀକ୍ଷାର ଆବଶ୍ୟକତା ରହିଛି। ଡାକ୍ତରମାନଙ୍କ ପରାମର୍ଶରେ ଏହାର ଔଷଧର କୋର୍ସ ପୂରା କରିବା ଉଚିତ। ଲକ୍ଷଣ କମ୍ ନହେବା ପର୍ଯ୍ୟନ୍ତ ଔଷଧ ସେବନ କରିବା ଆବଶ୍ୟକ।

# ହୋଲିଷ୍ଟିକ୍ ଚିକିତ୍ସା

ବ୍ରିଟ୍‌ନୀ ବ୍ଲାଣ୍ଡ୍ ନାମକ ୪୧ ବର୍ଷୀୟା ଜଣେ ମହିଳା ଆଶ୍ଚର୍ଯ୍ୟ କରିବା ପରି ତଥ୍ୟ ଦେଇଛନ୍ତି। ସେ ବିଗତ କେତେ ବର୍ଷ ହେଲାଣି ସାବୁନ, ଟୁଥପେଷ୍ଟ, ଶାମ୍ପୁ ଓ ଡିଓ ପର୍ଯ୍ୟନ୍ତ ସବୁ ଜିନିଷର ବ୍ୟବହାର କରିବା ବନ୍ଦ କରିଦେଇଛନ୍ତି। ବ୍ରିଟ୍‌ନୀ ପେସାରେ ଜଣେ ନର୍ସ ଓ ତାଙ୍କର ତିନୋଟି ପିଲା ଅଛନ୍ତି। ୨୦୧୫ରେ ତାଙ୍କର ଅଚାନକ ଓଜନ ବୃଦ୍ଧି ହୋଇଗଲା ଓ ବିଭିନ୍ନ ପ୍ରକାରର ସମସ୍ୟା ଦେଇ ସେ ଗତି କଲେ। ତାଙ୍କର ଦୁଇଟି ମେଜର ଅପରେସନ୍ ହେବା ପରେ ମଧ୍ୟ ସମସ୍ୟାରୁ ସେ ନିସ୍ତାର ପାଇଲେ ନାହିଁ। ୨୦୨୩ରେ ସେ ଜାଣିବାକୁ ପାଇଲେ ଯେ ଏହଲର୍ସ-ଡାନଲସ୍ ସିଣ୍ଡ୍ରୋମ୍



ଦ୍ୱାରା ସେ ଆକ୍ରାନ୍ତ ହୋଇଛନ୍ତି ଯେଉଁ କାରଣରୁ ତାଙ୍କ ଶରୀର ଦିନକୁ ଦିନ ଶେଷ ହେବାକୁ ଯାଉଛି। ଏଲୋପାଥି ଔଷଧର ବ୍ୟବହାର କରି ବିଫଳ ହୋଇଥିବା ବ୍ରିଟ୍‌ନୀ ଏହିଠାରୁ ନିଜ ଜୀବନରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥିଲେ। ସେ ହୋଲିଷ୍ଟିକ୍ ଚିକିତ୍ସାକୁ ଆପଣାଇ ସମ୍ପୂର୍ଣ୍ଣ ଭାବରେ ପ୍ରାକୃତିକ ଜିନିଷଗୁଡ଼ିକ ଉପରେ ଭରସା କରିବାକୁ ଲାଗିଲେ। ବ୍ୟବହାର କରୁଥିବା ସମସ୍ତ ରସାୟନଯୁକ୍ତ ଉତ୍ପାଦଗୁଡ଼ିକୁ ସେ ବନ୍ଦ କରିଦେବା ପରେ ସେ ଶାମ୍ପୁ ସ୍ଥାନରେ ସୋଡ଼ା ଓ ସିର୍‌କା, ଟୁଥ୍‌ପେଷ୍ଟ ବଦଳରେ ଘରେ ତିଆରି କରିଥିବା ମଞ୍ଜନ ଓ ଡିଓ ବଦଳରେ ମ୍ୟାଗ୍ନେସିୟମ୍‌ରୁ ତିଆରି ଡିଓର ବ୍ୟବହାର କରୁଛନ୍ତି। ଏହାପରେ ତାଙ୍କ ଜୀବନରେ ଆସିଛି ସକାରାତ୍ମକ ପରିବର୍ତ୍ତନ। ତାଙ୍କର ଦାନ୍ତ ମଜଭୁତ ହୋଇଛି, କେଶ ସୁସ୍ଥ ଓ ଘନ ହୋଇଛି ଓ ଶରୀରରୁ ମଧ୍ୟ କୌଣସି ପ୍ରକାରର ଦୁର୍ଗନ୍ଧ ଆସୁନାହିଁ। ଏବେ ସେ ଲୋକମାନଙ୍କୁ ଏ ସମ୍ପର୍କରେ କହିବା ସହିତ ନିଜର ହୋଲିଷ୍ଟିକ କେୟାର୍ ବ୍ରାଣ୍ଡ୍ ଖୋଲିଛନ୍ତି।

ତେବେ ହୋଲିଷ୍ଟିକ୍ ଚିକିତ୍ସା ପଦ୍ଧତିକୁ ସମଗ୍ର ଉପଚାର ବୋଲି ମଧ୍ୟ କୁହାଯାଏ। ଏହା ଏପରି ଏକ ଦୃଷ୍ଟିକୋଣ ଯାହା ଶରୀର, ମନ ଓ ଆତ୍ମାକୁ ଏକା ସହିତ ଯୋଡ଼ି ସ୍ୱାସ୍ଥ୍ୟକୁ ଆହୁରି ଉନ୍ନତମାନର କରାଇଥାଏ। ଏହି ଦୃଷ୍ଟିକୋଣ ବ୍ୟକ୍ତିର ଶାରୀରିକ, ମାନସିକ, ଭାବନାତ୍ମକ ଓ ଆଧାତ୍ମିକ ଆବଶ୍ୟକତାଗୁଡ଼ିକୁ ଏକା ସହିତ ସମ୍ବନ୍ଧିତ କରାଇଥାଏ। ଏଥିରେ ସାଧାରଣତଃ ପ୍ରାକୃତିକ ଓ ସୁରକ୍ଷିତ ଉପଚାର ବିଧିଗୁଡ଼ିକର ବ୍ୟବହାର କରାଯାଏ ଯଥା-ଯୋଗ, ଧ୍ୟାନ, ମାଲିସ୍ ଓ ହର୍ବାଲ୍ ଉପଚାର ଆଦି।

# ଜାତୀୟ ପଞ୍ଚାୟତିରାଜ ଦିବସ

**ଢେଙ୍କାନାଳ,୨୪।୪/ଏନ୍ଏନ୍ଏସ୍:** ଆଜି ସାରା ଦେଶ ତଥା ରାଜ୍ୟରେ ଜାତୀୟ ପଞ୍ଚାୟତି ରାଜ ଦିବସ ପାଳନ କରାଯାଉଛି । ଏହି ଅବସରରେ ଆଜି ପୂର୍ବାହ୍ନରେ ମହିଷାପାଟ ସ୍ଥିତି ପଲ୍ଲିଶ୍ରୀ ମେଳା ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଗୃହ ଓ ନଗର କାର୍ଯ୍ୟକାରିତା ଓ ଦେଶର ସାମୂହିକ ବିକାଶ ପାଇଁ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଆମ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥା ଯୋଗୁଁ ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ



ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଗ୍ରାମାଞ୍ଚଳର ବିକାଶ ହେଲେ ଦେଶର ବିକାଶ ହୋଇପାରିବ ବୋଲି କହିଥିଲେ। ତୃଣମୂଳ ସ୍ତରରୁ ସମସ୍ତଙ୍କର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସଂକଳ୍ପବଦ୍ଧ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଇ ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରି ଲୋକମାନଙ୍କୁ ସମସ୍ତ ପ୍ରକାର ସେବା ଦେବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଢେଙ୍କାନାଳର ଐତିହ୍ୟ, ସଂସ୍କୃତି, ପରମ୍ପରା, ପର୍ଯ୍ୟଟନ କ୍ଷେତ୍ର, କୃଷି, ଉଦ୍ୟାନ କ୍ଷେତ୍ରରେ ପ୍ରସିଦ୍ଧି ରହିଛି ବୋଲି ପ୍ରକାଶ କରିଥିଲେ। ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗର ମାନ୍ୟବର ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ହର୍ଷବର୍ଦ୍ଧନ ସିଂହଦେଓ, ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷ କାଳନ୍ଦି ଚରଣ ବାରିକ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥା, ଏହାର ସମ୍ଭବ ହୋଇପାରିଛି କହିଥିଲେ। ସଂପୃକ୍ତ ଅଧିକାରୀମାନଙ୍କ ପୂର୍ଣ୍ଣ ସହଯୋଗ ଦ୍ୱାରା ଜିଲ୍ଲାରେ ସୁଭଦ୍ରା ଯୋଜନା ଓ ଆୟୁଷ୍ମାନ ଯୋଜନା ସଫଳତାର ସହ କାର୍ଯ୍ୟ କରୁଥିବା ପ୍ରକାଶ କରିଛନ୍ତି। ଜିଲ୍ଲାର ୧୫,୪୦୦ ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଏହି ଅବସରରେ ଜିଲ୍ଲାର ୧୫ଟି ଅଗ୍ରଣୀ ଗ୍ରାମ ପଞ୍ଚାୟତକୁ ଆର୍ଥିକ ସହାୟତା ରାଶି ପ୍ରଦାନ, ହିତାଧିକାରୀଙ୍କୁ ପ୍ରତିମାତ୍ମକ ରାସନ କାର୍ଡ ଏବଂ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିପ୍ତି ରଞ୍ଜନ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଜମ୍ମୁ କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀଙ୍କ ହାମଲାରେ ମୃତକ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସତ୍ୟନାରାୟଣ କର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଜାତା ଶୁଭଦର୍ଶିନୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ‘୨୦୩୬ରେ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହେବ’

**ଜଗତସିଂହପୁର,୨୪।୪/ଏନ୍ଏନ୍ଏସ୍:** ଗୁରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡ଼ିଆ ଠାରେ ଜିଲ୍ଲା ପ୍ରଶାସନ ଓ ଜଗତସିଂହପୁର ପଞ୍ଚାୟତ ସମିତି ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ବସ୍ତ୍ରଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଲୋକଙ୍କ ନିକଟରେ ସରକାରଙ୍କ ସମସ୍ତ ଯାଇ ବିକାଶ କରାଯାଉଛି। ଏଥି ନିମନ୍ତେ କେନ୍ଦ୍ର ସରକାର ପ୍ରତ୍ୟେକ ପଞ୍ଚାୟତର ବିକାଶ ପାଇଁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଯୋଗାଇଛନ୍ତି। ଏଥି ସହିତ ମହିଳାମାନଙ୍କ ବିକାଶହେଲେ ପରିବାର ବିକାଶ ହେବ। ଚାଷୀଙ୍କ ଆୟ ଦ୍ୱିଗୁଣିତ ହେଲେ ଦେଶର ବିକାଶ ହୋଇ ପାରିବ ବୋଲି ସୁଚନା ଦେଇଥିଲେ। ଜଗତସିଂହପୁର ଯୁବ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ, ଭାରତ ବର୍ଷ ବିଶ୍ୱ ଅର୍ଥନୀତିରେ ୫ମ ସ୍ଥାନ ଅଧିକାର କରିଛି। ଅର୍ଥନୀତି ସୁଦୃଢ଼ କରିବା ପାଇଁ



ଯୋଜନା ପହଞ୍ଚାଇ, ସମସ୍ତଙ୍କ ସହଯୋଗରେ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଲୋକଙ୍କ ଉନ୍ନତି ହେଲେ, ପରିବାର, ଗାଁ, ପଞ୍ଚାୟତ, ବ୍ଲକ, ଜିଲ୍ଲା ତଥା ରାଜ୍ୟର ଉନ୍ନତି ହେବ। ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟକରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ସାଂସଦ ଡ. ବିଭୁ ପ୍ରସାଦ ତରାଇ ଯୋଗଦେଇ ଆଜି ସାରା ଦେଶର ସମସ୍ତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନିଆଯାଇ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ସରକାରଙ୍କ ଉତର ଦାୟୀତ୍ୱ ହେଉଛି ଦେଶର ବିକାଶ କରିବା। ପଞ୍ଚାୟତକୁ ଏକ ୟୁନିଟ୍ ଭାବେ ନିଆ ହେଲେ ମା’ ମାନଙ୍କର ଅର୍ଥନୀତିକୁ ପ୍ରଥମେ ସୁଦୃଢ଼ କରିବା ଆବଶ୍ୟକ ବୋଲି ସୁଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଜିଲ୍ଲାପାଳ ଶ୍ରୀ ସୋନାଲ ପଞ୍ଚାୟତରାଜ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ। ପରେ ଅତିଥିମାନେ ଜିଲ୍ଲା ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୁଜଙ୍ଗ ବ୍ଲକର ନୁଆଗଡ ପଞ୍ଚାୟତ ଓ ଏରସମା ବ୍ଲକର ଏରସମା ପଞ୍ଚାୟତର ସରପଞ୍ଚଙ୍କୁ ୩ଲକ୍ଷ ୮୬ ହଜାର ୪୭୩ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାର ୫ଜଣ ଲକ୍ଷପତି ଦିଦିଙ୍କୁ ପୁରସ୍କାର ଓ ଜିଲ୍ଲାର ୫ଟି ପଞ୍ଚାୟତକୁ ଗୋଷ୍ଠୀ ବିନିମୟ ପାଣ୍ଠି ମାଧ୍ୟମରେ ୩୫ଲକ୍ଷ ଟଙ୍କା ପ୍ରଦାନ କରା ଯାଇଥିଲା।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ଆସନ୍ତା ୪ ବର୍ଷ ଭିତରେ କେହି ଭୂମିହୀନ ରହିବେ ନାହିଁ: ମନ୍ତ୍ରୀ

**କେନ୍ଦ୍ରାପଡ଼ା,୨୪।୪/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୫ର ଶୁଭ ଉଦ୍‌ଘାଟନ କରିଥିଲେ। ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କେନ୍ଦ୍ରାପଡ଼ା ଜିଲ୍ଲାର ସଦର ମହକୁମାସ୍ଥିତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆ ଓ ଆଠଟି ବ୍ଲକ ପରିସରରେ ଆୟୋଜନ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, କେନ୍ଦ୍ରାପଡ଼ା ଲୋକସଭା ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଲୋକତନ୍ତ୍ରରେ ପଞ୍ଚାୟତିରାଜର ଗୁରୁତ୍ୱ ମହତ୍ତ୍ୱପୂର୍ଣ୍ଣ ଓ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ



ବ୍ୟବସ୍ଥାର ସୁଫଳ ଆଜି ଲୋକମାନେ ପାଇପାରୁଛନ୍ତି। ବିଜେପି ସରକାର ଲୋକମାନଙ୍କର ଓ ଲୋକମାନେ ହିଁ ଆଜିର ସରକାରରେ ମାଲିକ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଲୋକମାନଙ୍କ ନିକଟରେ ମୌଳିକ ସୁବିଧା ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳକାରି ଯୋଜନାଗଡ଼ିକୁ ପହଞ୍ଚାଇବା ନିମନ୍ତେ ସମସ୍ତଙ୍କର ସହଯୋଗ ସେ କାମନା କରିଥିଲେ। ଆଗାମୀ ୪ ବର୍ଷ ଭିତରେ ଗରିବ ଭୂମିହୀନ ବ୍ୟକ୍ତିଙ୍କୁ ରାଜ୍ୟ ସରକାର ୪ ଡେସିମିଲ ଜାଗା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। ଗାଁର ବିକାଶ ହେଲେ ରାଜ୍ୟର ବିକାଶ ହେବ ଓ ୨୦୩୬ ମସିହା ସୁଦ୍ଧା ବିକଶିତ ରାଜ୍ୟ ଗଠନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି କ୍ରମରେ ଇ-ପଞ୍ଚାୟତ ସଭା ଓ ପିପିଏମ୍ଏସ୍ ପୋର୍ଟାଲର ଉନ୍ମୋଚନ, ପଞ୍ଚାୟତ ମନିଟରିଂ ସିଷ୍ଟମ (ପୋର୍ଟାଲ ଓ ମୋବାଇଲ ଆପ)ର ଶୁଭାରମ୍ଭ କରାଯାଇଥିଲା। ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ରାଜ୍ୟର ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନକାର୍ଡ ପ୍ରଦାନର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ କରିଥିବା ବେଳେ ଜିଲ୍ଲାସ୍ତରୀୟ ସମାରୋହରେ ରାଜସ୍ୱ ମନ୍ତ୍ରୀ ୧୨ ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରିଥିବା ବେଳେ ଅନ୍ତ୍ୟୋଦୟ ଯୋଜନାରେ ୪ ଜଣଙ୍କୁ ବାସଗୃହ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଉତ୍ତମ କାର୍ଯ୍ୟଦକ୍ଷତା ଓ ନିଜସ୍ୱ ଆୟ ବୃଦ୍ଧି କରିଥିବା ଆଧାରରେ ପଞ୍ଚାୟତଗୁଡିକୁ କ, ଖ ଓ ଗ ବର୍ଗୀକରଣ କରାଯାଇ କେନ୍ଦ୍ରାପଡ଼ା ଜିଲ୍ଲାର ୨୨ ଗୋଟି ଗ୍ରାମ ପଞ୍ଚାୟତକୁ ପଞ୍ଚମ ରାଜ୍ୟଅର୍ଥ ଆୟୋଗ (ଏସଏଫସି) ପକ୍ଷରୁ ପ୍ରଦାନ କରିବାକୁ ଥିବା ପ୍ରୋତ୍ସାହନ ରାଶି ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ମନ୍ତ୍ରୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ମୁଖ୍ୟ ଅତିଥି ଶୁଭାରମ୍ଭ କରିବା ପରେ ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ଗାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାସ୍ତରୀୟ ଉତ୍ସବରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ରାଜ୍ୟ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାର ସଫଳ ରୂପାୟନ, ରାଜସ୍ୱ ଆଦାୟ, ପର୍ଯ୍ୟଟନ ଓ ଶିଳ୍ପର ବିକାଶ ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ଜନ ଶୁଣାଣିରେ ଅଭିଯୋଗଗୁଡିକର ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାସ୍ତରୀୟ ଓ ମଣ୍ଡଳସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି, ଜିଲ୍ଲା ପରିଷଦ ଓ ପଞ୍ଚାୟତର ସଭ୍ୟ/ସଭ୍ୟା, ସରପଞ୍ଚ, ୱାର୍ଡ ମେମ୍ବର, ନୂତନ ରାସନକାର୍ଡ ଯୋଗ୍ୟ ହିତାଧିକାରୀ, ଦଳୀୟ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଏନ୍‌କାଉଣ୍ଟରରେ ଅପରାଧୀ ହୁଣ୍ଡ ଆହତ

**ଢେଙ୍କାନାଳ,୨୪।୪/ଏନ୍ଏନ୍ଏସ୍:** ଢେଙ୍କାନାଳରେ ପୁଲିସର ଏନ୍‌କାଉଣ୍ଟରରେ କୁଖ୍ୟାତ ଅପରାଧୀ ହୁଣ୍ଡ ଓରଫ ଦେବାଶିଷ ବେହେରାକୁ ଆହତ। ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ସାଉଁଳିଆ ଜଙ୍ଗଲରେ ପୁଲିସ ଏହି ଏନକାଉଣ୍ଟର କରିଛି। ହୁଣ୍ଡର ଡାହାଣ ଗୋଡ଼ରେ ଲାଗିଛି ଗୁଳି । ହୁଣ୍ଡକୁ ଗୁରୁତର ଅବସ୍ଥାରେ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ଏସସିବିକୁ ସ୍ଥାନାନ୍ତରିତ କରାଯାଇଛି। ଆଜି ଭୋର ପ୍ରାୟ ସାଢ଼େ ୪ଟା ସମୟରେ ଏହି ଏନକାଉଣ୍ଟର କରାଯାଇଛି। ହୁଣ୍ଡ ‘କିଙ୍ଗ ଅଫ ଫରେଷ୍ଟ’ ଗ୍ୟାଙ୍ଗର ସଦସ୍ୟ ଓ କାମାକ୍ଷାନଗର ଅଞ୍ଚଳର କୁଖ୍ୟାତ ଅପରାଧୀ ରାକେଶ ନାଥର ପ୍ରମୁଖ ସହଯୋଗୀ। ଠିକାଦାରମାନଙ୍କୁ ବୋମା ଓ ଗୁଳିମାଡ଼ ମାଧ୍ୟମରେ ଭୟଭୀତ କରାଇ ବଟି ଆଦାୟ, ଡକାୟତି, ରାହାଜାନୀ, ଗୁଳିକାଣ୍ଡ, ହତ୍ୟା ଓ ଅପହରଣ ଆଦି ବିଭିନ୍ନ ଥାନାରେ ହୁଣ୍ଡ ନାମରେ ରହିଛି ୧୮ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା। ଏପରିକି ବିଭିନ୍ନ ଅପରାଧିକ ମାମଲାରେ ପୁଲିସର ସ୍କାନରେ ରହିଥିଲା ହୁଣ୍ଡ। ତେବେ ସଦର ଥାନା ଅନ୍ତର୍ଗତ କାଙ୍କଡ଼ପାଳ ଅଞ୍ଚଳରେ ହୁଣ୍ଡ ତାର ସହଯୋଗୀ ଲିପନ ସମେତ କିଛି ସହଯୋଗୀଙ୍କୁ ନେଇ ଗତ ବିଳମ୍ବିତ ରାତିରେ ଏକ ହତ୍ୟା ଯୋଜନା କରୁଥିଲା। ତେବେ ଖବର ପାଇ



ସଦର ପୁଲିସ ଚଢ଼ାଉ କରିଥିଲା। ମାତ୍ର ଅପରାଧୀ ହୁଣ୍ଡ ଖସି ପଳାଇବା ବେଳେ ଉଭୟ ସଦର ଓ ଟାଉନ ପୁଲିସ ତା’ର ପିଛା କରିଥିଲେ। ସଦର ଥାନା ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳରେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲା ହୁଣ୍ଡ। ପୁଲିସ ଉପରକୁ ହୁଣ୍ଡ ଗୁଳି ଚାଳନା କରିଥିବା ବେଳେ ଏହାର ଜବାବରେ ପୁଲିସ ପାଲଟା ଗୁଳିଚାଳନା କରିଥିଲା । ଫଳରେ ପୁଲିସ୍ ଗୁଳିରେ ହୁଣ୍ଡ ଆହାତ ହୋଇଥିଲା। ଏହି ଘଟଣାରେ ହୁଣ୍ଡ ସହିତ ଥିବା ଅନ୍ୟଅପରାଧୀ ବାଇକ୍‌ରେ ଖସି ପଳାଇଥିବା ପୁଲିସ ସୂଚନାରୁ ଜଣାପଡିଛି। ଏହି ଘଟଣା ପରେ ପୂର୍ବାହ୍ନରେ ପୁଲିସ ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବମ୍‌ସ୍କାର୍ଡ ମାଧ୍ୟମରେ ଯାଞ୍ଚ କରିଛି। ଘଟଣା ସ୍ଥଳରୁ ହୁଣ୍ଡର ପିସ୍ତଲ ଓ ଏକ ଫୁଟନ୍ତା ଗୁଳିର ଖୋକା ଜବତ କରି ପରୀକ୍ଷା ପାଇଁ ପଠାଇଥିବା ପୁଲିସ ପକ୍ଷରୁ ସୁଚନା ଦିଆଯାଇଛି ।

## ନାବାଳିକା ଅପହରଣ ଓ ବଳାତ୍କାର ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡ

**କେନ୍ଦ୍ରାପଡ଼ା,୨୪।୪/ଏନ୍ଏନ୍ଏସ୍:** ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ଜଜ୍ ପ୍ରଜ୍ଞା ପରମିତା ରାଉଳ କୁଜଙ୍ଗ ଥାନା ଅଞ୍ଚଳର ଅଭିଯୁକ୍ତ ଜଗନ ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୫୭ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଏଥିସହ ପୀଡିତାଙ୍କୁ ୬ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଆସାମୀ ଜଗନ ରାଜନଗର ବ୍ଲକ ଅନ୍ତର୍ଗତ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ତାଙ୍କ ବନ୍ଧୁଙ୍କ ଘରକୁ ବୁଲିବାକୁ ଆସିଥିଲେ। ଏହି ସମୟରେ ନାବାଳିକାଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ୨୦୨୦ ମସିହା ନଭେମ୍ବର ମାସ ୧୮ ତାରିଖରେ ନାବାଳିକାଙ୍କୁ ଅପହରଣ କରି କଟକ ନେଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ତନ୍ତିଆପାଳ ଥାନାରେ ଅଭିଯୋଗ କରାଯାଇଥିଲା। ତନ୍ତିଆପାଳ ଥାନା ପୋଲିସ ଘଟଣାର ଅନୁସନ୍ଧାନ କରିବା ପରେ ଏକ ବଳାତ୍କାର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହିସମୟ ମଧ୍ୟରେ ଅଭିଯୁକ୍ତ ନାବାଳିକାଙ୍କୁ କଟକରୁ ବିଶାଖାପାଟଣା ଓ ପରେ ବାଙ୍ଗଲୋର ନେଇଯାଇଥିଲା। ପାଖାପାଖି ୪ ମାସ କାଳ ଅପହରଣ କରି ରଖି ତାଙ୍କୁ ବଳାତ୍କାର କରିବା ପରେ ନାବାଳିକାଙ୍କୁ ବାଙ୍ଗାଲୋରରୁ ଆଣି କଟକ ମଧୁପାଟଣା ଥାନା ଅଞ୍ଚଳରେ ରଖିଥିଲେ। ଖବର ପାଇ ପୋଲିସ ଅଭିଯୁକ୍ତ ଜଗନକୁ ମଧୁପାଟଣା ଥାନା ଅଞ୍ଚଳରୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା। ପୁଲିସ ଉଭୟ ଅଭିଯୁକ୍ତ ଓ ନାବାଳିକାଙ୍କ ଡାକ୍ତରୀମାଇନା କରିଥିଲା। ମାମଲାର ତଦନ୍ତ କରି ପୁଲିସ ୨୦୨୧ ମସିହା ମେ ମାସ ୧୨ ତାରିଖରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ସେହି ମାମଲାର ଶୁଣାଣି କରି କୋର୍ଟ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ୍ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ମନୋଜ କୁମାର ସାହୁ ପରିଚାଳନା କରୁଥିଲେ।

# ପହଲଗାମ୍ ମୃତକଙ୍କ ସ୍ମୃତିରେ କ୍ୟାଣ୍ଡଲ ଶୋଭାଯାତ୍ରା

**ପାରାଦୀପ,୨୪।୪/ଏନ୍ଏନ୍ଏସ୍:** ଜାମ୍ମୁକାଶ୍ମୀର ପହେଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି ନିରୀହ ଭାରତୀୟ ନାଗରିକ। ଏହି ଆତଙ୍କବାଦକୁ ନିନ୍ଦା କରି ଭାରତମାତାର ଜୟଗାନ କରି ପାରାଦୀପ ମହାବିଦ୍ୟାଳୟ ଓ ଏନ୍‌ସିସି ଆଲୁମୁନି ଆସୋସିଏସନ୍ ପକ୍ଷରୁ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଏନସିସି ଅଫିସର ଲେଫନାଣ୍ଟ ଅକ୍ଷୟ ଚନ୍ଦ୍ର ମିଶ୍ର, ଡ. ଗଣେଶ୍ୱର ପାତ୍ର, ଆଲୁମୁନି ଆସୋସିଏସନ୍‌ର ସଭାପତି ଅମ୍ବିକା ମହାପାତ୍ର, ବିବେକାନନ୍ଦ ମହାପାତ୍ର, ପୁରାତନ ଛାତ୍ର ବିଶ୍ୱଜିତ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ହାତରେ




କ୍ୟାଣ୍ଡେଲ୍ ଧରି ପାରାଦୀପ ମହାବିଦ୍ୟାଳୟରୁ ବାହାରି ନେତାଜୀ ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତୀ ନିକଟରେ ପହଞ୍ଚିଥିଲେ। ସେହିପରି ପାରାଦୀପ ଜୁବୁଲି ମାର୍କେଟ୍ ବ୍ୟବସାୟୀମାନେ ଗୁରୁବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରିଥିଲେ। ପାରାଦୀପ ବଡ଼ପଡ଼ିଆ ଜୁବୁଲି ମାର୍କେଟରୁ ଏହି ଶୋଭାଯାତ୍ରା ବାହାରି ଥାନାଛକ ଦେଇ ବସ୍‌ଷ୍ଟାଣ୍ଡ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀ ନିକଟରେ ପହଞ୍ଚିଥିଲେ। ଯୁବ ବ୍ୟବସାୟୀ ବିଭୂତି ଭୂଷଣ ସାହୁଙ୍କ ତତ୍ତ୍ୱାବଧାନରେ ବ୍ୟବସାୟୀମାନେ ଏକଜୁଟ୍ ହୋଇ ସେଠାରେ ସମୁହ ଦୀପଦାନ କରି ପ୍ରାଣ ହରାଇଥିବା ନିରୀହ ଭାରତୀୟଙ୍କ ଆତ୍ମାର ସଦଗତି କାମନା କରିଥିଲେ।

# ଅନ୍ୟ ଜାଗାରେ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଢେଙ୍କାନାଳ,୨୪।୪/ଏନ୍ଏନ୍ଏସ୍:** ସଠିକ୍ ଜାଗାରେ ନହେବା ସହ ବିନାସୂଚନା ଫଳକରେ କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ହିନ୍ଦୋଳ ବ୍ଲକ୍ ବାଉଁଶପୋଖରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଇକୋଟ ଡିହ ସାହିରେ ଯେଉଁଠାରୁ ରାସ୍ତା ନିର୍ମାଣ ହେବା କଥା ସେହିଠାରୁ ନକରି ଅନ୍ୟତ୍ର ଏକ ସ୍ଥାନରେ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ତାହା ପୁଣି ସୂଚନା ଫଳକରେ । ଯେଉଁଠାରୁ ହେବା କଥା ସେହିଠାରେ ନକରି ଅନ୍ୟତ୍ର କାହିଁକି କରାଯାଉଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଥିଲେ। କିନ୍ତୁ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ସେ ଅଭିଯୋଗକୁ କର୍ଣ୍ଣପାତ କରିନଥିଲେ। ତରବରିଆ ଭାବେ କାର୍ଯ୍ୟକୁ ମାତ୍ର ୭ ଘଣ୍ଟା ମଧ୍ୟରେ ସାରି ଦେଇଥିଲେ। ତେବେ କାହିଁକି ସଠିକ୍ ସ୍ଥାନରେ କନିଷ୍ଠ ଯନ୍ତ୍ରୀ ନକରି ଅନ୍ୟତ୍ର କଲେ ଏବଂ ବିନା ସୂଚନା ଫଳକରେ ତରବରିଆ ଭାବେ କାହିଁକି କାର୍ଯ୍ୟଟିକୁ ସାରିଲେ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ୯ନଂ ୱାର୍ଡସଭ୍ୟା ସବିତା ବେହେରା ବାଉଁଶପୋଖରୀ ସରପଞ୍ଚ ରଣଜିତ୍ ପ୍ରଧାନଙ୍କ ଜରିଆରେ ବିଡିଓ ହିନ୍ଦୋଳ, ଉପଜିଲ୍ଲାପାଳ ହିନ୍ଦୋଳ ଓ ଜିଲ୍ଲାପାଳ ଢେଙ୍କାନାଳକୁ ଦାବିପତ୍ର ଦେଇଛନ୍ତି।

# ସଂସ୍କୃତ ଶିକ୍ଷୟିତ୍ରୀ ସୁମଲତା ମିଶ୍ରଙ୍କ ପରଲୋକ

**ଢେଙ୍କାନାଳ,୨୪।୪/ଏନ୍ଏନ୍ଏସ୍:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଢେଙ୍କାନାଳ ନଗରର ବରିଷ୍ଠ ସ୍ୱୟଂ ସେବକ ଶରତ କମାର ପାଣିଗ୍ରାହୀଙ୍କ ଧର୍ମପତ୍ନୀ ସୁମଲତା ମିଶ୍ରଙ୍କ ୬୬ ବର୍ଷରେ ଗତ ଭୁବନେଶ୍ୱରରେ ଏକ ଘରୋଇ ଚିକିସାଳୟରେ ଦେହାନ୍ତ ହୋଇଯାଇଛି। ସେ ସଦର ବ୍ଲକ୍ ଚାଉଳିଆ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ ଥିଲେ।ସେ ଜଣେ ଛାତ୍ରଛାତ୍ରୀ ବତ୍ସଳା, ମିଷ୍ଟଭାଷୀ, ମେଳାପି ଓ ପରୋପକାରୀ ଭାବେ ବେଶ୍ ଜଣାଶୁଣା। ସନ୍ଧ୍ୟାରେ ତାଙ୍କର ପାର୍ଥିବ ଶରୀର ସ୍ଥାନୀୟ ଗାୟତ୍ରୀ ନଗରସ୍ଥିତ ବାସଭବନରେ ପହଁଚିବା ମାତ୍ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହବିଭାଗ ସଂଘ ଚାଳକ ହୃଦାନନ୍ଦ ଶତପଥୀ, ଜିଲ୍ଲା ସଂଘ ଚାଳକ ଅଶୋକ କୁମାର ଭଞ୍ଜ, ସହ ଜିଲ୍ଲା ସଂଘ ଚାଳକ ଶକ୍ତି ପ୍ରସାଦ ନନ୍ଦ, ବିଭାଗ ସମ୍ପର୍କ ପ୍ରମୁଖ ପ୍ରଶାନ୍ତ କୁମାର ମିଶ୍ର, ଜିଲ୍ଲା ସମ୍ପର୍କ ପ୍ରମୁଖ ନିରାକାର ସାମନ୍ତରାୟ, ବ୍ୟବସ୍ଥା ପ୍ରମୁଖ ଲୋକନାଥ ମହାପାତ୍ର, ବରିଷ୍ଠ



ସ୍ୱୟଂ ସେବକ ବିଶ୍ୱମ୍ଭର ସାହୁ, ସୋମେନ୍ ରାୟ, ପରିକ୍ଷିତ ପାଣିଗ୍ରାହୀ, ଅମ୍ବୁଜ ରଥ, ପ୍ରମୋଦ ଲେଙ୍କା, ପ୍ରଶାନ୍ତ ସାହୁ, ପ୍ରଭାତ କୁମାର ହୋତା, ପ୍ରେମ କୁମାର କେଡିଆ, ଜିଲ୍ଲା ପ୍ରଚାରକ ବାସୁଦେବ ସାହୁ, ଦୀପକ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଆଇନ୍‌ଜୀବୀ ନବ କିଶୋର ଗୁରୁ, ବସନ୍ତ କୁମାର ରଥ, ଭୁବନର ଦେବବ୍ରତ ପୃଷ୍ଟି, ବାବାଜୀ ସାହୁ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ପଡ଼ୋଶୀ ତାଙ୍କ ବାସଭବନରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ୱାମୀ ଶ୍ରୀ ପାଣିଗ୍ରାହୀ, ପୁତ୍ର କୌଟିଲ୍ୟ ପାଣିଗ୍ରାହୀ ଓ କନ୍ୟା ଚପଳାଛନ୍ଦା ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ୬ ବର୍ଷର ପୁଅକୁ ବାପାର ହତ୍ୟା ଅଭିଯୋଗ

**ଧର୍ମଶାଳା,୨୪।୪/ଏନ୍ଏନ୍ଏସ୍:** ବାପା ସାଜିଲା ସାଇତାନ ଅନ୍ୟତ୍ର ବିବାହ କରିବା ଲାଗି ରାସ୍ତାରୁ ନିଜ ଜନ୍ମ କଲା ପୁଅକୁ ହଟାଇବା ପାଇଁ ତାକୁ ହତ୍ୟା କରି ନିକଟସ୍ଥ ପଥର ଖାଦାନରେ ଫିଙ୍ଗିଦେଇଥିବା ଭଳି ଏକ ଜଘନ୍ୟ ଘଟଣା ଘଟାଇଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ଜେନାପୁର ଥାନା ଅନ୍ତର୍ଗତ ଚାରଗୋଠ ଗ୍ରାମରେ ଦେଖିବାକୁ ମିଳିଛି। ଖବର ପାଇଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଅଭିଯୁକ୍ତଙ୍କ ପରିବାର ଲଲୋକଙ୍କୁ ଥାନାକୁ ନେଇ ପଚରା ଉଚ୍ଚରା କରୁଛି। ପ୍ରକାଶ, ଜେନାପୁର ଥାନା ଚାରଗୋଠ ଗ୍ରାମର ଦୀପକ ରାଉତ ଓରଫ ବାଉରୀ ରାଉତ ସେହି ଗ୍ରାମରେ ମମତା ରାଉତଙ୍କୁ ୭ ବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ଏକ ୬ ବର୍ଷର ଶିଶୁପୁତ୍ର ରହିଛି। ତେବେ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ୍ୟ ଯୋଗୁଁ ପତ୍ନୀ ମମତା ରାଉତ ନିଜ ପୁଅ ସହିତ



ବାପ ଘରେ ରହି ଆସୁଛନ୍ତି । ତେବେ ଗତକାଲି ସନ୍ଧ୍ୟାରେ ଶିଶୁ ପୁତ୍ର ଟିଉସନରୁ ଆସି ଖେଳିବା ପାଇଁ ଗାଁ ଦାଣ୍ଡକୁ ଯାଇଥିବା ବେଳେ ତାକୁ ଏକୁଟିଆ ପାଇ ତାର ବାପା ବାଉରୀ ତାକୁ ହତ୍ୟା କରି ନିକଟସ୍ଥ ଖାଦାନରେ ଫିଙ୍ଗି ଦେଇ ପ୍ରମାଣ ନଷ୍ଟ ପାଇଁ ସେଠାରେ ପୁଅର ପ୍ୟାଣ୍ଟ ଖୋଲି ସେଠାରେ ପକାଇଦେଇଥିଲା ବୋଲି ପରିବାର ଓ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଦ୍ୱିତୀୟ ବିବାହ କରିବା ଲାଗି ପୁଅକୁ ରାସ୍ତାରୁ ହଟାଇବା ଉଦ୍ଦେଶ୍ୟରେ ଏଭଳି ଅମାନବୁଷିକ କାର୍ଯ୍ୟ କରିଥିବା ଗ୍ରାମର ଧିରେନ୍ଦ୍ର ରାଉତ ଓ ମୃତ ଶିଶୁର ସମ୍ପର୍କୀୟ ମାନେ ଅଭିଯୋଗ କରିଛନ୍ତି। ଗତକାଲି ସନ୍ଧ୍ୟାରୁ ଶିଶୁଟି ନିଖୋଜ ଥିବା ବେଳେ ଖବରପାଇ ଜେନାପୁର ପୁଲିସ ଦମକଳବାହିନୀ ସହାୟତାରେ ଖାଦାନ ଗଣ୍ଡରେ ଖୋଜା ଖୋଜି କରି ପାଇ ଶିଶୁର ପତା ପାଇ ନଥିଲେ। ଆଜି ସକାଳୁ ଶିଶୁର ମୃତଦେହ ପାଣିରେ ଭାସୁଥିବା ଲୋକେ ଦେଖି ପୁଲିସକୁ ଖବରଦେବା ସହ ଶିଶୁ ପୁତ୍ରର ବାପ ଓ ତାର ପରିବାର ଲୋକଙ୍କୁ ତା' ଘରେ ଅଟକ ରଖିଥିଲେ। ଫଳରେ ଘଟଣାସ୍ଥଳରେ ଚପା ଉତେଜନା ଦେଖାଯାଇଥିଲା। ସକାଳେ ଜେନାପୁର ପୁଲିସ ସେଠାରେ ପହଞ୍ଚି ମୃତ ଶିଶୁକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ମେଡିକାଲକୁ ପଠାଇଥିବା ବେଳେ ପରିସ୍ଥିତି ଅଣାୟତ ହେବାରୁ ଏକ ପ୍ଲାଟୁନ ଫୋର୍ସ ସହ ଯାଜପୁରରୋଡ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏଥିସହ ଅଧିକ ପଚରା ଉଚରା ପାଇଁ ପୁଲିସ ଅଭିଯୁକ୍ତ ବାଉରୀ ଓ ତାର ପରିବାର ଲୋକଙ୍କୁ ଥାନାକୁ ନେଇ ଅଟକ ରଖିଛି। ତେବେ ତଦନ୍ତ ଚାଲିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଏସ୍‌ଡଇପିଓ ଶ୍ରୀ ସ୍ୱାଇଁ ସୂଚନାଦେଇଛନ୍ତି।



**ଆଜିର ମ୍ୟାଚ୍**

ଚେନ୍ନାଇ ସୁପର୍ କିଙ୍ଗସ୍ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଚେନ୍ନାଇ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

ନିତିଦିନ NITIDIN

## ଆଇପିଏଲ୍ ୨୦୨୫ ପଏଣ୍ଟ୍ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|
| ଗୁଜରାଟ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ | ୮ | ୬ | ୨ | ୧୨ | +୦.୬୫୭ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ | +୦.୪୮୨ |
| ମୁମ୍ବାଇ | ୯ | ୫ | ୪ | ୧୦ | +୦.୬୭୩ |
| ପଞ୍ଜାବ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ | -୦.୦୫୪ |
| କୋଲ୍‌କାତା | ୮ | ୩ | ୫ | ୬ | -୦.୨୧୨ |
| ରାଜସ୍ଥାନ | ୯ | ୨ | ୭ | ୪ | -୦.୬୨୫ |
| ହାଇଦ୍ରାବାଦ | ୮ | ୨ | ୬ | ୪ | -୧.୩୬୧ |
| ଚେନ୍ନାଇ | ୮ | ୨ | ୬ | ୪ | -୧.୩୯୨ |


# ବିରାଟ କୋହଲିଙ୍କ କୀର୍ତ୍ତିମାନ

## ବାବର ଓ ଗେଲ୍‌ଙ୍କୁ ପଛରେ ପକାଇଲେ

**ବେଙ୍ଗାଲୁରୁ,୨୪।୪/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ରାଜସ୍ଥାନ ରୟାଲ୍ସ ବିପକ୍ଷ ଚଳିତ ଆଇପିଏଲ୍ ସିଜନ୍‌ର ୪୨ତମ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ଟି-୨୦ କ୍ରିକେଟ୍‌ରେ ଦ୍ୱିତୀୟ ସର୍ବାଧିକ ୫୦ରୁ ଊର୍ଦ୍ଧ୍ୱ ରନ୍ କରିବାରେ ସେ ବିଶ୍ୱର ଦ୍ୱିତୀୟ ବ୍ୟାଟର୍ ହୋଇଛନ୍ତି। ଏହା ବ୍ୟତୀତ ଓପ୍ନିଂ କରି ଏହି ଫର୍ମାଟ୍‌ରେ କୋହଲି ସର୍ବାଧିକ ୫୦ରୁ ଊର୍ଦ୍ଧ୍ୱ ରନ୍‌ର ଇନିଂସ୍ ଖେଳିବାରେ ପ୍ରଥମ ବ୍ୟାଟର୍ ହୋଇଛନ୍ତି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ୩୨ ବଲ୍‌ରେ ଚଳିତ ଆଇପିଏଲ୍ ସିଜନ୍‌ର ପଞ୍ଚମ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଏହା ତାଙ୍କ ଆଇପିଏଲ୍ କ୍ୟାରିୟର୍‌ର ୬୦ତମ ଅର୍ଦ୍ଧଶତକ। ଏହା ସହିତ ସେ ପାକିସ୍ତାନର ବାବର ଆଜମ୍‌ଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଓପ୍ନିଂ କରି ସେ ୬୨ଥର ୫୦+ ରନ୍ କରିଥିବା ବେଳେ ବାବର ଆଜମ୍ ଟି-୨୦ରେ ୬୧ ଥର ୫୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ।

ଗୁରୁବାର ମ୍ୟାଚ୍‌ରେ ଆଠ ଚୌକା ଓ ଛଅ ଛକା ସହାୟତାରେ ବିସ୍ଫୋରକ ୭୦ ରନ୍‌ର ଇନିଂସ୍ ଖେଳିଥିବା କୋହଲି ଟି-୨୦ ଫର୍ମାଟ୍‌ରେ ସର୍ବାଧିକ ୫୦+ ସ୍କୋର୍ କରିବାରେ ଦ୍ୱିତୀୟ ବ୍ୟାଟର୍ ହୋଇଛନ୍ତି। ଏହି ମାମଲାରେ ସେ କ୍ରିସ୍ ଗେଲ୍‌କୁ ପଛରେ ପକାଇଛନ୍ତି। ଗେଲ୍ ୧୧୦ ଥର ୫୦+ ସ୍କୋର୍ କରିଥିବା ବେଳେ କୋହଲିଙ୍କ ନାମରେ ୧୧୧ ଥର ୫୦ରୁ ଊର୍ଦ୍ଧ୍ୱ ରନ୍‌ର ରେକର୍ଡ ହୋଇଛି। ଏହି ମାମଲାରେ ଡେଭିଡ୍ ୱାର୍ଣ୍ଣର୍ (୧୧୭) ପ୍ରଥମ ସ୍ଥାନରେ ରହିଛନ୍ତି।

# ଗୌତମ ଗମ୍ଭୀରଙ୍କୁ ହତ୍ୟା ଧମକ



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ଭାରତୀୟ କ୍ରିକେଟ୍ ଟିମ୍ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ହତ୍ୟା ଧମକ ମିଳିଛି। ଆଇଏସ୍‌ଆଇଏସ୍ କଶ୍ମୀର ନାମକ ଇ-ମେଲ୍ ଆଇଡିରୁ ବୁଧବାର ତାଙ୍କୁ ଏପରି ଦୁଇଟି ଧମକପୂର୍ଣ୍ଣ ମେଲ୍ ମିଳିଛି। ଏଥିରେ ଲେଖାଥିଲା - ଆଇ କିଲ୍ ୟୁ। ମେଲ୍ ମିଳିବା ପରେ ଗମ୍ଭୀର ଗୁରୁବାର ଦିଲ୍ଲୀର ରାଜେନ୍ଦ୍ର ନଗର ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ ସେ ପରିବାର ଏବଂ ନିକଟ ସମ୍ପର୍କୀୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଜରୁରୀ ପଦକ୍ଷେପ ନେବାକୁ ପୁଲିସ୍ ନିକଟରେ ଦାବି କରିଛନ୍ତି। ଏହା ପୂର୍ବରୁ ୨୦୨୧ରେ ମଧ୍ୟ ଗମ୍ଭୀରଙ୍କୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ସେତେବେଳେ ସେ ପୂର୍ବ-ଦିଲ୍ଲୀର ସାଂସଦ ଥିଲେ।

ମଙ୍ଗଳବାର ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କୀ ଆକ୍ରମଣକୁ ଗମ୍ଭୀର କଡ଼ା ନିନ୍ଦା କରିବା ସହିତ ଏହାର କଠୋର ଜବାବ ଦେବାକୁ ଦାବି କରିଥିଲେ। 'ଏକ୍ସ'ରେ ଗମ୍ଭୀର ଲେଖିଥିଲେ- ମୃତକଙ୍କ ପରିବାର ପାଇଁ ପ୍ରାର୍ଥନା। ଏଥିପାଇଁ ଦାୟୀ ଲୋକଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ସୂଚନାଯୋଗ୍ୟ, ମଙ୍ଗଳବାର ପହଲଗାମର ବାୟସରନ୍ ଘାଟିରେ ଆତଙ୍କବାଦୀଙ୍କ ଗୁଳିବର୍ଷଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣ ପାଇଁ ପାକିସ୍ତାନସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା (ଏଲ୍‌ଇଟି)ର ୱିଙ୍ଗ୍ ଦ ରେଜିଷ୍ଟାନ୍ସ ଫ୍ରଣ୍ଟ୍ ନିଜକୁ ଦାୟୀ କରିଛି।

# ପ୍ରଥମ ବଲ୍‌ରେ ସର୍ବାଧିକ ଛକା: ଯଶସ୍ୱୀ ପ୍ରଥମ

**ବେଙ୍ଗାଲୁରୁ,୨୪।୪/ଏଜେନ୍ସି:** ରାଜସ୍ଥାନ ରୟାଲ୍ସ ଓପ୍ନିର୍ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲ୍ ଆଇପିଏଲ୍‌ରେ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ଗୁରୁବାର ସ୍ଥାନୀୟ ଏମ୍ ଚିନ୍ନାସ୍ୱାମି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଚଳିତ ସିଜନ୍‌ର ୪୨ ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ପ୍ରଥମେ ଆର୍‌ସିବି ପାଞ୍ଚ ୱିକେଟ୍ ହରାଇ ୨୦୫ ରନ୍‌ର ସ୍କୋର୍ ଛିଡ଼ା କରିଥିଲା। ଏହା ରାଜସ୍ଥାନ ବିପକ୍ଷରେ କୌଣସି ଟିମ୍‌ର ସର୍ବାଧିକ ସ୍କୋର୍ ଥିଲା। ଲକ୍ଷ୍ୟର ପିଛା କରୁଥିବା ରାଜସ୍ଥାନ ପକ୍ଷରୁ ଯଶସ୍ୱୀ ଚମତ୍କାର ଆରମ୍ଭ କରିଥିଲେ। ଇନିଂସ୍‌ର ପ୍ରଥମ ବଲ୍‌ରେ ଭୁବନେଶ୍ୱର କୁମାରଙ୍କୁ ସେ ଛକା ମାରିଥିଲେ। ଏହା ସହିତ ଆଇପିଏଲ୍‌ରେ ସର୍ବାଧିକ ଥର ଇନିଂସ୍‌ର ପ୍ରଥମ ବଲ୍‌ରେ ଛକା ମାରିବାରେ ସେ ପ୍ରଥମ ବ୍ୟାଟର୍ ହୋଇଛନ୍ତି। ସେ ଏହି କାରନାମା ତିନିଥର କରିଛନ୍ତି।

## କୋହଲିଙ୍କ ବିସ୍ଫୋରଣ ପରେ ହେଜଲ୍‌ଉଡ୍‌ଙ୍କ ଘାତକ ବୋଲିଂ: ୧୧ ରନ୍‌ରେ ହାରିଲା ରାଜସ୍ଥାନ

# ଘରୋଇ ପଡ଼ିଆରେ ବେଙ୍ଗାଲୁରୁର ପ୍ରଥମ ବିଜୟ

**ବେଙ୍ଗାଲୁରୁ,୨୪।୪/ଏଜେନ୍ସି:** ବିରାଟ କୋହଲି ଓ ଦେବଦତ୍ତ ପାଡିକ୍କଲ୍‌ଙ୍କ ଅର୍ଦ୍ଧଶତକ ପରେ ଜୋଶ୍ ହେଜଲ୍‌ଉଡ୍‌ଙ୍କ ୪ ୱିକେଟ୍ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଗୁରୁବାର ରାଜସ୍ଥାନ ରୟାଲ୍ସଙ୍କୁ ୧୧ ରନ୍‌ରେ ହରାଇ ଦେଇଛି। ଏହା ଚଳିତ ସିଜନ୍‌ରେ ଆର୍‌ସିବିର ଘରୋଇ ପଡ଼ିଆରେ ପ୍ରଥମ ବିଜୟ। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ୪୨ତମ ମ୍ୟାଚ୍‌ରେ ଆର୍‌ସିବି ପ୍ରଥମେ ୫ ୱିକେଟ୍ ହରାଇ ୨୦୫ ରନ୍ କରିଥିଲା। ଜବାବରେ ରାଜସ୍ଥାନ ରୟାଲ୍ସ ୯ ୱିକେଟ୍ ହରାଇ ୧୯୪ ରନ୍ କରିବାକୁ ସମର୍ଥ ହୋଇଛି।

ଲକ୍ଷ୍ୟର ପିଛା କରୁଥିବା ରାଜସ୍ଥାନ ରୟାଲ୍ସକୁ ଯଶସ୍ୱୀ ଜୟସ୍ୱାଲ୍ ଓ ଇମ୍ପାକ୍ଟ ପ୍ଲେୟର୍ ବୈଭବ ସୂର୍ଯ୍ୟବଂଶୀ ଜୋରଦାର ଆରମ୍ଭ ଦେଇଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୨୬ ବଲ୍‌ରେ ୫୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ବୈଭବଙ୍କୁ ବୋଲ୍ଡ କରି ଭୁବନେଶ୍ୱର କୁମାର ଏଥିରେ ବ୍ରେକ୍ ଲଗାଇଥିଲେ। ୧୪ ବର୍ଷୀୟ ବୈଭବ ଦୁଇଟି ଛକା ସହାୟତାରେ ୧୨ ବଲ୍‌ରୁ ୧୬ ରନ୍ କରିଥିଲେ। ଧୂଆଁଧାର ବ୍ୟାଟିଂ କରୁଥିବା ଜୟସ୍ୱାଲ୍ ମାତ୍ର ଏକ ରନ୍ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ୧୯ ବଲ୍‌ରେ ସାତ ଚୌକା ଓ ତିନି ଛକା ସହାୟତାରେ ୪୯ ରନ୍ କରିଥିବା ବେଳେ ଜୋଶ୍ ହେଜଲ୍‌ଉଡ୍ ତାଙ୍କୁ ରୋମାରିଓ ଶେଫର୍ଡଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ କରାଇଥିଲେ। ଜୟସ୍ୱାଲ୍‌ଙ୍କ ଆଉଟ୍ ପରେ କ୍ୟାପ୍‌ଟେନ୍ ରିୟାନ୍ ପରାଗ ଓ ନୀତୀଶ ରାଣା ତୃତୀୟ ୱିକେଟ୍ ପାଇଁ ୩୮ ରନ୍ ଯୋଗ କରିଥିବା ବେଳେ କ୍ରୁଣାଳ ପାଣ୍ଡ୍ୟା ଦୁହିଁଙ୍କୁ ନିଜ ସ୍ପିନ୍ ଯାଦୁରେ ଫସାଇ ପ୍ୟାଭିଲିୟନ୍ ଫେରାଇଥିଲେ। ପରାଗ ୧୦ ବଲ୍‌ରେ ଦୁଇଟି ଲେଖାଏ ଛକା ଓ ଚୌକା ବଳରେ ୨୨ ରନ୍ ଏବଂ ନୀତୀଶ ରାଣା ତିନି ଚୌକା ଓ ଗୋଟିଏ ଛକା ସହାୟତାରେ ୨୨ ବଲ୍‌ରୁ ୨୮ ରନ୍‌ର ଯୋଗଦାନ କରିଥିଲେ। ରାଣାଙ୍କ ଆଉଟ୍ ବେଳକୁ ଟିମ୍‌ର ସ୍କୋର୍ ୪ ୱିକେଟ୍‌ରେ ୧୩୪ ରନ୍ ଥିଲା। ଶିମରନ୍ ହେଟ୍‌ମାୟର୍ (୧୧) ଶସ୍ତାରେ ହେଜଲ୍‌ଉଡ୍‌ଙ୍କ ଶିକାର ହୋଇଥିଲେ। ପରବର୍ତ୍ତୀ ଓଭର୍‌ରେ ହେଜଲ୍‌ଉଡ୍ ଲଗାତାର ବଲ୍‌ରେ ଧ୍ରୁବ ଜୁରେଲ୍ ଓ ଜୋଫ୍ରା ଆର୍ଚ୍ଚର୍‌ଙ୍କୁ ବିଦା କରି ରାଜସ୍ଥାନକୁ ଶକ୍ତ ଧକ୍କା ଦେଇଥବଲେ। ଜୁରେଲ୍ ୩୪ ବଲ୍‌ରେ ତିନିଟି ଲେଖାଏ ଛକା ଓ ଚୌକା ସହାୟତାରେ ୪୭ ରନ୍ କରିଥିବା ବେଳେ ଆର୍ଚ୍ଚର୍ ଖାତା ମଧ୍ୟ ଖୋଲିପାରି ନଥିଲେ। ଶୁଭମ୍ ଦୁବେ ୭ ବଲ୍‌ରେ ୧୨ ରନ୍ ଏବଂ ୱାନିନ୍ଦୁ ହସାରଙ୍ଗା ୧ ରନ୍ କରି ଆଉଟ୍ ହୋଇଥିଲେ। ଆର୍‌ସିବି ପକ୍ଷରୁ ଜୋଶ୍ ହେଜଲ୍‌ଉଡ୍ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ କ୍ରୁଣାଳ ପାଣ୍ଡ୍ୟାଙ୍କୁ ଦୁଇଟି, ଭୁବନେଶ୍ୱର କୁମାର ଓ ଯଶ୍ ଦୟାଲ୍‌ଙ୍କୁ ୧-୧ ସଫଳତା ମିଳିଥିଲା।



ଟସ୍ ହାରି ବ୍ୟାଟିଂ ପାଇଥିବା ଆର୍‌ସିବିକୁ ଫିଲ୍ ସଲ୍ଟ ଓ ବିରାଟ କୋହଲି ଚମତ୍କାର ଆରମ୍ଭ ଦେଇଥିଲେ। ଉଭୟ ଆକ୍ରମଣାତ୍ମକ ପ୍ରଦର୍ଶନ କରି ପ୍ରଥମ ୱିକେଟ୍ ପାଇଁ ୬୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ସପ୍ତମ ଓଭର୍‌ରେ ସଲ୍ଟଙ୍କୁ ଆଉଟ୍ କରି ୱାନିନ୍ଦୁ ହସାରଙ୍ଗା ଏହି ପାର୍ଟନର୍‌ଶିପ୍‌ରେ ବ୍ରେକ୍ ଲଗାଇଥିଲେ। ସଲ୍ଟ ୨୩ ବଲ୍‌ରେ ୪ ଚୌକା ସହାୟତାରେ ୨୬ ରନ୍ କରି ଶିମରନ୍ ହେଟମାୟର୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଏହାପରେ ଦେବଦତ୍ତ ପାଡିକ୍କଲ୍ ଓ କୋହଲି ଦ୍ୱିତୀୟ ୱିକେଟ୍ ପାଇଁ ୯୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହା ମଧ୍ୟରେ କୋହଲି ୩୨ ବଲ୍‌ରେ ଚଳିତ ଆଇପିଏଲ୍‌ର ପଞ୍ଚମ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ତାଙ୍କ ଆପିଏଲ୍ କ୍ୟାରିୟର୍‌ର ୬୦ତମ ଅର୍ଦ୍ଧଶତକ। କୋହଲିଙ୍କ ତୁଳନାରେ ପାଡିକ୍କଲ୍ ଅଧିକ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୬ ରନ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ପାର୍ଟନରଶିପ୍‌କୁ ଜୋଫ୍ରା ଆର୍ଚ୍ଚର୍ ଭାଙ୍ଗିଥିଲେ। ସେ କୋହଲିଙ୍କୁ ନୀତୀଶ ରାଣାଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। କୋହଲି ୪୨ ବଲ୍‌ରେ ୮ ଚୌକା ଓ ୬ ଛକା ସହାୟତାରେ ୭୦ ରନ୍‌ର ଇନିଂସ୍ ଖେଳି ବିଦାୟ ନେଇଥିଲେ। କୋହଲିଙ୍କ ପରେ ୧୭ଶ ଓଭର୍‌ରେ ପାଡିକ୍କଲ୍‌ଙ୍କୁ ସନ୍ଦୀପ୍ ଶର୍ମା ପ୍ୟାଭିଲିୟନ୍ ଫେରାଇଥିଲେ। ପାଡିକ୍କଲ୍ ୪ ଚୌକା ଓ ତିନି ଛକା ସହାୟତାରେ ୨୭ ବଲ୍‌ରେ ୫୦ ରନ୍‌ର ଇନିଂସ୍ ଖେଳି ବିଦାୟ ନେଇଥିଲେ। କ୍ୟାପ୍‌ଟେନ୍ ରଜତ ପାଟିଦାର (୧) ଶସ୍ତାରେ ସନ୍ଦୀପ ଶର୍ମାଙ୍କ ଶିକାର ହୋଇଥିଲେ। ଏହାପରେ ଜିତେଶ ଶର୍ମା ଓ ଟିମ୍ ଡେଭିଡ୍ ବିସ୍ଫୋରକ ବ୍ୟାଟିଂ କରି ଆର୍‌ସିବି ସ୍କୋର୍ ୨୦୦ ରନ୍ ପାର କରାଇଥିଲେ। ୧୫ ବଲ୍‌ରୁ ୨ ଚୌକା ଓ ଗୋଟିଏ ଛକା ସହାୟତାରେ ୨୩ ରନ୍ କରି ଟିମ୍ ଡେଭିଡ୍ ଶେଷ ବଲ୍‌ରେ ରନ୍‌ଆଉଟ୍ ହୋଇଥିଲେ। ଜିତେଶ ଶର୍ମା ୧୦ ବଲ୍‌ରେ ୪ ଚୌକା ସହାୟତାରେ ୨୦ ରନ୍ କରି ଅପରାଜିତ ଫେରିଥିଲେ। ରାଜସ୍ଥାନ ରୟାଲ୍ସ ପକ୍ଷରୁ ସନ୍ଦୀପ ଶର୍ମା ୨ଟି ୱିକେଟ୍ ନେଇଥିବା ବେଳେ ଜୋଫ୍ରା ଆର୍ଚ୍ଚର୍ ଓ ହସାରଙ୍ଗାଙ୍କୁ ୧-୧ ସଫଳତା ମିଳିଥିଲା।


# ୨୦୦ ମିଟର ଜାତୀୟ ରେକର୍ଡ ଭଙ୍ଗିଲେ ଅନିମେଷ କୁଜୁର



**କୋଚି,୨୪।୪/ଏଜେନ୍ସି:** ଓଡ଼ିଶା ସ୍ପ୍ରିଣ୍ଟର୍ ଅନିମେଷ କୁଜୁର ଏଠାକାର ମହାରାଜା ଷ୍ଟାଡିୟମ୍‌ରେ ଚାଲିଥିବା ୨୮ତମ ଫେଡେରେସନ୍ କପ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପରେ ୨୦୦ ମିଟର ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ୨୧ ବର୍ଷୀୟ ଅନିମେଷ ଗୁରୁବାର ୨୦.୪୦ ସେକେଣ୍ଡରେ ରେସ୍ ଶେଷକରି ଅମ୍ଲାନ ବୋହଗୋହନ୍‌ଙ୍କ ତିନିବର୍ଷ ପୁରୁଣା ଜାତୀୟ ରେକର୍ଡ ଭଙ୍ଗ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୨୨ରେ ଅମ୍ଲାନ ବୋରଗୋହେନ୍ ୨୦.୫୨ ସେକେଣ୍ଡ୍ ସମୟ ସହ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ମହିଳା ୨୦୦ ମିଟରରେ ତେଲେଙ୍ଗାନାର ନିତ୍ୟା ଗାନ୍ଧେ (୨୩.୬୮ ସେ.) ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ସେହିପରି ଗୁରୁବାର ଆୟୋଜିତ ମହିଳା ଲଙ୍ଗ୍ ଜମ୍ପରେ ଶାଇଲି ସିଂହ ୬.୬୪ ମିଟର ପ୍ରୟାସ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ସହିତ ଏସିଆନ୍ ଗେମ୍ସ ରୌପ୍ୟ ବିଜେତା ଆନ୍ସି ସୋଜାନ୍ (୬.୪୬ମି.)ଙ୍କୁ ପଛରେ ପକାଇ ଶାଇଲି ନିଜ ମେଣ୍ଟର୍ ଅଞ୍ଜୁ ବବି ଜର୍ଜଙ୍କ ୨୩ ବର୍ଷ ପୁରୁଣା ମିଟ୍ ରେକର୍ଡ (୬.୫୯ମି) ଭଙ୍ଗ କରିଛନ୍ତି। ପୁରୁଷ ଶଟ୍‌ପୁଟ୍‌ରେ ସମରଦୀପ୍ ସିଂହ ଗିଲ୍ (୧୯.୩୪ ମି.) ଏସିଆନ୍ ଗେମ୍ସ ଚାମ୍ପିଅନ୍ ତଜିନ୍ଦରପାଲ୍ ସିଂହ ତୁର୍ (୧୮.୭୭ ମି.)ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି।


# ପ୍ରବୀଣ ଚିତ୍ରଭେଲ୍ ନିଜ ଜାତୀୟ ରେକର୍ଡ ସମକକ୍ଷ



**କୋଚି,୨୪।୪/ଏଜେନ୍ସି:** ଭାରତୀୟ ଟ୍ରିପଲ୍ ଜମ୍ପର୍ ପ୍ରବୀଣ ଚିତ୍ରଭେଲ୍ ନିଜ ଜାତୀୟ ରେକର୍ଡ ସମକକ୍ଷ ହୋଇଛନ୍ତି। କୋଚିରେ ଆୟୋଜିତ ୨୮ତମ ଫେଡେରେସନ୍ କପ୍‌ରେ ଗୁରୁବାର ସେ ଏହି ଉପଲବ୍ଧି ହାସଲ କରିଛନ୍ତି। କୋଚିର ମହାରାଜା କଲେଜ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରବୀଣ ୧୭.୩୭ ମିଟର ଜମ୍ପ୍ ସହ ଜାତୀୟ ରେକର୍ଡ ସମକକ୍ଷ ହୋଇଛନ୍ତି। ପୂର୍ବରୁ ୨୦୨୩ରେ କ୍ୟୁବା ରାଜଧାନୀ ହାଭାନାରେ ଏହି ଦୂରତା ହାସଲ କରି ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ଏହି ପ୍ରୟାସ ସହ ଚିତ୍ରଭେଲ୍ ଚଳିତ ବର୍ଷର ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍ ଏବଂ ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଫେଡେରେସନ୍ କପ୍‌ରେ ତାମିଲନାଡୁ ଜମ୍ପର୍ ଦ୍ୱିତୀୟ ଜମ୍ପ୍‌ରେ ଏହି ରେକର୍ଡ ସ୍ଥାପନ କରିଛନ୍ତି।

# ମାଦ୍ରିଦ୍ ଓପନ୍‌ରୁ ଓହରିଲେ ଅଲ୍‌କାରାଜ୍

**ମାଦ୍ରିଦ୍,୨୪।୪/ଏଜେନ୍ସି:** ଘରୋଇ ଦର୍ଶକଙ୍କ ଫେଭରିଟ୍ କାର୍ଲୋସ୍ ଅଲ୍‌କାରାଜ୍ ଆହତ କାରଣରୁ ଚଳିତ ମାଦ୍ରିଦ୍ ଓପନ୍ ଟେନିସ୍



ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛନ୍ତି। ବିଶ୍ୱ ନଂ.୩ ସ୍ପେନ୍ ଖେଳାଳି ଗତ ରବିବାର ବାର୍ସିଲୋନା ଓପନ୍ ଫାଇନାଲ୍ ବେଳେ ଗୋଡ଼ରେ ଲାଗିଥିବା ଆଘାତ ସମସ୍ୟାରୁ ସୁସ୍ଥ ହୋଇପାରି ନାହାନ୍ତି। ୨୦୨୨ ଓ ୨୦୨୩ରେ ଦୁଇଥର ଚାମ୍ପିଅନ୍ ଅଲ୍‌କାରାଜ୍‌ଙ୍କୁ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ମାନ୍ୟତା ମିଳିଥିଲା। ଅଲ୍‌କାରାଜ୍ ମେ ୫ରେ ୨୨ବର୍ଷ ବୟସରେ ପଦାର୍ପଣ କରିବେ। ବାର୍ସିଲୋନା ଫାଇନାଲ୍‌ରେ ହୋଲ୍‌ଗର ରୁନ୍‌ଙ୍କଠାରୁ ପରାଜିତ ହେବା ପୂର୍ବରୁ ସେ ମଣ୍ଟେ କାର୍ଲୋ ଟାଇଟଲ୍ ସହ ତାଙ୍କ କ୍ଲେ-କୋର୍ଟ ଅଭିଯାନ ଆରମ୍ଭ କରିଥିବା

## ପାକିସ୍ତାନ ଉପରେ କ୍ରିକେଟିଂ ଷ୍ଟ୍ରାଇକ୍

# ଭାରତରେ ପିଏସ୍‌ଏଲ୍ ଟେଲିକାଷ୍ଟ ବନ୍ଦ

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତୀୟ ସରକାର ପାକିସ୍ତାନ ଉପରେ କେତେକ ପ୍ରତିବନ୍ଧକ ଲାଗୁ କରିଛନ୍ତି। ଏବେ ପାକିସ୍ତାନର ଫ୍ରାଞ୍ଚାଇଜି ଲିଗ୍ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)କୁ ବଡ଼ ଝଟ୍‌କା ଲାଗିଛି। ଭାରତରେ ପିଏସ୍‌ଏଲ୍‌ର ଲାଇଭ୍ ଷ୍ଟ୍ରିମିଂ କରୁଥିବା ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଫ୍ୟାନ୍‌କୋଡ୍ ଏହାର ଟେଲିକାଷ୍ଟ ରୋକିବାକୁ ନିଷ୍ପତ୍ତି ନେଇଛି। ଫ୍ୟାନ୍‌କୋଡ୍ ଏକ ଭାରତୀୟ ଷ୍ଟ୍ରିମିଂ କମ୍ପାନୀ ହୋଇଥିବା ବେଳେ ଏହା ଏବେ ପିଏସ୍‌ଏଲ୍ ଉପରେ କଡ଼ା ପ୍ରହାର କରିଛି। ଗୁରୁବାରଠାରୁ (ଏପ୍ରିଲ୍ ୨୪) ପିଏସ୍‌ଏଲ୍‌ର ମ୍ୟାଚ୍ ଫ୍ୟାନ୍‌କୋଡ୍‌ରେ ଉପଲବ୍ଧ ହେବନାହିଁ। ଏହି ନିଷ୍ପତ୍ତି ପରେ ପିଏସ୍‌ଏଲ୍‌ର ଡିଜିଟାଲ୍ ଭ୍ୟୁୟର୍‌ଶିପ୍‌ରେ ଭାରୀ ହ୍ରାସ ଘଟିବ। ଏ ସନ୍ଦର୍ଭରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ କୌଣସି ବୟାନ ଜାରୀ କରାଯାଇ ନାହିଁ। ତେବେ ଫ୍ୟାନ୍‌କୋଡ୍‌ର ଏହି ନିଷ୍ପତ୍ତି ରାଜନୈତିକ ଜଗତରେ ବଡ଼ ହଲଚଲ ସୃଷ୍ଟି କରିଛି। ଫ୍ୟାନ୍‌କୋଡ୍ ବ୍ୟତୀତ ଭାରତୀୟ ଫାଣ୍ଟାସି ଆପ୍ ଡ୍ରିମ୍-୧୧ ମଧ୍ୟ ପାକିସ୍ତାନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଡ୍ରିମ୍-୧୧ ନିଜ ୱେବ୍‌ସାଇଟ୍ ଓ ଆପ୍ଲିକେସନ୍‌ରୁ ପିଏସ୍‌ଏଲ୍‌ର ସମସ୍ତ ମ୍ୟାଚ୍ ହଟାଇ ଦେଇଛି। ଚଳିତ ଥର ପିଏସ୍‌ଏଲ୍‌ର ଟକ୍କର୍ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ସହିତ ହେଉଥିବାରୁ ଫ୍ୟାନ୍‌କୋଡ୍‌ର ଏହି ନିଷ୍ପତ୍ତି ଫଳରେ ପିଏସ୍‌ଏଲ୍ ଏବଂ ପିସିବିକୁ ରାଜସ୍ୱ ଦୃଷ୍ଟିରୁ ବଡ଼ କ୍ଷତି ସହିବାକୁ ପଡ଼ିପାରେ।

# ପିଏସ୍‌ଏଲ୍: ଇଫ୍‌ତିଖାର୍‌ଙ୍କ ବିରୋଧରେ ଚକିଂ ଅଭିଯୋଗ

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍)ରେ ପାକିସ୍ତାନୀ ଅଫ୍ ସ୍ପିନର୍ ଇଫ୍‌ତିଖାର ଅହମଦ୍‌ଙ୍କ ବିରୋଧରେ ଚକିଂ ଅଭିଯୋଗ ଆସିଛି। ନ୍ୟୁଜିଲାଣ୍ଡ ବ୍ୟାଟର୍ କଲିନ୍ ମୁନ୍‌ରୋ ଏହି ଅଭିଯୋଗ କରିଛନ୍ତି। ବୁଧବାର ଇସ୍ଲାମାବାଦ ୟୁନାଇଟେଟ୍ ଓ ମୁଲ୍‌ତାନ୍ ସୁଲ୍‌ତାନ୍ସ ମଧ୍ୟରେ ପିଏସ୍‌ଏଲ୍‌ର ଏକ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କଲିନ୍ ମୁନ୍‌ରୋ ଇସ୍ଲାମାବାଦ ୟୁନାଇଟେଡ୍ ପକ୍ଷରୁ ଖେଳୁଥିବା ବେଳେ ଇଫ୍‌ତିଖାର ଅହମଦ ମୁଲ୍‌ତାନ୍ ସୁଲ୍‌ତାନ୍ସ ଟିମ୍‌ରେ ସାମିଲ ଥିଲେ। ମୁଲ୍‌ତାନ୍ ସୁଲ୍‌ତାନ୍ସ ପ୍ରଥମେ ବ୍ୟାଟିଂ ପରି ଇସ୍ଲାମାବାଦ୍ ୟୁନାଇଟେଡ୍‌ଭ୍‌କୁ ୧୬୯ ରନ୍‌ର ଲକ୍ଷ୍ୟ ଦେଇଥିଲା। ଇସ୍ଲାମାବାଦ୍ ୟୁନାଇଟେଡ୍ ଇନିଂସ୍‌ର ୧୦ମ ଓଭର୍‌ରେ ଇଫ୍‌ତିଖାର ୟର୍କର୍ ଲେଙ୍ଗ୍‌ଥରେ ଦ୍ରୁତ ଗତିରେ ପକାଇଥିବା ଏକ ବଲ୍‌କୁ ମୁନ୍‌ରୋ ଡିଫେନ୍ସ କରିଥିଲେ। ଏହାପରେ ଇଫ୍‌ତିଖାର୍‌ଙ୍କ ଆଡ଼କୁ ହାତରେ ଇଙ୍ଗିତ କରି ଏହା ଚକିଂ ଥିବା ମୁନ୍‌ରୋ ଜଣାଇଥିଲେ। ତେବେ ମୁନ୍‌ରୋଙ୍କ ବିରୋଧ କରିବା ଇଫ୍‌ତିଖାରଙ୍କ ଭଲ ଲାଗିନଥିଲା ଏଙ୍କ ଓଭର୍ ଶେଷ ପରେ ଏହାକୁ ନେଇ ସେ ମୁନ୍‌ରୋଙ୍କ ସହ ଯୁକ୍ତିତର୍କ କରିଥିଲେ। ତେବେ ଅମ୍ପାୟାର ଏବଂ ଖେଳାଳିମାନେ ସେମାନଙ୍କୁ ଏଥିରୁ ନିବୃତ୍ତ କରିଥିଲେ।

## କଳିଙ୍ଗ ସୁପର୍ କପ୍ : ମହମ୍ମଡାନ୍ ସ୍ପୋର୍ଟିଂ ୬-୦ରେ ପରାଜିତ

# କ୍ୱାର୍ଟର୍‌ରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ଆଲାଏଦିନ୍ ଆଜାରାଇଙ୍କ ହ୍ୟାଟ୍ରିକ୍ ବଳରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ୬-୦ ଗୋଲ୍‌ରେ ମହମ୍ମଡାନ୍ ସ୍ପୋର୍ଟିଂ ଏସ୍‌ସିକୁ ହରାଇ ଚଳିତ କଳିଙ୍ଗ ସୁପର୍ କପର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ରୋମାଞ୍ଚକର ପ୍ରି-କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ର ୧୮, ୫୬ ଏବଂ ୯୦+୨ତମ ମିନିଟ୍‌ରେ ଆଜାରାଇ ଗୋଲ୍ ତିନିଟି ସ୍କୋର୍ କରିଥିବା ବେଳେ ବାକି ତିନିଟି ଗୋଲ୍ ଜିତିନ୍ ଏମ୍‌ଏସ୍ (୩ୟ ମିନିଟ୍), ନେଷ୍ଟର ଆଲ୍‌ବିୟାର୍ (୪୨ତମ) ଏବଂ ଗୁଇଲେର୍ମୋ ଫର୍ଣ୍ଣାଣ୍ଡେଜ୍ (୬୬ତମ ମିନିଟ୍) ଦେଇଥିଲେ।



ମ୍ୟାଚ୍‌ର ୩ୟ ମିନିଟ୍‌ରେ ଜିତିନ୍ ମହମ୍ମଡାନ୍ ଡିଫେନ୍ସ ତ୍ରୁଟିର ଫାଇଦା ଉଠାଇ ଫିଲ୍ଡ ଗୋଲ୍ ଜରିଆରେ ନର୍ଥଇଷ୍ଟ ୟୁନାଇଟେଡ୍‌କୁ ଅଗ୍ରଣୀ କରାଇଥିଲେ। ଏହାପରେ ୧୮ତମ ମିନିଟ୍‌ରେ ପାଇଥିବା ଏକ ପାସ୍‌କୁ ସୁନ୍ଦର ଭାବେ ପ୍ରତିପକ୍ଷ ଗୋଲ୍‌ପୋଷ୍ଟକୁ ପଠାଇ ଆଜାରାଇ ଟିମ୍‌ର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ୪୨ ମିନିଟ୍‌ରେ ନେଷ୍ଟର୍ ଆଉ ଏକ ଗୋଲ୍ ଦେଇ ପ୍ରଥମାର୍ଦ୍ଧରେ ଟିମ୍‌କୁ ୩-୦ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ମହମ୍ମଡାନ୍ ସ୍ପୋର୍ଟିଂ ଗୋଲ୍ ଉଦ୍ୟମ କରିଥିଲେ ମଧ୍ୟ ପ୍ରତିପକ୍ଷ ଡିଫେନ୍ସ ଭେଦ କରିବାରେ ବିଫଳ ହୋଇଥିଲା। ୫୬ତମ ମିନିଟ୍‌ରେ ପ୍ରତିପକ୍ଷ ଗୋଲ୍‌କିପର୍ ଅଟକାଇଥିବା ଏକ ବଲ୍ ରିବାଉଣ୍ଡ ହେବା ଫଳରେ ଆଜାରାଇ ନିକଟରୁ ଗୋଲ୍‌ପୋଷ୍ଟକୁ ପଠାଇ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇଥିଲେ। ୬୬ତମ ମିନିଟ୍‌ରେ ଆଜାରାଇଙ୍କଠାରୁ ପାଇଥିବା ପାସ୍‌ରେ ଗୁଇଲେର୍ମୋ ଟିମ୍‌ର ୫ମ ଗୋଲ୍‌ଟି ସ୍କୋର୍ କରିଥିଲେ। ମହମ୍ମଡାନ୍ ସ୍ପୋର୍ଟିଂ ଗୋଲ୍‌କିପର୍ ଆଜାରାଇଙ୍କୁ ତଳେ ପକାଇ ଦେବା ପରେ ନର୍ଥଇଷ୍ଟ ୟୁନାଇଟେଡ୍‌କୁ ମିଳିଥିବା ପେନାଲ୍ଟି ଗୋଲ୍ କରି ଆଜାରାଇ ହ୍ୟାଟ୍ରିକ୍ ପୂରଣ କରିବା ସହିତ ଟିମ୍‌କୁ ୬-୦ରେ ବଡ଼ ବିଜୟ ଦେଇଥିଲେ। ମହମ୍ମଡାନ୍ ସ୍ପୋର୍ଟିଂ ଗୋଟିଏ ବି ଗୋଲ୍ ଦେଇନପାରି ଶୋଚନୀୟ ଭାବେ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି।

# ୨୦୨୬କୁ ଘୁଞ୍ଚିଲା ସାଫ୍ ଚାମ୍ପିଅନ୍‌ଶିପ୍

**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ସାଫ୍ ଚାମ୍ପିଅନ୍‌ଶିପ୍‌ର ୨୦୨୫ ସଂସ୍କରଣ ୨୦୨୬କୁ ଘୁଞ୍ଚାଇ ଦିଆଯାଇଛି। ଗୁରୁବାର ସାଉଥ୍ ଏସିଆନ୍ ଫୁଟ୍‌ବଲ୍ ଫେଡେରେସନ୍ (ସାଫ୍) ପକ୍ଷରୁ ଏହି ଘୋଷଣା କରାଯାଇଛି। ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଅଧିକ ବନ୍ଦୋବସ୍ତର ଆବଶ୍ୟକତା ଥିବା ସଦସ୍ୟ ସଂଘ ଏବଂ ସ୍ପୋର୍ଟ୍ସଫାଇଭ୍ ଅନୁଭବ କରୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ସାଫ୍‌ର ମିଡିଆ ରିଲିଜ୍‌ରେ କୁହାଯାଇଛି। ପୂର୍ବରୁ ୨୦୨୩ରେ ଭାରତରେ ଆୟୋଜିତ ଚାମ୍ପିଅନ୍‌ଶିପ୍ ହୋମ୍ ଏବଂ ଆୱେ ଫର୍ମାଟ୍‌ରେ ଖେଳାଯିବାର ସମ୍ଭାବନା ଥିଲା। ମାତ୍ର ପରେ ଏହା ଶ୍ରୀଲଙ୍କାରେ ଏହା ସେଣ୍ଟ୍ରାଲାଇଜଡ୍ ଭେନ୍ୟୁରେ ଆୟୋଜିତ କରାଯିବାକୁ ନିଷ୍ପତ୍ତି କରାଯାଇଥିଲା। ତେବେ ଏହା ଆସନ୍ତା ବର୍ଷକୁ ସ୍ଥଗିତ କରାଯାଇଛି ଏବଂ ଚାମ୍ପିଅନ୍‌ଶିପ୍‌ର ତାରିଖ ଓ ଭେନ୍ୟୁ ପରେ ବୃତ୍ତାନ୍ତ କରାଯିବ। ୨୦୨୬ରେ ଫିଫା ବିଶ୍ୱକପ୍ ଆୟୋଜିତ ହେବାକୁ ଥିବାରୁ ସାଫ୍ ଚାମ୍ପିଅନ୍‌ଶିପ୍ ପାଇଁ ଉପଯୁକ୍ତ ସମୟ ଏବଂ ଭେନ୍ୟୁ ଉପରେ ଦୃଷ୍ଟି ଦିଆଯିବ ବୋଲି ରିଲିଜ୍‌ରେ କୁହାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଚାମ୍ପିଅନ୍‌ଶିପ୍‌ର ସବୁଠୁ ସଫଳ ଟିମ୍ ଭାବେ ୯ ଥର ବିଜୟୀ ହୋଇଛି। ୨୦୨୩ ସଂସ୍କରଣରେ ସୁନୀଲ୍ ଛେତ୍ରୀ ଗୋଲ୍‌ଡେନ୍ ବଲ୍ (ଶ୍ରେଷ୍ଠ ଖେଳାଳି) ଓ ଗୋଲ୍‌ଡେନ୍ ବୁଟ୍ (ସର୍ବାଧିକ ଗୋଲ୍ ସ୍କୋରର୍) ପୁରସ୍କାର ଜିତିଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra